ଅଟଳ ନବୀକରଣ ଏବଂ ସହର ରୂପାନ୍ତରଣ ମିଶନ (ଅମୃତ) ୨.୦ ଅଧୀନ ପ୍ରକଳ୍ପ କାର୍ଯ୍ୟକାରିତାରେ ଓଡ଼ିଶା ହେଉଛି ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ। ରାଜ୍ୟ ସରକାରଙ୍କ ଦୃଢ଼ ନେତୃତ୍ୱ ଏବଂ ସୁଶାସନ ମାଧ୍ୟମରେ ସହରାଞ୍ଚଳ ଜଳ ନିରାପତ୍ତା ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ରୂପାନ୍ତରଣକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। କ୍ଷେତ୍ରସ୍ତରରେ ସଫଳତା ପାଇଁ ସରକାରଙ୍କ ସ୍ପଷ୍ଟ ରାଜନୈତିକ ପ୍ରତିବଦ୍ଧତା ଯୋଗୁ ରାଜ୍ୟର ୮୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ 'ଅମୃତ ୨.୦'ର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯାଇଛି। ସାର୍ବଜନୀନ ଜଳ ଯୋଗାଣ ଏବଂ ଜଳାଶୟଗୁଡ଼ିକର ପୁନରୁଦ୍ଧାର ପାଇଁ ୪,୦୩୦.୧୮ କୋଟି ଟଙ୍କାର ବ୍ୟୟ ଅଟକଳରେ ୩୪୫ଟି ପ୍ରକଳ୍ପ ଆରମ୍ଭ କରାଯାଇଛି। ସମୟାନୁବର୍ତ୍ତୀ କାର୍ଯ୍ୟ ଏବଂ ଉତ୍ତରଦାୟିତ୍ୱ ଉପରେ ସରକାର ଦେଉଥିବା ଗୁରୁତ୍ୱର ପ୍ରତିଫଳନ ସ୍ୱରୂପ ୧୦୭ଟି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇସାରିଛି। ବାକି ପ୍ରକଳ୍ପଗୁଡ଼ିକର ଅଗ୍ରଗତିକୁ ଉଚ୍ଚସ୍ତରରେ ନିୟମିତ ମନିଟରିଂ କରାଯାଉଛି। ରାଜ୍ୟରେ ୪୩ ଏମ.ଏଲ.ଡି କ୍ଷମତା ବିଶିଷ୍ଟ ୭ଟି ନୂତନ ଜଳ ବିଶୋଧନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି, ଯାହାଦ୍ୱାରା ପ୍ରାୟ ୨.୮୩ ଲକ୍ଷ ନାଗରିକ ଉପକୃତ ହେଉଛନ୍ତି। ପ୍ରମୁଖ ସହରାଞ୍ଚଳରେ ୨୪x୭ ଜଳଯୋଗାଣ ବ୍ୟବସ୍ଥା ଏବଂ ୨.୭ଲକ୍ଷରୁ ଅଧିକ ପରିବାରକୁ ପାଇପ ଯୋଗେ ଜଳ ସଂଯୋଗ ଯୋଗାଇ ଦିଆଯାଇଛି। ସରକାରଙ୍କ ସମାବେଶୀ ଆଭିମୁଖ୍ୟ 'ଅମୃତ ମିତ୍ର' ଏବଂ 'ୱିମେନ ଫର୍ ଟ୍ରି' ଭଳି ପଦକ୍ଷେପ ମାଧ୍ୟମରେ ବ୍ୟାପକ ଜନଭାଗିଦାରୀ ସୃଷ୍ଟି କରାଯାଇଛି। ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ପରିବେଶ ସ୍ଥିରତା କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେତୃତ୍ୱ ନେବା ପାଇଁ ସଶକ୍ତ କରାଯାଇଛି। ସେହିପରି 'କ୍ରେଡିଟ ଏନ୍‌ହାନ୍ସମେଣ୍ଟ ଇନିସିଏଟିଭ' ଅଧୀନରେ ଛୋଟ ସହରାଞ୍ଚଳ ପାଇଁ ୭୦.୨୭ କୋଟି ଟଙ୍କାର ୧୬ଟି ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଏହାବ୍ୟତୀତ ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ବ୍ରହ୍ମପୁର ଭଳି ପ୍ରମୁଖ ସହରଗୁଡ଼ିକ ପାଇଁ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ଅଧୀନରେ ୩,୦୩୦.୬୧ କୋଟି ଟଙ୍କାର ପାଞ୍ଚଟି ବୃହତ ଭିତ୍ତିଭୂମି ପ୍ରକଳ୍ପ ଦାଖଲ କରାଯାଇଥିବା ସୂଚନା ଦିଆଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, ଏହି ସଫଳତା ସହରୀ ଓଡ଼ିଶାକୁ ଦ୍ରୁତ, ବ୍ୟାପକ ଏବଂ ସ୍ଥାୟୀ ଭାବେ ରୂପାନ୍ତରିତ କରିବା ପାଇଁ ରାଜ୍ୟ ସରକାରଙ୍କ ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉଛି। ଯୋଜନା କାର୍ଯ୍ୟକାରୀ କରିବା ସହ ସାମଗ୍ରିକ ସହରାଞ୍ଚଳ ଜଳ ବିପ୍ଳବ ଅଣାଯାଉଛି, ଯାହା ପ୍ରତିଟି ପରିବାରକୁ ନିରାପଦ ଏବଂ ନିର୍ଭରଯୋଗ୍ୟ ପାନୀୟ ଜଳ ଯୋଗାଇବା ନିଶ୍ଚିତ କରୁଛି।

# ପିଏମ୍‌ଜିଏସ୍‌ୱାଇ-୪ରେ ୮ ଜିଲ୍ଲାକୁ ମିଳିବ ୧୭୦୦ କୋଟି: ମୁଖ୍ୟମନ୍ତ୍ରୀ

## ପ୍ରତି କୃଷି ଗ୍ରାମକୁ 'ବିହନ ଗ୍ରାମ'ରେ ଗଢ଼ି ତୋଳିବାକୁ ଇଚ୍ଛା ଅଛି: ଶିବରାଜ

ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଜଣେ ହିତାଧିକାରୀଙ୍କୁ ବିବାହ ସହାୟତା ରାଶି ପ୍ରଦାନ କରୁଛନ୍ତି।

ରାଜ୍ୟର ଗ୍ରାମାଞ୍ଚଳ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ୪ର୍ଥ ପର୍ଯ୍ୟାୟ (ପିଏମ୍‌ଜିଏସ୍‌ୱାଇ-ଆଇଭି)ର ଶୁଭାରମ୍ଭ ହୋଇଛି। ରାୟଗଡ଼ାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ପିଏମ୍‌ଜିଏସ୍‌ୱାଇ-୪ରେ ଓଡ଼ିଶାର ୮ ଜିଲ୍ଲା ପାଇଁ ପ୍ରାୟ ୧୭୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟବରାଦ କରାଯିବ। ଏଥିରେ ୮୯୮ଟି ଗାଁରେ ୧୭୦୨ କି.ମି. ପକ୍କାରାସ୍ତା ନିର୍ମାଣ କରାଯିବ। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଜିଲ୍ଲା ପାଇଁ ଅନେକ ନୂତନ ସଡ଼କ ପ୍ରକଳ୍ପ ଘୋଷଣା କରିବା ସହିତ ଏକାଧିକ ପାନୀୟ ଜଳ ଓ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଛନ୍ତି, ଗ୍ରାମାଞ୍ଚଳର ବିକାଶ ବିନା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଅସମ୍ଭବ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟିକୁ ସାକାର କରିବା ପାଇଁ ରାଜ୍ୟ ସରକାର ପିଏମ୍‌ଜିଏସ୍‌ୱାଇ-୪ ମାଧ୍ୟମରେ ଅଣସଂଯୋଜିତ ଗ୍ରାମଗୁଡ଼ିକୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ପର୍ଯ୍ୟାୟରେ କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ ସମ୍ବଲପୁର ଭଳି ୮ ଜିଲ୍ଲାର ୮୯୮ଟି ଗ୍ରାମକୁ ସବୁଦିନିଆ ପକ୍କାରାସ୍ତା ଯୋଗାଇ ଦିଆଯିବ। ଏଥିପାଇଁ ୧୭୦୨ କି.ମି. ଦୈର୍ଘ୍ୟର ୮୨୭ଟି ନୂତନ ରାସ୍ତା ନିର୍ମାଣ ହେବ; ଯେଉଁଥିରେ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୬୦:୪୦ ଅନୁପାତରେ ଅର୍ଥ ବିନିଯୋଗ କରିବେ। ଏହି ଶୁଭ ଅବସରରେ ଓଡ଼ିଶା ପାଇଁ କେନ୍ଦ୍ରୀୟ ସହାୟତାର ବଡ଼ ଘୋଷଣା କରାଯାଇଛି। ଏହାସହିତ ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଅଧୀନରେ ୬୩୦ କୋଟି ଟଙ୍କା ଏବଂ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଜଳ ବିଭାଜିକା ବିକାଶ ଉପାଦାନ ପାଇଁ ୩୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଶୁଭଦୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଶିବରାଜଙ୍କ ଓଡ଼ିଶା ପ୍ରୀତିକୁ ଉଚ୍ଚ ପ୍ରଶଂସା କରିଛନ୍ତି। ପିଏମ୍‌ଜିଏସ୍‌ୱାଇ-୪ରେ କେବଳ ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାରେ ୪୪୨ଟି ନୂତନ ରାସ୍ତା ନିର୍ମାଣ କରାଯିବ। ଏହାଛଡ଼ା ମୁଖ୍ୟମନ୍ତ୍ରୀ ରାୟଗଡ଼ା ଜିଲ୍ଲାର ବହୁ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। କୋଲନରା, ମୁନିଗୁଡ଼ା ଓ ରାୟଗଡ଼ା ବ୍ଲକରେ ୯୭ କୋଟି ଟଙ୍କା ବ୍ୟୟରେ ୩ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇଛି; ଯଦ୍ୱାରା ୯୮ଟି ଗାଁର ଜନସାଧାରଣ ଉପକୃତ ହେବେ। ରାୟଗଡ଼ା, କାଶୀପୁର, କେ. ସିଙ୍ଗପୁର, କୋଲନରା ଓ ମୁନିଗୁଡ଼ା ବ୍ଲକ ଅଞ୍ଚଳରେ ୧୦୪ କୋଟି ୫୬ ଲକ୍ଷ ଟଙ୍କା ବିନିଯୋଗରେ ୧୩ଟି ନୂଆ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶିବରାଜ କହିଛନ୍ତି, ସରକାର କେବଳ ପ୍ରତ୍ୟେକ ଗ୍ରାମକୁ ସଡ଼କ ପଥରେ ଯୋଡ଼ିବା ପାଇଁ ଆସିନାହାନ୍ତି। ପ୍ରତିଟି ହୃଦୟ ସହ ଯୋଡ଼ିହେବା ହେଉଛି ତାଙ୍କର ମୂଳ ଲକ୍ଷ୍ୟ। କୃଷି କ୍ଷେତ୍ରରେ ଓଡ଼ିଶାକୁ ଆଗକୁ ନେବା ଲାଗି କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ବୈଜ୍ଞାନିକ ଦଳ ପଠାଇବେ। ଏହି ବିଶେଷଜ୍ଞମାନେ ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲି ସମନ୍ୱିତ କୃଷି ବ୍ୟବସ୍ଥାର ସମୀକ୍ଷା କରିବେ। ଓଡ଼ିଶାର ପ୍ରତ୍ୟେକ କୃଷି ଗ୍ରାମକୁ ଏକ ବିହନ ଗ୍ରାମ ଭାବେ ଗଢ଼ି ତୋଳିବା ପାଇଁ କେନ୍ଦ୍ର ସରକାରଙ୍କ ଇଚ୍ଛା ରହିଛି ବୋଲି ସେ କହିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି, ସ୍ୱର୍ଗତ ବାଜପେୟୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରକଳ୍ପ ୪ର୍ଥ ପର୍ଯ୍ୟାୟରେ ପହଞ୍ଚିସାରିଛି। ଗାଁର କିପରି ବିକାଶ ହେବ ସେଥିନେଇ ଅନେକ ଯୋଜନା ହାତକୁ ନିଆଯିବା ସହିତ ଏହାର ସଫଳ ରୂପାୟନ ଦିଗରେ ଧ୍ୟାନ ଦିଆଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ରାୟଗଡ଼ା ବିଧାୟକ ଆପାଲା ସ୍ୱାମୀ କାଡ୍ରାକା, ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗୋ, ବିଷମକଟକ ବିଧାୟକ ନୀଳମାଧବ ହିକ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ବିଭାଗୀୟ ସଚିବ ଯାମିନୀ ଷଡ଼ଙ୍ଗୀ, ରାୟଗଡ଼ା ଜିଲ୍ଲାପାଳ କୁଲକର୍ଣ୍ଣି ଆଶୁତୋଷ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ନିର୍ଦ୍ଦେଶିକା ରୀନା ନାଗର ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ୟାଙ୍କକୁ ଭଉଣୀଙ୍କ କଙ୍କାଳ ବୋହିନେବା ଘଟଣା

# ସୀତାରାମନଙ୍କୁ ଚିଠି ଲେଖିଲେ ନବୀନ

## ଚିଠି, ଗଣମାଧ୍ୟମରେ ବିବୃତି ଛଡ଼ା କିଛି କରିପାରିବେନାହିଁ: ହରିଚନ୍ଦନ

ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)

ଜମା ଟଙ୍କା ପାଇବା ପାଇଁ ବ୍ୟାଙ୍କକୁ ନିଜ ଭଉଣୀଙ୍କ କଙ୍କାଳ ଧରି ଯାଇଥିବା କେନ୍ଦୁଝର ଜିଲ୍ଲାର ଜିତୁ ମୁଣ୍ଡାଙ୍କ ବିଷୟ ବର୍ତ୍ତମାନ ଦେଶ ଭିତରେ ଏବଂ ବାହାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ଶାସକ ଦଳକୁ ବିରୋଧୀ ଟାର୍ଗେଟ କରିବାରେ ଲାଗିଛନ୍ତି। ନିକଟରେ ଅନୁଷ୍ଠିତ ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଆଲୋଚନା ସମୟରେ ବିରୋଧୀ ଦଳର ଅଧିକାଂଶ ସଦସ୍ୟ ଜିତୁ ମୁଣ୍ଡାଙ୍କ କଙ୍କାଳ ବୋହିବା କଥା ଉଠାଇ ସରକାରକୁ ଘେରିଥିଲେ। ଏହି ବିଷୟ ଉପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶନିବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଚିଠି ଲେଖିବା ପରେ ତାହାକୁ ନେଇ ରାଜନୀତି ଜୋର୍ ଧରିଛି। ନବୀନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, କେନ୍ଦୁଝର ଜିଲ୍ଲା ମାଲିପୋଷୀ ସ୍ଥିତ ଗ୍ରାମ୍ୟ ବ୍ୟାଙ୍କରେ ଗତ ୨୭ ତାରିଖରେ ଯାହା ଘଟିଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଜଣେ ଆଦିବାସୀ ବ୍ୟକ୍ତି ଜିତୁ ମୁଣ୍ଡା ବ୍ୟାଙ୍କରେ ଥିବା କିଛି ଟଙ୍କା ନେବା ଲାଗି ତାଙ୍କ ମୃତ ଭଉଣୀଙ୍କ କଙ୍କାଳ ବୋହିକି ଆଣିବାକୁ ବାଧ୍ୟ ହେଲେ। ନିଜ ଅର୍ଥ ଉଠାଇବା ଲାଗି ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ଶେଷରେ ବିଫଳ ହେବାପରେ ସେ ଏହା କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଆର୍‌ବିଆଇ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରି ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଅମାନୁଷିକ କାର୍ଯ୍ୟ କରିଛନ୍ତି। ଗଣତନ୍ତ୍ରରେ ନାଗରିକଙ୍କୁ ସଶକ୍ତ କରିବାକୁ ନିୟମ ରଖାଯାଇଛି, କାହାକୁ ଅପମାନ କରିବାକୁ ନୁହେଁ। ଏହି ଘଟଣା ଓଡ଼ିଶାବାସୀଙ୍କ ମନରେ ଆଘାତ ଦେଇଛି। ଏହାବ୍ୟତୀତ ଅନ୍ତର୍ଜାତୀୟ ଗଣମାଧ୍ୟମ ନ୍ୟୁୟର୍କ ପୋଷ୍ଟ ଏବଂ ବିବିସିରେ ପ୍ରକାଶ ପାଇଛି। ଏଭଳି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନବୀନ ଅନୁରୋଧ କରିଛନ୍ତି। ଏହାଦ୍ୱାରା ନାଗରିକ କେନ୍ଦ୍ରିକ ସେବା କ୍ଷେତ୍ରରେ ବହୁ ପରିମାଣରେ ସହାୟକ ହେବ। ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକରେ ବ୍ୟାଙ୍କ କର୍ତ୍ତୃପକ୍ଷ ନାଗରିକ କେନ୍ଦ୍ରିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଉପଲବ୍ଧ କରିବା ଦରକାର। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲେ ଏକ ସ୍ପଷ୍ଟ ବାର୍ତ୍ତା ଯିବ, ଯଦ୍ୱାରା ଗ୍ରାମାଞ୍ଚଳ ବ୍ୟାଙ୍କଗୁଡ଼ିକରେ ନାଗରିକଙ୍କୁ ଉଚିତ ସେବା ମିଳିପାରିବ ବୋଲି ନବୀନ କହିଛନ୍ତି।

ନବୀନଙ୍କ ଏହି ଚିଠି ପରେ ତାଙ୍କ ଉପରେ ପାଲଟା ବର୍ଷିଛି ଭାଜପା। ଭାଜପାର ବରିଷ୍ଠ ନେତା ତଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିଜେଡି ନେତାଙ୍କ ପାଖରେ ଚିଠି ଲେଖିବା ଛଡ଼ା ଏବଂ ଗଣମାଧ୍ୟମରେ କଥା କହିବା ବ୍ୟତୀତ ଆଉ କିଛି କରିପାରିବେ ନାହିଁ। ସେମାନେ ଚିଠି ଲେଖନ୍ତୁ , ଯାହା ଲୋକଙ୍କ ପାଇଁ ଭଲ ପଦକ୍ଷେପ ନିଆଯିବା କଥା ସେହି କାମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରୁଛନ୍ତି। ଦାନ ମାଝୀ ଘଟଣା ସମୟରେ ନବୀନ ମୁଖ୍ୟମନ୍ତ୍ରୀ ଥିଲେ, ସେତେବେଳେ କ'ଣ ହୋଇଥିଲା। ବ୍ୟାଙ୍କ କର୍ମଚାରୀ ଯାହା କରିବା କଥା କରିନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦାନ ମାଝୀ ଘଟଣାରେ ତତ୍କାଳୀନ ସରକାରଙ୍କ ସମ୍ପୂର୍ଣ୍ଣ ଭୁଲ୍ ଥିଲା। ସେହି ସମୟରେ କାହାକୁ ନବୀନ ଚିଠି ଲେଖିଥିଲେ। ଜିତୁ ମୁଣ୍ଡାଙ୍କ ଘଟଣାରେ ଯାହା ପଦକ୍ଷେପ ନେବା କଥା ସରକାର ସଙ୍ଗେ ସଙ୍ଗେ କରିଛନ୍ତି ବୋଲି ହରିଚନ୍ଦନ କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ମା', ପୁଅ ମୃତ

ରିଆମାଳ,୨।୫(ବଦ୍ରି ନାରାୟଣ ଅଗ୍ରୱାଲା)

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ଅନ୍ତର୍ଗତ କୁଣ୍ଢେଇଗୋଳା ଗ୍ରାମରେ ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୋଟିଏ ପରିବାରର ମା' ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉପାସୀ ଭୂତିଆ(୪୦) ଏବଂ ମନପ୍ରୀତ ଭୂତିଆ(୭)। ସୂଚନା ଅନୁଯାୟୀ, ଉପାସୀ ଘର ପରିସରରେ ଥିବା କୂଅରେ ଖଞ୍ଜାଯାଇଥିବା ପାଣିପମ୍ପ ଚଳାଉଥିଲେ। ଏହି ସମୟରେ ହଠାତ୍ ସେ ଅସାବଧାନତାବଶତଃ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଏହାପରେ ମନପ୍ରୀତ ମଧ୍ୟ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ଉଭୟଙ୍କୁ କୁଣ୍ଢେଇଗୋଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉଭୟଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ କୁଣ୍ଢେଇଗୋଳା ପୋଲିସ ଡାକ୍ତରଖାନାରେ ପହଞ୍ଚି ଦୁଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ମହାନଦୀରେ ଜଳ ସଂରକ୍ଷଣ ରିପୋର୍ଟ ଦେଲେ ୨ ରାଜ୍ୟ

ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)

- ଗତ ୮ ତାରିଖ ଶୁଣାଣି ବେଳେ ରିପୋର୍ଟକୁ ନେଇ ଅସହମତି ପ୍ରକାଶ ପାଇଥିଲା
- ୩୦ରେ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଶନିବାର ଅନୁଷ୍ଠିତ ଟ୍ରିବ୍ୟୁନାଲରେ ଦୁଇ ରାଜ୍ୟ ଓଡ଼ିଶା ଏବଂ ଛତିଶଗଡ଼ର ଉଦ୍ୟମକୁ ପ୍ରଶଂସା କରାଯାଇଛି। ଗତ ୮ ତାରିଖରେ ଅନୁଷ୍ଠିତ ଟ୍ରିବ୍ୟୁନାଲରେ ମହାନାଦୀ ବେସିନ୍‌ରେ କେତେ ପାଣି ସଂରକ୍ଷିତ ହୋଇ ରହିଛି ତା'ର ରିପୋର୍ଟକୁ ନେଇ ଉଭୟ ରାଜ୍ୟ ଭିତରେ ସାମାନ୍ୟ ଅସହମତି ପ୍ରକାଶ ପାଇଥିଲା। ଏହାପରେ ଗତ ୨୪ ତାରିଖରେ ମହାନାଦୀରେ କେତେ ଜଳ ସଂରକ୍ଷିତ ରହୁଛି ତାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ ରାଜ୍ୟର ବୈଷୟିକ ଟିମ୍ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହାପରେ ୨ ରାଜ୍ୟର ଇଞ୍ଜିନିୟର ଇନ୍ ଚିଫ୍ ଦସ୍ତଖତକରି ମହାନଦୀରେ କେତେ ଜଳ ସଂରକ୍ଷିତ ରହୁଛି ତା'ର ରିପୋର୍ଟ ଶନିବାର ଟ୍ରିବ୍ୟୁନାଲରେ ଦାଖଲ କରିଛନ୍ତି। ୨ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ସେହି ରିପୋର୍ଟକୁ ଅନୁମୋଦନ ଦେଇଛନ୍ତି ବୋଲି ଓଡ଼ିଶା ଆଡ୍‌ଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି।

ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏହି ରିପୋର୍ଟ ଦାଖଲ ହେବା ପରେ ୨ରାଜ୍ୟ ମଧ୍ୟରେ ଦୀର୍ଘଦିନରୁ ଲାଗି ରହିଥିବା ବିବାଦର ସମାଧାନ ବାଟ ଖୋଲିଛି। ୨ ରାଜ୍ୟ ଭିତରେ ଜଳ ବଣ୍ଟନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ସୁପ୍ରିମକୋର୍ଟରେ ଜଳ ବଣ୍ଟନକୁ ନେଇ ଅନେକ ଶୁଣାଣି ରହିଛି। ତାକୁ ଆଧାରକରି ଏହି କାର୍ଯ୍ୟ କରାଯିବ। ମହାନଦୀ ଜଳ ବିବାଦ ପ୍ରସଙ୍ଗ ଦୀର୍ଘଦିନର ସମସ୍ୟା। ଗତ ସରକାର ଏହାର ସମାଧାନର ବାଟ ଖୋଜୁ ନ ଥିଲେ। ମାତ୍ର ଓଡ଼ିଶା ଓ ଛତିଶଗଡ଼ ସରକାର ଏବେ ଆପୋସ ସମାଧାନ ବାଟରେ ଯାଉଛନ୍ତି। କେନ୍ଦ୍ରମନ୍ତ୍ରୀ ଅମିତ ଶାହା ମଧ୍ୟ ଏଥିଲାଗି ୨ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଆସନ୍ତା ୩୦ରେ ପରବର୍ତ୍ତୀ ଶୁଣାଣି ହେବ। ସେହିଦିନ ଦୁଇଟି ବୈଠକ ମଧ୍ୟ ବସିବ ବୋଲି ପୀତାମ୍ବର କହିଛନ୍ତି।

ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ- ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ - ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। – ଶ୍ରୀଅରବିନ୍ଦ



# ପକ୍ଷପାତ ବିଚାର

ଆକାର ପଟେଲ

ଆପଣ ଯଦି ଜଣେ ସାଧାରଣ ବ୍ୟକ୍ତି, ତେବେ ଯେକୌଣସି ଦଳକୁ ସମର୍ଥନ କରିପାରିବେ ଏବଂ ଭୋଟ ଦେଇପାରିବେ। ଡିଏମ୍‌କେ, ଏଡିଏମ୍‌କେ, ଟିଡିପି, ଏନ୍‌ସିପି, ପିଡିପି, ଟିଏମ୍‌ସି, ଆଇଏନ୍‌ସି, ଜେଡି (ଏସ୍) ଏବଂ ଜେଡି (ୟୁ), ଏନ୍‌ସିପି, ଟିଆର୍‌ଏସ୍, ନୂଆ ଦଳ ଟିଭିକେ ଏବଂ ସିପିଏମ୍, ସିପିଆଇ ଇତ୍ୟାଦି ଦଳ ଅଛନ୍ତି। ଭିନ୍ନ ଭିନ୍ନ ବିଚାରକୁ ଗ୍ରହଣ କରୁଥିବା ଦଳର ମଧ୍ୟ ଅଭାବ ନାହିଁ। କିନ୍ତୁ ଯଦି ଭାରତୀୟ ସଂଖ୍ୟାଲଘୁ, ବିଶେଷକରି ମୁସଲମାନଙ୍କ ପ୍ରତି ଧମକ ଏବଂ ଉତ୍ପୀଡ଼ନ ବିଷୟକୁ ନେଇ ଆପଣଙ୍କର ଆଗ୍ରହ ଥାଏ ତେବେ ଆପଣଙ୍କ ପସନ୍ଦର କେବଳ ଗୋଟିଏ ଦଳ ଅଛି ଏବଂ ତାହା ହେଉଛି ଭାଜପା। ଏହା ପକ୍ଷପାତି ଭାରତୀୟଙ୍କୁ ଏକାଠି କରେ। ସମ୍ପ୍ରତି ଗଣମାଧ୍ୟମ ସହିତ ଆଲୋଚନାରେ ଜଣେ ବିଶ୍ଳେଷକ ସମାନ କଥାକୁ ଭିନ୍ନ ଉପାୟରେ କହିଛନ୍ତି। ସେ ଭାଜପାର ଆହ୍ୱାନ ବିଷୟରେ କହିଛନ୍ତି, ''ଯାହାର ଦକ୍ଷିଣପନ୍ଥୀ ଚିନ୍ତାଧାରା ଅଛି ତାହାର ଗୋଟିଏ ଦଳ ଅଛି। ଅନ୍ୟପଟେ, ଏତେ ପ୍ରତିଯୋଗିତା ଅଛି ଯେ ସେହି ଭୋଟ ବିଭାଜିତ ହୋଇଯାଏ।'' କାହିଁକି ଏହା ହେଉଛି। କାରଣ ଏହା ସତ୍ୟ ଯେ, ଭାଜପା ଯାହା କରେ ସେହି କ୍ଷେତ୍ରରେ ତାହାର କୌଣସି ପ୍ରତିଯୋଗିତା ନାହିଁ। କାହିଁକି 'ଦକ୍ଷିଣପନ୍ଥୀ' ଏକ ଘୃଣା-ଆଧାରିତ ଶବ୍ଦ ତାହା କ୍ଷଣକରେ ଦେଖିପାରିବା। ପ୍ରଥମେ, ଭାଜପାର କୌଣସି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି ବୋଲି ସ୍ୱୀକାର କରିବା ପରେ ଆମକୁ ମଧ୍ୟ ଗ୍ରହଣ କରିବାକୁ ପଡ଼ିବ ଯେ, ଏହା ଏକ ସରଳ ଏବଂ ବୋଧଗମ୍ୟ ସୂତ୍ର ପ୍ରଦାନ କରେ। 'ମୁଁ ମୁସଲମାନଙ୍କୁ ଘୃଣା କରେ' ମନ୍ତବ୍ୟ ଅତ୍ୟନ୍ତ ସ୍ପଷ୍ଟ, ପ୍ରତ୍ୟକ୍ଷ ଏବଂ ପ୍ରଭାବଶାଳୀ। ଦଳ କ'ଣ ପ୍ରତିନିଧିତ୍ୱ କରୁଛି ତାହା ବୁଝିବା ପାଇଁ ଭୋଟରଙ୍କୁ ଇସ୍ତାହାର ଅନୁଧ୍ୟାନ କରିବା ଦରକାର ନାହିଁ। ଭାଜପା ଚିନ୍ତାଧାରାର ମୂଳ ହେଉଛି ସଂଖ୍ୟାଲଘୁ ବିରୋଧୀ। ଯଦି ଆପଣ ଏପରି କରୁଥିବା ଏକ ଦଳ ଖୋଜୁଛନ୍ତି, ତେବେ ଆପଣଙ୍କ ପାଖରେ ଏକ ଜାତୀୟସ୍ତରରେ ରହିଥିବା ଏବଂ ଏହି ପ୍ରସଙ୍ଗକୁ ଦଶନ୍ଧି ଧରି ପ୍ରଦର୍ଶନ କରିଥିବା ଦଳ ଅଛି। ତେବେ ଅନ୍ୟ ଏକ ଦଳ କାହିଁକି ଖୋଜିବେ? ଏହାର କୌଣସି ଆବଶ୍ୟକତା ନାହିଁ।

ପ୍ରଶ୍ନ ଉଠେ, ଭାଜପା କ'ଣ ଅନ୍ୟ ଏକ ଦଳଠାରୁ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇପାରିବ ନାହିଁ? ଏହା ହୋଇପାରିବ ଏବଂ ନିଶ୍ଚିତ ହୋଇପାରେ। ତେବେ ଯେତେବେଳେ ଉତ୍ତରାଧିକାର ସଂଘର୍ଷ ଆରମ୍ଭ ହେବ ସେତେବେଳେ ଆମେ ସମ୍ଭବତଃ ତାହା ଦେଖିପାରିବା। ସଂଖ୍ୟାଲଘୁଙ୍କୁ ଘୃଣା କରିବାଠାରୁ ଆରମ୍ଭ କରି ସେମାନଙ୍କ ପ୍ରତି ହିଂସା ଆଚରଣ କରିବା ଭାଜପା ବିଚାରଧାରା ପରିସରଭୁକ୍ତ। ଏହା ହେଉଛି ପ୍ରଥମ ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ କାରଣ ଯେ ବାସ୍ତବରେ ଭାଜପାର ସଂଖ୍ୟାଲଘୁ ବିରୋଧୀ ଭାବନାର କୌଣସି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି। ଦ୍ୱିତୀୟ କାରଣ ହେଉଛି, ଅନ୍ୟ ଦଳଗୁଡ଼ିକ ଭାଜପା ଯାହା ଉପରେ ଗୁରୁତ୍ୱ ଦିଏ ତାହା କରିବାକୁ ପସନ୍ଦ କରି ନ ଥାନ୍ତି। ଆମେ ଜାଣୁ ଭାରତରେ ଅନେକ ଦଳ ସାମ୍ପ୍ରଦାୟିକତାରେ ଲିପ୍ତ। କିନ୍ତୁ ସାମ୍ପ୍ରଦାୟିକତା ସେମାନଙ୍କ ରାଜନୀତି କିମ୍ବା ସେମାନଙ୍କ ପରିଚୟର କେନ୍ଦ୍ରରେ ନାହିଁ। ଭାଜପା ଏକମାତ୍ର ଦଳ ନୁହେଁ, ଯିଏ ବିଭାଜନ ଏବଂ ଘୃଣାରୁ ଲାଭ ପାଇଛି, କିନ୍ତୁ ଏହା ଏକମାତ୍ର ଦଳ, ଯିଏ ଏହାକୁ ନିଜର ବିଚାର ଭାବେ ଗ୍ରହଣ କରିଛି।

ଯେଉଁ ପ୍ରସଙ୍ଗଗୁଡ଼ିକ ଭାଜପାକୁ ସବୁଠାରୁ ବଡ଼ ଦଳ କରିଛି ସେସବୁର ତାଲିକା ଅନେକ ବର୍ଷ ଧରି ଅପରିବର୍ତ୍ତିତ ରହିଥିଲା। ପ୍ରଥମତଃ, ମୁସଲମାନମାନଙ୍କୁ ଅଯୋଧ୍ୟାରେ ସେମାନଙ୍କ ମସ୍‌ଜିଦ ଛାଡ଼ିବାକୁ ପଡ଼ିବ। ଦ୍ୱିତୀୟରେ ମୁସଲମାନଙ୍କୁ କଶ୍ମୀରରେ ସେମାନଙ୍କ ସାମ୍ବିଧାନିକ ସ୍ୱାୟତ୍ତତା ଛାଡ଼ିବାକୁ ପଡ଼ିବ। ତୃତୀୟତଃ, ମୁସଲମାନଙ୍କୁ ସେମାନଙ୍କ ବ୍ୟକ୍ତିଗତ ଆଇନ ଛାଡ଼ିବାକୁ ପଡ଼ିବ। ଲକ୍ଷ୍ୟ କରନ୍ତୁ ଏହି ବିଚାରଧାରାରେ ହିନ୍ଦୁଙ୍କ ପାଇଁ କିଛି ନାହିଁ। ଦଳ ଯାହା ହାସଲ କରିବାକୁ ଚାହୁଁଥିଲା ସେଥିରୁ ଅଧିକାଂଶ ହାସଲ କରିବା ପରେ ମଧ୍ୟ ସମାନ ପଥରେ ଥିବା ଦେଖିବାକୁ ପାଇଛେ। ମୁସଲମାନଙ୍କୁ ସେମାନଙ୍କର ଖାଦ୍ୟପେୟ ତ୍ୟାଗ କରିବାକୁ ପଡ଼ିବ; କାହାକୁ ପ୍ରେମ ଏବଂ ବିବାହ କରିବେ ସେ ସମ୍ପର୍କିତ କାର୍ଯ୍ୟକଳାପ ତ୍ୟାଗ କରିବାକୁ ପଡ଼ିବ; କେଉଁଠି ରହିବେ, କେଉଁଠି ପ୍ରାର୍ଥନା କରିବେ ସେ ସମ୍ପର୍କିତ କାର୍ଯ୍ୟକଳାପକୁ ତ୍ୟାଗ କରିବାକୁ ପଡ଼ିବ; ମୁସଲମାନମାନେ ଭୋଟ ଦେଇପାରିବେ କି ନାହିଁ; ସେମାନେ ଶରଣ ନେଇପାରିବେ କି ନାହିଁ ଇତ୍ୟାଦି ଏବଂ ଆହୁରି ଅନେକ କିଛି। ଏହାର କୌଣସି ଅନ୍ତ ନାହିଁ କାରଣ ଉତ୍ପୀଡ଼ନ ହେଉଛି ଉଦ୍ଦେଶ୍ୟ ଏବଂ ଧମକ ହିଁ ଏକମାତ୍ର ଚୂଡ଼ାନ୍ତ ଲକ୍ଷ୍ୟ।

ଏହି ଧର୍ମାନ୍ଧତାକୁ 'ଦକ୍ଷିଣପନ୍ଥୀ' ଚିନ୍ତାଧାରା ଏବଂ ରାଜନୀତି କୁହାଯିବା ଏହି ଶବ୍ଦ ପ୍ରତି ଏକ ଅପମାନ। ରାଜନୀତିରେ ସାଧାରଣରେ ରକ୍ଷଣଶୀଳତାର ଏକ ଦୀର୍ଘ ଏବଂ ମହାନ୍ ପରମ୍ପରା ଅଛି। ଏହା ନିରନ୍ତରତା ଚାହେଁ। ଏହା ସ୍ଥିରତାକୁ ଗୁରୁତ୍ୱ ଦିଏ। ଉଦାହରଣ ସ୍ୱରୂପ, ମୁଦ୍ରା ଉଚ୍ଛେଦ ଏକ ଉଗ୍ର ସୁଧାରବାଦୀ ଧାରଣା, ଯାହା ରକ୍ଷଣଶୀଳ ନୁହେଁ। ଆମେ ଯେଉଁ ସଂସ୍ଥାଗୁଡ଼ିକର ମନଇଚ୍ଛା ଅଦଳବଦଳ କରିବା, ପୁନଃ ନାମକରଣ, କାଟିବା ଏବଂ ପରିବର୍ତ୍ତନ ଆଦି ଦେଖୁଛୁ, ସେଥିମଧ୍ୟରୁ କୌଣସିଟି ରକ୍ଷଣଶୀଳ ନୁହେଁ। ଏଠାରେ ଦକ୍ଷିଣପନ୍ଥୀକୁ ଯାହା ଚିତ୍ରିତ କରାଯାଇଛି ତାହା ହେଉଛି ତୀବ୍ର ପକ୍ଷପାତ। ଏହି କାରଣରୁ ଦଶନ୍ଧି ଧରି ଭାଜପା ଇସ୍ତାହାର ଅନେକ ବିଷୟକୁ ପରୀକ୍ଷାନିରୀକ୍ଷା କରି ଗ୍ରହଣ କରିଛି ଏବଂ ପ୍ରତ୍ୟାଖ୍ୟାନ କରିଛି। ସେସବୁ ୧୯୬୦ ଏବଂ ୧୯୭୦ ଦଶକରେ ସମାଜବାଦୀ ରହିଥିଲା। ବାଜପେୟୀଙ୍କ ଶାସନରେ ଦଳ ଘୋଷଣା କରିଥିଲା ଯେ, ଏହା ସମସ୍ତ ଭାରତୀୟଙ୍କ ଆୟ ଏବଂ ଘରର ଆକାରକୁ ସୀମିତ କରିବ। ଏହା ପରିତ୍ୟାଗ କରାଗଲା। ଦଳ ଦାବି କରିଥିଲା ଯେ କାରଖାନାରେ ଶ୍ରମିକଙ୍କ ସ୍ଥାନ ନେବା ପାଇଁ ଯାନ୍ତ୍ରିକୀକରଣକୁ ଅନୁମତି ଦିଆଯିବ ନାହିଁ। ଏହାକୁ ମଧ୍ୟ ବାଦ୍ ଦିଆଯାଇଥିଲା। ଏହା ଚାହୁଁଥିଲା ଯେ ଚାଷୀମାନେ ଟ୍ରାକ୍ଟର ବଦଳରେ ବଳଦରେ ଚାଷ କରନ୍ତୁ, ଯେଉଁଥିରୁ ମଧ୍ୟ ଦୂରେଇଯାଇଥିଲା। ଏହି ବିଷୟଗୁଡ଼ିକୁ କାହିଁକି ଗ୍ରହଣ କରାଯାଇଥିଲା କିମ୍ବା ପ୍ରତ୍ୟାଖ୍ୟାନ କରାଯାଇ ଥିଲା, ସେ ସମ୍ପର୍କରେ କୌଣସି ବ୍ୟାଖ୍ୟା କରାଯାଇ ନ ଥିଲା। ଭାଜପା/ଜନସଂଘ ଯେଉଁ ପ୍ରାଥମିକ ଫଳାଫଳ ପ୍ରଦାନ କରୁଥିଲା ତାହା ସ୍ପଷ୍ଟତଃ ଥିଲା ସଂଖ୍ୟାଲଘୁଙ୍କ ପ୍ରତି ଏହାର ପ୍ରକୃତ ତଥା ଅପରିବର୍ତ୍ତନୀୟ ଘୃଣା ଭାବନା। ବାକି ସବୁ ଥିଲା ଅପ୍ରାସଙ୍ଗିକ।

Email:aakar.patel@gmail.com

# ସବୁଜ ଶକ୍ତି ଓ ନିଯୁକ୍ତି ସୁଯୋଗ

ଡ. ଜୟକୃଷ୍ଣ ପାଣିଗ୍ରାହୀ

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପରି ଗମ୍ଭୀର ପରିବେଶ ସମସ୍ୟାର ପ୍ରଚ୍ଛଦରେ ରହିଛି ଶକ୍ତି ଉତ୍ପାଦନର ପ୍ରମୁଖ ଉତ୍ସ କୋଇଲା, ପେଟ୍ରୋଲିୟମ ତୈଳ ଏବଂ ପ୍ରାକୃତିକ ଗ୍ୟାସ ପରି ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାର। ଏହି ପ୍ରକ୍ରିୟାରେ ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପ ଏବଂ ଅନ୍ୟାନ୍ୟ ପ୍ରଦୂଷକ ବାୟୁମଣ୍ଡଳକୁ ନିର୍ଗତ ହୋଇ ଉତ୍ତାପ ବୃଦ୍ଧିରେ ସହାୟତା କରୁଛି। ମାନବ ସଭ୍ୟତାର ବିକାଶରେ ଶକ୍ତି ବ୍ୟବହାର ବିସ୍ତାରିତ ହୋଇଚାଲିଛି, ଜୀବାଶ୍ମ ଇନ୍ଧନର ଦହନ ବୃଦ୍ଧିପ୍ରାପ୍ତ ଏବଂ ଜଳବାୟୁ ସମସ୍ୟା ପରିବର୍ଦ୍ଧିତ ହେଉଛି। ସମସ୍ୟାର ସମାଧାନ ନିମନ୍ତେ ବିକଳ୍ପ ସ୍ୱଚ୍ଛ, ସବୁଜ ଶକ୍ତି ଉତ୍ସର ବ୍ୟବହାରକୁ ପ୍ରାଧାନ୍ୟ ଦେଇ ତ୍ୱରିତ ବେଗରେ ଜୀବାଶ୍ମ ଇନ୍ଧନକୁ ବର୍ଜନ କରିବା ଲକ୍ଷ୍ୟରେ ୨୦୧୫ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ନିଷ୍ପତ୍ତି ଗୃହୀତ ହୋଇଥିଲା। ଜୀବାଶ୍ମ ଇନ୍ଧନ-ଆଧାରିତ ଶକ୍ତିରେ ପରିବର୍ତ୍ତନ (ଏନର୍ଜି ଟ୍ରାଞ୍ଜିସନ)ର ଉଦ୍ଦେଶ୍ୟ ହେଉଛି ଶକ୍ତି ଉତ୍ପାଦନ ପ୍ରକ୍ରିୟାରେ ସୌର, ପବନ, ଜଳବିଦ୍ୟୁତ୍, ଭୂତାପଜ, ସାମୁଦ୍ରିକ ଢେଉ, ଜୈବିକ, ଉଦ୍‌ଜାନ (ହାଇଡ୍ରୋଜେନ) ଏବଂ ଅନ୍ୟାନ୍ୟ ନବୀକରଣୀୟ ଶକ୍ତି ପରି ସ୍ୱଚ୍ଛ, ଅଧିକ ସ୍ଥାୟୀ ଉତ୍ସକୁ ଅଗ୍ରାଧିକାର ପ୍ରଦାନ। ଏହି ପରିବର୍ତ୍ତନ କେବଳ ଏକ ପ୍ରଯୁକ୍ତିବିଦ୍ୟା ଏବଂ ପରିବେଶୀୟ ଆବଶ୍ୟକତା ନୁହେଁ, ବରଂ ଏକ ପ୍ରମୁଖ ଅର୍ଥନୈତିକ ଏବଂ ସାମାଜିକ ପରିବର୍ତ୍ତନ ମଧ୍ୟ। ଏହାର ଗୁରୁତ୍ୱପୂର୍ଣ୍ଣ ପରିଣାମ ମଧ୍ୟରୁ ଗୋଟିଏ ହେଉଛି ପରିବେଶଧର୍ମୀ ସବୁଜ ନିଯୁକ୍ତି ସୃଷ୍ଟିର ସୁଯୋଗ, ଯାହା ପରିବେଶକୁ ସଂରକ୍ଷଣ ଏବଂ ପୁନରୁଦ୍ଧାର କରିବାରେ ଅବଦାନ ରଖେ।

ଶକ୍ତି ପରିବର୍ତ୍ତନର ଅତ୍ୟାବଶ୍ୟକତା ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପରିଣାମ ଦ୍ୱାରା ପରିଚାଳିତ। ଜୀବାଶ୍ମ ଇନ୍ଧନର ନିଷ୍କାସନ, ଉତ୍ପାଦନ, ପରିବହନ ଏବଂ ବ୍ୟବହାର ଦ୍ୱାରା ସବୁଜଗୃହ ଗ୍ୟାସ୍, ବିଶେଷକରି ଅଙ୍ଗାରକାମ୍ଳ, ମିଥେନ ଏବଂ ନାଇଟ୍ରସ ଅକ୍ସାଇଡ୍ ନିର୍ଗତ ହୁଏ, ଯାହା ବାୟୁମଣ୍ଡଳରୁ ମହାକାଶକୁ ଫେରି ଯାଉଥିବା ଅତିରିକ୍ତ ଉତ୍ତାପକୁ ବାନ୍ଧି ରଖେ; ପରିଣାମରେ ବୈଶ୍ୱିକ ଉଷ୍ମତା ବୃଦ୍ଧିପାଏ। ବର୍ଦ୍ଧିତ ତାପମାତ୍ରା, ପ୍ରାକୃତିକ ବିପର୍ଯ୍ୟୟ ଘଟଣା ଏବଂ ପରିବେଶୀୟ ଅବକ୍ଷୟ ସ୍ପଷ୍ଟ କରିଛି ଯେ ପ୍ରଚଳିତ ଶକ୍ତି ବ୍ୟବସ୍ଥା ସହନୀୟ ମାର୍ଗରେ ପରିଚାଳିତ ହେଉନାହିଁ। ପ୍ୟାରିସ୍ ସମ୍ମିଳନୀରେ ପାରିତ ଅନ୍ତର୍ଜାତୀୟ ଚୁକ୍ତିନାମା ଅନୁଯାୟୀ ରାଷ୍ଟ୍ରଗୁଡ଼ିକ ନିର୍ଗମନ ହ୍ରାସ କରିବାକୁ ପ୍ରତିବଦ୍ଧ ହୋଇଥିବାରୁ ସ୍ୱଚ୍ଛ ଶକ୍ତିକୁ ପରିବର୍ତ୍ତନ ଏକାନ୍ତ ଅପରିହାର୍ଯ୍ୟ। ଅବଶ୍ୟ ଏହି ପରିବର୍ତ୍ତନ ଆରମ୍ଭ ହୋଇସାରିଛି ଏବଂ ବିଗତ ଦଶନ୍ଧିରେ ନବୀକରଣୀୟ ଶକ୍ତି ପ୍ରଯୁକ୍ତିବିଦ୍ୟା ଅଧିକ ସୁଲଭ ହୋଇଛି ଏବଂ ଦକ୍ଷତା ଅର୍ଜନ କରିଛି। ଉଦାହରଣ ସ୍ୱରୂପ, ସୌର ପ୍ୟାନେଲ ଏବଂ ପବନ ଟର୍ବାଇନ୍‌ଗୁଡ଼ିକ ବର୍ତ୍ତମାନ ଅନେକ ଅଞ୍ଚଳରେ ପାରମ୍ପରିକ ଶକ୍ତି ଉତ୍ସ ସହିତ ମୂଲ୍ୟ-ପ୍ରତିଦ୍ୱନ୍ଦ୍ୱୀ ହୋଇପାରିଛି। ସରକାର ଏବଂ ଘରୋଇ କ୍ଷେତ୍ରଗୁଡ଼ିକ ସ୍ୱଚ୍ଛ ଶକ୍ତି ଭିତ୍ତିଭୂମି, ବୈଦ୍ୟୁତିକ ଯାନବାହନ ଏବଂ ଶକ୍ତି-ଦକ୍ଷ ପଦ୍ଧତିରେ ପ୍ରଚୁର ନିବେଶ କରୁଛନ୍ତି। ଏହି ନିବେଶଗୁଡ଼ିକ କେବଳ ନିର୍ଗମନ ହ୍ରାସ କରୁନାହିଁ, ବରଂ ଶ୍ରମ ବଜାର ଓ ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ଅବଦାନ ରଖୁଛି।

ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏପରି ପରିବର୍ତ୍ତନ ସବୁଜ ନିଯୁକ୍ତିର ପଥ ଉନ୍ମୁକ୍ତ ଓ ପରିବ୍ୟାପ୍ତ କରେ। ସମ୍ପ୍ରତି ନବୀକରଣୀୟ ଶକ୍ତି ଉତ୍ପାଦନ, ଶକ୍ତି ଦକ୍ଷତା, ସହନୀୟ କୃଷି, ବର୍ଜ୍ୟ ପରିଚାଳନା ଏବଂ ପରିବେଶ ସଂରକ୍ଷଣ ସମେତ ବିଭିନ୍ନ କ୍ଷେତ୍ରରେ ନୂତନ ନିଯୁକ୍ତି ସୃଷ୍ଟି ହେଉଛି। ଉଦାହରଣ ସ୍ୱରୂପ, ସୌର ପ୍ୟାନେଲ ସଂସ୍ଥାପନ, ପବନ ଟର୍ବାଇନ ରକ୍ଷଣାବେକ୍ଷଣ, ବୈଦ୍ୟୁତିକ ଯାନ ଉତ୍ପାଦନ ଏବଂ ପରିବେଶଧର୍ମୀ ଗୃହନିର୍ମାଣ କ୍ଷେତ୍ରରେ ନିଯୁକ୍ତିସବୁକୁ ସବୁଜ ଚାକିରି ରୂପେ ବିବେଚନା କରାଯାଏ। ଏପରି ନୂତନ ବିକାଶସବୁ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହିତ ନକାରାତ୍ମକ ପରିବେଶୀୟ ପ୍ରଭାବକୁ ହ୍ରାସ କରେ। ସବୁଜ ନିଯୁକ୍ତିର ଏକ ପ୍ରମୁଖ ଉପକାର ହେଉଛି ବୃହତ୍ ପରିମାଣର ନିଯୁକ୍ତି ନିମନ୍ତେ ଏହା ଯଥେଷ୍ଟ ସୁଯୋଗ ସୃଷ୍ଟି କରେ। ନବୀକରଣୀୟ ଶକ୍ତି ଶିଳ୍ପଗୁଡ଼ିକ ସାଧାରଣତଃ ଜୀବାଶ୍ମ ଇନ୍ଧନ ଶିଳ୍ପ ଅପେକ୍ଷା ଅଧିକ ଶ୍ରମ-କୈନ୍ଦ୍ରିକ। ଦୃଷ୍ଟାନ୍ତ ସ୍ୱରୂପ, ସୌର ଫାର୍ମ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ କୋଇଲା ପ୍ଲାଣ୍ଟ ତୁଳନାରେ ପ୍ରତି ୟୁନିଟ୍ ଉତ୍ପାଦିତ ଶକ୍ତି ପାଇଁ ଅଧିକ ଶ୍ରମିକ ଆବଶ୍ୟକ ହୁଅନ୍ତି। ଏହାର ଅର୍ଥ ହେଉଛି ଯେ ରାଷ୍ଟ୍ରଗୁଡ଼ିକ ନବୀକରଣୀୟ ଶକ୍ତିରେ ନିବେଶ କଲେ, ସେମାନେ ସାମଗ୍ରିକ ଭାବରେ ଅଧିକ ନିଯୁକ୍ତି ସୃଷ୍ଟି କରିପାରିବେ। ବୈଶ୍ୱିକ ଆକଳନ ଅନୁଯାୟୀ, ଶକ୍ତି ପରିବର୍ତ୍ତନର ପରିଣାମରେ ଆଗାମୀ ଦଶନ୍ଧିଗୁଡ଼ିକରେ ଲକ୍ଷ ଲକ୍ଷ ନୂତନ ନିଯୁକ୍ତି ଉପଲବ୍ଧ ହେବାକୁ ଯାଉଛି।

ତେବେ ଏପରି ପରିବର୍ତ୍ତନ ଚ୍ୟାଲେଞ୍ଜ ସୃଷ୍ଟିର ସମ୍ଭାବନା ବହନ କରେ। କୋଇଲା ଏବଂ ତୈଳ ଚାହିଦା ହ୍ରାସ ପାଇବା ସହିତ ପାରମ୍ପରିକ ଜୀବାଶ୍ମ ଇନ୍ଧନ ଶିଳ୍ପରେ ଶ୍ରମିକମାନେ ଚାକିରି ହରାଇବାର ସମ୍ମୁଖୀନ ହୋଇପାରନ୍ତି। ଏହି ଶିଳ୍ପଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭରଶୀଳ ଥିବା ଅଞ୍ଚଳଗୁଡ଼ିକ ଆର୍ଥିକ କ୍ଷେତ୍ରରେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ଅତଏବ ଏକ 'ନ୍ୟାୟସଙ୍ଗତ ପରିବର୍ତ୍ତନ' ଅତ୍ୟାବଶ୍ୟକ, ଯାହା ନିଶ୍ଚିତ କରିବ ଯେ ପ୍ରଭାବିତ ଶ୍ରମିକଙ୍କୁ ପୁନଃ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା ଏବଂ ନୂତନ ନିଯୁକ୍ତି ସୁଯୋଗ ମାଧ୍ୟମରେ ଥଇଥାନ ନିମନ୍ତେ ସମର୍ଥନ କରାଯାଉଛି। ଅନ୍ୟପକ୍ଷରେ, ସରକାରମାନେ ସାମାଜିକ ସମାନତା ସହିତ ପରିବେଶଗତ ଲକ୍ଷ୍ୟକୁ ସନ୍ତୁଳିତ କରୁଥିବା ନୀତି ନିର୍ଦ୍ଧାରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ସବୁଜ ନିଯୁକ୍ତି ନିମନ୍ତେ କର୍ମଶକ୍ତିକୁ ପ୍ରସ୍ତୁତ କରିବାର ମୁଖ୍ୟ ଅସ୍ତ୍ର ହେଉଛି ଉପଯୁକ୍ତ ଶିକ୍ଷା ଏବଂ ଦକ୍ଷତାର ବିକାଶ। ଏହି ଭୂମିକାଗୁଡ଼ିକ ମଧ୍ୟରୁ ଅନେକଙ୍କ ନିମନ୍ତେ ଇଞ୍ଜିନିୟରିଂ ଶିକ୍ଷା, ତଥ୍ୟ ବିଶ୍ଳେଷଣ କିମ୍ବା ବିଶେଷ ସଂସ୍ଥାପନ ଦକ୍ଷତା ଭଳି ବୈଷୟିକ ନିପୁଣତା ଆବଶ୍ୟକ। ବୃତ୍ତିଗତ ତାଲିମ କାର୍ଯ୍ୟକ୍ରମ, ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ଏବଂ ସରକାରୀ-ବେସରକାରୀ ସହଭାଗିତା କର୍ମଚାରୀଙ୍କୁ ଆବଶ୍ୟକ ଜ୍ଞାନ ପ୍ରଦାନ ଦ୍ୱାରା ସୁଦକ୍ଷ ଓ ସଶକ୍ତ କରିବ। ଅବଶ୍ୟ ସମସ୍ତ ସବୁଜ ନିଯୁକ୍ତି ଅତ୍ୟନ୍ତ ବୈଷୟିକ ପ୍ରକୃତିର ନୁହେଁ; ପ୍ରଶାସନିକ, ଲଜିଷ୍ଟିକ୍ସ ଏବଂ ସମ୍ପ୍ରଦାୟ-ଭିତ୍ତିକ ପରିବେଶଜନିତ କାର୍ଯ୍ୟ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ନିଯୁକ୍ତିର ସୁଯୋଗ ରହିଛି।

ଭାରତ ସମେତ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଶକ୍ତି ପରିବର୍ତ୍ତନରୁ ଯଥେଷ୍ଟ ଲାଭ ହାସଲ କରିବାକୁ ହକ୍‌ଦାର। ସୂର୍ଯ୍ୟକିରଣ ଏବଂ ପବନ ଭଳି ପ୍ରଚୁର ନବୀକରଣୀୟ ସମ୍ବଳ ଉପଲବ୍ଧ ହେଉଥିବା ପରିସ୍ଥିତିରେ ସେମାନେ ପାରମ୍ପରିକ ଶକ୍ତି ବ୍ୟବସ୍ଥାକୁ ପରିତ୍ୟାଗ କରି ସ୍ୱଚ୍ଛ, ସବୁଜ ଅର୍ଥନୀତି ଗଠନ କରିପାରିବେ। ଭାରତରେ, ସୌର ପାର୍କର ସମ୍ପ୍ରସାରଣ ଏବଂ ବୈଦ୍ୟୁତିକ ଯାନ ଗତିଶୀଳତାକୁ ପ୍ରୋତ୍ସାହନ ଭଳି ପଦକ୍ଷେପଗୁଡ଼ିକ ପୂର୍ବରୁ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। କିନ୍ତୁ ପ୍ରସଙ୍ଗ ହେଉଛି, ଏହି ପ୍ରକ୍ରିୟାର ଅଭିବୃଦ୍ଧିରେ ସମସ୍ତେ ଅନ୍ତର୍ଭୁକ୍ତ ହେବା ଏବଂ ଉପଲବ୍ଧ ଲାଭ ଗ୍ରାମୀଣ ଓ ଦରିଦ୍ର ବର୍ଗ ପାଖରେ ପହଞ୍ଚିବାକୁ ନିଶ୍ଚିତ କରିବା ନିମନ୍ତେ ଯୋଜନା ଯତ୍ନବାନ ହେବା ଆବଶ୍ୟକ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନବସୃଜନ। ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ନୂତନ ପ୍ରଯୁକ୍ତିବିଦ୍ୟା, ଯେପରିକି ବ୍ୟାଟେରି ସଂରକ୍ଷଣ, ଉଦ୍‌ଜାନ ଇନ୍ଧନ ଏବଂ ସ୍ମାର୍ଟ ଗ୍ରୀଡ୍‌ରେ ଗବେଷଣା ଏବଂ ବିକାଶକୁ ପ୍ରେରଣା ଦେଉଛି। ଏହି ନବସୃଜନ ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ଉଦ୍ୟୋଗ କ୍ଷେତ୍ରରେ ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ଷ୍ଟାର୍ଟଅପ୍ ଏବଂ କ୍ଷୁଦ୍ର ବ୍ୟବସାୟଗୁଡ଼ିକ ମଧ୍ୟ ସ୍ଥାନୀୟ ସମସ୍ୟା ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ଏବଂ ନିଯୁକ୍ତି ସମ୍ଭାବନାକୁ ଆହୁରି ବିସ୍ତାରିତ କରୁଛନ୍ତି।

ଏହା ହୃଦୟଙ୍ଗମ ହେବା ବାଞ୍ଛନୀୟ ଯେ ଶକ୍ତି ପରିବର୍ତ୍ତନ ପରିବେଶୀୟ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ- ଏହା ଅଧିକ ନିରନ୍ତର ଏବଂ ସମସ୍ତଙ୍କ ହିତ ସାଧନକାରୀ ଅର୍ଥନୀତି ହାସଲ ଦିଗରେ ଏକ ସୁଗମ ପଥ। ସବୁଜ ନିଯୁକ୍ତି ସୃଷ୍ଟି ଏହି ପରିବର୍ତ୍ତନର କେନ୍ଦ୍ରରେ ଅବସ୍ଥିତ, ଯାହା ଚାକିରି, ନବସୃଜନ ଏବଂ ସାମାଜିକ ପ୍ରଗତି ନିମନ୍ତେ ସୁଯୋଗ ପ୍ରଦାନ କରେ। ଯଦିଓ ଅନେକ ଆହ୍ୱାନ ସମ୍ମୁଖରେ ବିଦ୍ୟମାନ, ବିଶେଷକରି ଜୀବାଶ୍ମ ଇନ୍ଧନରୁ ଦୂରେଇ ଯିବାରେ, ଶିକ୍ଷା ଏବଂ ଭିତ୍ତିଭୂମିରେ ସକ୍ରିୟ ନୀତି ଓ ନିବେଶ ସୁନିଶ୍ଚିତ କରିବ ଯେ ହିତଗୁଡ଼ିକ ସମ ଭାବରେ ବଣ୍ଟନ ହେଉଛି। ବିଶ୍ୱ ଏକ ନିମ୍ନ ଅଙ୍ଗାରକ (କାର୍ବନ) ଭବିଷ୍ୟତ ଆଡ଼କୁ ଗତି କରିବାର ଆବଶ୍ୟକତା ଥିବାରୁ, ଶକ୍ତି ପରିବର୍ତ୍ତନ ଏବଂ ସବୁଜ ନିଯୁକ୍ତି ମଧ୍ୟରେ ସମ୍ପର୍କ ଆର୍ଥିକ ବିକାଶ ଏବଂ ପରିବେଶଗତ ସ୍ଥିରତା ଉଭୟକୁ ହାସଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

- କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି
ମୋ: ୯୪୩୭୦୭୬୧୦୦

# ଯୋଗ ଦିବାରାତ୍ରି



ବ୍ରଜମୋହନ ମିଶ୍ର

ଭାରତ ନେତୃତ୍ୱରେ ସାରା ବିଶ୍ୱରେ ପାଳିତ ଯୋଗଦିବସରେ ଶହଶହ ଯୋଗୀ ଓ ଯୋଗିନୀ ବିଭିନ୍ନ ଆସନ, ପ୍ରାଣାୟାମ ଇତ୍ୟାଦି ପତଞ୍ଜଳିକୃତ ଯୋଗମାର୍ଗ ପ୍ରଦର୍ଶନ କରନ୍ତି । ଯୋଗ କଲେ ବ୍ୟକ୍ତି ସୁସ୍ଥ ରହିବ- ଏଇ ବିଶ୍ୱାସ ସେମାନଙ୍କ ମଧ୍ୟରେ ଚେରମାଡ଼ି ଶକ୍ତ ହୋଇଯାଇଥାଏ। ଅବଶ୍ୟ ଏହା କଦାପି ବି ଭୁଲ୍ ନୁହଁ। ଯଥାଯଥ ଯୋଗକ୍ରିୟା ସଂପାଦନ କଲେ ଯୋଗୀ ଅବା ଯୋଗିନୀମାନେ ନୀରୋଗ ରହିବେ। ମନ ଶାନ୍ତ ରହିବ ଏବଂ ପ୍ରାଣର ବୈକଲ୍ୟ କଟିଯିବ। ଆଉ ପାଦେ ଆଗକୁ ଯାଇ ପାରିଲେ ସେମାନେ ମଧ୍ୟ ଆତ୍ମବୋଧ କରିପାରନ୍ତି। ଏଇ ଆକାଂକ୍ଷା ତାଡ଼ିତ ଏଇ ଜୀବୀଗଣ ଯୋଗକୁ ଯେପରି ଓ ଯେତିକି ବୁଝିଥାନ୍ତି ସେମାନେ ସେପରି ଓ ସେତିକି କରିବା ବ୍ୟତୀତ ଆଉ ଅଧିକ କ'ଣ କରିପାରନ୍ତେ? ତେଣୁ ଯୋଗର ଏପରି ବୁଝାମଣା ଓ ସାଧନ ଓ ତା'ର ମାର୍ମିକ ଆବେଦନ ଏମାନଙ୍କଠାରେ ରହିଯାଏ ଅଜଣା ଯାହା ସେମାନେ ଜାଣିଥିଲେ ଅସଲ ଯୋଗୀ ଜୀବନ ଯାପନ କରିପାରିଥାନ୍ତେ ଏବଂ ସେତେବେଳେ ବିଶ୍ୱ ଯୋଗମୟ ହୋଇଥାନ୍ତା। ଆଉ ଏପରି ଏକ ପରିବର୍ତ୍ତିତ ଯୋଗମୟ ବିଶ୍ୱରେ ଠିକଣା ପ୍ରାଣାୟାମ ଚାଲି ତାକୁ ସକଳ 'ଗଣ୍ଡକୁହୁକ' (ଗଙ୍ଗାଧର ମେହେର) ରେ ପଡ଼ି ଘାରି ହୋଇ ଘୋରି ଯିବାରୁ ରକ୍ଷା କରି ଯଥାର୍ଥ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଦେଇ ପାରିଥାନ୍ତା। ସେହି ସୁନାର ଦିବସ ଓ ରାତି ଆସିଥିଲେ ଯୋଗୀ ଓ ଯୋଗିନୀ ସମେତ ସେମାନଙ୍କୁ ଘେରିଥିବା ସେମାନଙ୍କ ସଂଖ୍ୟାହୀନ ଅଯୋଗୀ ଓ ଅଯୋଗିନୀମାନେ ମଧ୍ୟ ଯାବତୀୟ ଉପଦ୍ରବକୁ ଉପରଠିରେ ପରିବର୍ତ୍ତିତ କରିପାରିଥାଆନ୍ତେ।

ବ୍ୟକ୍ତିର କେବଳ ଦେହ ଅଛି ବୋଲି ସେ ନାହିଁ। କେବଳ ତା'ର ଆତ୍ମାଟିଏ ଥିଲେ ବି ସେ ନ ଥାନ୍ତା ଅର୍ଥାତ୍ ବ୍ୟକ୍ତ ହୋଇପାରି ନ ଥାନ୍ତା। ଅର୍ଥାତ୍ ସେ ଦୃଶ୍ୟ ଓ ଅଦୃଶ୍ୟର ଏକ ଚମତ୍କାର 'ଯୋଗ' ଯୋଗୁ ଏ ସଂସାରରେ ଅଛି। ପୁଣି ତା'ର ପ୍ରତିଦିନର ବଞ୍ଚିବା ସମ୍ଭବ ହେଉଛି ଭିନ୍ନ ଏକ ନିରନ୍ତର ଯୋଗରେ ଯାହା ତା'ର ପ୍ରତି ପଦପାତରେ ସେ ଲାଭ କରୁଛି ହୁଏତ କେତେବେଳେ ଲୋଡ଼ି ଏବଂ କେତେବେଳେ ବିନା ଲୋଡ଼ିବାରେ। ଏହା ସମ୍ଭବ ହେଉଛି ତା' ପାଇଁ ସଦା ଉପସ୍ଥିତ ରହି ତା' ଲାଗି ଯୋଗ କରିବାକୁ ସଦା ପ୍ରଣତ ଓ ପ୍ରସନ୍ନଥିବା ଏକ ବିରାଟ ବିଶ୍ୱ, ଯାହା ବିଭିନ୍ନ ସଂପଦସମ୍ପନ୍ନ। ତାହା ହୋଇପାରେ ପ୍ରାଣୀ, ଉଦ୍ଭିଦ ଏବଂ ମାନବ ସମାଜ। ଏମାନେ ତା' ପାଇଁ

ଯୋଗ କରୁଥିବାର ତତ୍ତ୍ୱ ବ୍ୟକ୍ତି ଦେଖିବାକୁ ଅନାଗ୍ରହୀ ତେଣୁ ଅଯୋଗ୍ୟ ଓ ଅସମର୍ଥ। ହେଲେ ବାସ୍ତବରେ ସେମାନଙ୍କ ଦୃଶ୍ୟମାନ ଆସନ, ପ୍ରାଣାୟାମ କ୍ରିୟା 'ଭାବ ଯୋଗ' କ'ଣ କମ୍ ବଡ଼ ବିଶ୍ୱାସ, ଶ୍ରଦ୍ଧା ଓ ସମର୍ପଣର ଅଭ୍ରାନ୍ତ ଦୃଷ୍ଟାନ୍ତ! ବ୍ୟକ୍ତିର ପାଖାପାଖି ବେଢ଼ି ରହିଥିବା ଏବଂ ତା'ର ପ୍ରତ୍ୟକ୍ଷ ବ୍ୟବହାରରେ ଲାଗୁ ନ ଥିବା ବୋଲି ସେ ଧାରଣା କରୁଥିବା ଫୁଲ ବଗିଚା ବ୍ୟକ୍ତି ପାଇଁ କ'ଣ କମ୍ ଯୋଗକରେ ନିରବଚ୍ଛିନ୍ନ ଭାବରେ! କୁନ୍ତଳା କୁମାରୀଙ୍କ ଶେଫାଳିର ଉନ୍ମେଷ, ବିକାଶ ଓ ସଂଧ୍ୟାରେ ତା'ର ବିନାଶ କ'ଣ କମ୍ ଯୋଗ କରେ କୁନ୍ତଳାଙ୍କ ପରି ଅସଂଖ୍ୟ ବ୍ୟକ୍ତିଙ୍କ ପାଇଁ ତାହା କେବଳ ମାତ୍ର ତାଙ୍କ କବିତା ସୃଷ୍ଟିର ଭିନ୍ନ ଏକ ହେତୁ ହୋଇଯାଏ ନାହିଁ, ତାହା ମଧ୍ୟ ହୋଇଯାଏ ମଣିଷମାନଙ୍କ ମଧ୍ୟରେ ଭାବ ସଂଚାରଣର ଉନ୍ମୁକ୍ତ ଆକୁତି କେହି କେବେ ନିବିଡ଼ ଭାବେ ଲକ୍ଷ୍ୟ କରିଛନ୍ତି କି ଶେଫାଳିର ଆକୁତିକୁ ଯଦିଓ ଅନେକେ ହୁଏତ ତା'ର ଆକୃତିରେ ମୁଗ୍ଧ ହୋଇଛନ୍ତି। ସେହି କୁନ୍ତଳା କୁମାରୀ ସତ୍ତା ତ ଶେଫାଳି ଯୋଗ ସମନ୍ୱୟରେ ବିସ୍ମୃତ ହୁଏ, ତେଣୁ ହୁଏ ବିଗଳିତ। ତା'ର ସକଳ ବାଚାଳତା ଓ ବିଚଳିତତା କଟିଯାଏ। ଫଳରେ ସେ ପରିବର୍ତ୍ତିତ ହୋଇଯାଏ ସେଇ ଅନାହତ ଧ୍ୱନିରେ ଯାହା ଉଚ୍ଚାରଣ କରୁଥାଏ, 'ଯୁକ୍ତ କରୋ ହେ ସବାର ସଙ୍ଗେ, ମୁକ୍ତ କରୋହେ ବନ୍ଧ' ଅବା ''ହୃଦେ ତ୍ୱା ମନସେ ତ୍ୱା ଦିବେତ୍ୱା ସୂର୍ଯ୍ୟାୟତ୍ୱା। ଉର୍ଦ୍ଧ୍ୱମିମ ମଧ୍ୱରଂ ଦିବି ଦେବେଷୁ ହୋତ୍ରାଯଚ୍ଛ''- ହେ ପୁତ୍ର। ହୃଦୟ ପାଇଁ ତୁମକୁ ଗଢ଼ିଅଛି। ହୃଦୟବାନ୍ ହୁଅ। ମନପାଇଁ ତୁମକୁ ଗଢ଼ିଛି। ମନସ୍ୱୀ ହୁଅ। ଦିବ୍ୟତା ପାଇଁ ତମକୁ ଶିକ୍ଷିତ କରିଛି। ଦିବ୍ୟତାରେ ଅଳଙ୍କୃତ ହୁଅ। ସୂର୍ଯ୍ୟତା ପାଇଁ ତୁମକୁ ଦୀକ୍ଷିତ କରିଛି। ସୂର୍ଯ୍ୟପରି ତେଜସ୍ୱୀ, ପ୍ରେମିକ ଓ ଆକର୍ଷକ ହୁଅ। ଶୋଭନୀୟ ହୋଇ ବିଦ୍ୟାର ମହତ୍ତ୍ୱ ବୃଦ୍ଧିକର (ଯଜୁର୍ବେଦ-ଅଧ୍ୟାୟ ୬, ମନ୍ତ୍ର ୨୫)।

ସେଇ ସ୍ଥିତିରେ ସେଇ ସତ୍ତା ଯୋଗୀ ହୋଇଯାଇଥାଏ। ସାଯୁଜ୍ୟ ହେବାର ମହାଭାବରେ ସେ ପାଲଟି ଯାଏ ସଂସାର ପ୍ରେମୀ ଅଥଚ ସାଂସାରିକତା ବିହୀନ ଅ-କାମୀ ତେଣୁ ଏପରି ଯୋଗାରୂଢ଼ତାର ନିତ୍ୟରାସରେ ଗଦ୍‌ଗଦ୍ ନ ହୋଇ ସେ ଆଉ କ'ଣ କରନ୍ତା? ତା'ର ସେ ଯୋଗମୟତା ଚାଲୁଥାଏ ଦିବସରେ, ରାତ୍ରିରେ ବି, ଶୟନରେ ବି, ଜାଗରଣରେ ବି, ଏଠା ପାଇଁ ବି ସେଠା ପାଇଁ ବି। ଏ ତ ହେଉଛି ବ୍ୟକ୍ତି ଜୀବନର ପ୍ରପଞ୍ଚମୁକ୍ତ ସାଧନା, ଯା'ର ସିଦ୍ଧି ହେଉଛି ଏକ ଆତ୍ମିକ ଅନୁଭବ ଅବା ସବୁ ସହ ଅଭିନ୍ନତାର ଅମୃତ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟଲାଭ। ଦିବାରାତି ଏପରି ଯୋଗ ସଂଯୋଗ, ଏବେ ପାଳିତ ହେଉଥିବା ଆନ୍ତର୍ଜାତିକ ଯୋଗଦିବସଠାରୁ ବହୁ ଉର୍ଦ୍ଧ୍ୱରେ, ଏହା ତା'ଠାରୁ ଷୋଳଅଣା ଭିନ୍ନ। କାରଣ ଏ କ୍ଷେତ୍ରରେ ଯୋଗୀ ପାଇଁ ସବୁଦିନ, ଯୋଗର ଦିନ, ସବୁ ରାତି ଯୋଗର ରାତି ପୁଣି ଏ ଯୋଗ ସବୁ ମଣିଷଙ୍କ ପାଇଁ, ସବୁ ବୃକ୍ଷଲତାଙ୍କ ପାଇଁ, ସବୁ ପାହାଡ଼, ପର୍ବତ, ନଦୀ ପାଇଁ, ସବୁ ପ୍ରାଣୀ ପାଇଁ, ସବୁ ଦ୍ୱେଷ ବିଦ୍ୱେଷର ରୂପାନ୍ତର ପାଇଁ, ସବୁ ଦରିଦ୍ରର ଧନବାନ୍ ହେବା ପାଇଁ, ସବୁ ଆଜି ସର୍ବକାଳ ହେବାପାଇଁ, ସବୁ ପ୍ରାର୍ଥନାରୁ ଯାଚଞ୍ଚା ନିରାକରଣ ପାଇଁ, ସବୁ ମନ୍ତ୍ରର ହୃଦୟୀକରଣ ପାଇଁ ଏବଂ ସର୍ବୋପରି 'ବ୍ୟକ୍ତିଗତ ଅହଂ'ର ଉପଦ୍ରବରୁ ମୁକ୍ତ ହୋଇ ସମଷ୍ଟିର ସାଥୀ ଓ ସାରଥି ହେବାପାଇଁ।

ଭଦ୍ରକ, ମୋ: ୮୦୧୮୦୮୭୮୩୫

## ଏଇ ଭାରତରେ

ନଡ଼ିଆକତାକୁ ସାମଗ୍ରୀ ତିଆରି କରିବାରେ ଯେତିକି ବ୍ୟବହାର କରାଯାଉଛି ତାହାଠାରୁ ଅଧିକ ବର୍ଜ୍ୟ ଆକାରରେ ପିଙ୍ଗି ଦିଆଯାଉଛି। ତେବେ ଏହି କତା ବର୍ଜ୍ୟକୁ କେରଳର ଅର୍ଦ୍ରା ନାୟର ସଂଗ୍ରହ କରି ସେଥିରୁ ପ୍ୟାକେଜିଂ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଅର୍ଦ୍ରାଙ୍କ ବୟସ ୨୯ । ସେ ୨୦୧୨ରେ ଗ୍ରୀନାମୋର କମ୍ପାନୀ ପ୍ରତିଷ୍ଠା କରି ଠିକ୍ ପ୍ଲାଷ୍ଟିକ ଭଳି ଦେଖାଯାଉଥିବା ପରିବେଶ ଉପଯୋଗୀ ବାୟୋପଲିମର ଉତ୍ପାଦନ କରୁଛନ୍ତି, ଯାହା ଖାଦ୍ୟ, ଔଷଧ ଏବଂ କସ୍‌ମେଟିକ ପ୍ୟାକେଜିଂରେ ବ୍ୟବହାର ହେଉଛି। ଏହି ପ୍ୟାକେଜିଂ ଉତ୍ପାଦ ବିଘଟନ ଯୋଗ୍ୟ ଏବଂ କମ୍ ଦିନରେ ମାଟିରେ ମିଶିଯାଉଛି। ଏହା ପ୍ଲାଷ୍ଟିକ ପଲିମର୍‌ର ପ୍ରଦୂଷଣକାରୀ ପ୍ରଭାବରୁ ପରିବେଶକୁ ରକ୍ଷା କରିବାରେ ପ୍ରମୁଖ ଭୂମିକା ନେଇପାରିବ। ଏହା ସହ ଅର୍ଦ୍ରାଙ୍କ ଦ୍ୱାରା ପ୍ରସ୍ତୁତ ଏହି ପରିବେଶ ଉପଯୋଗୀ ପ୍ୟାକେଜିଂ ଉତ୍ପାଦ ବି ଖାଦ୍ୟକୁ ପ୍ଲାଷ୍ଟିକର ବିଷାକ୍ତ କରାଇବାରୁ ସୁରକ୍ଷିତ ରଖିପାରିବ।

## ୫୦ ବର୍ଷ ତଳର ଧରିତ୍ରୀ

୩ ମେ ୧୯୭୭

- ମଇ ଦିବସ ଶୋଭାଯାତ୍ରାରେ ତୁର୍କୀ ପୋଲିସଙ୍କ ଗୁଳିରେ ୨୫ ଜଣଙ୍କ ମୃତ୍ୟୁ।
- ଭାରତୀୟ ରାଜନୀତିରେ ଏକ ଐତିହାସିକ ଘଟଣା କ୍ରମେ ବିଧିବଦ୍ଧ ଭାବେ ଜନତା ଦଳ ଗଠିତ ହେବା ସହ ଗଣତାନ୍ତ୍ରିକ କଂଗ୍ରେସ ଉକ୍ତ ଜନତାଦଳ ସହ ସାମିଲ ହେବା ନେଇ ଘୋଷଣା।
- ନଅଟି ରାଜ୍ୟ ଯଥା ଉତ୍ତରପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ଓ ମଧ୍ୟପ୍ରଦେଶରେ ରାଷ୍ଟ୍ରପତି ଶାସନ ଜାରୀ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 8 | | | 7 | | 9 |
| | 2 | | | | | | | |
| | | | | | | 8 | 3 | |
| | | 5 | | 9 | | | 2 | |
| 7 | | 2 | | | | | | 8 |
| 9 | 1 | | | | 6 | | 5 | |
| | | 3 | | | | | | |
| | | | | | | 2 | 9 | 6 |
| 5 | | | 6 | 2 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 2 | 3 | 7 | 9 | 6 | 4 |
| 4 | 9 | 2 | 8 | 6 | 5 | 1 | 7 | 3 |
| 3 | 7 | 6 | 1 | 9 | 4 | 5 | 2 | 8 |
| 7 | 6 | 9 | 3 | 5 | 2 | 4 | 8 | 1 |
| 2 | 3 | 1 | 4 | 8 | 6 | 7 | 5 | 9 |
| 8 | 5 | 4 | 7 | 1 | 9 | 2 | 3 | 6 |
| 9 | 8 | 3 | 5 | 7 | 1 | 6 | 4 | 2 |
| 6 | 2 | 5 | 9 | 4 | 3 | 8 | 1 | 7 |
| 1 | 4 | 7 | 6 | 2 | 8 | 3 | 9 | 5 |

ପୂର୍ବ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରେନ୍ ଠିକ୍ ସମୟରେ ଚାଲୁ

ମହାଶୟ,

ପାରାଦୀପରୁ କଟକ ଏକ ପାସେଞ୍ଜର ଟ୍ରେନ ସକାଳ ୬.୩୦ରେ ଛାଡ଼ି କଟକରେ ୮.୩୦ରେ ପହଞ୍ଚେ । ଏଥିରେ ବହୁ ସରକାରୀ ଓ ବେସରକାରୀ କର୍ମଚାରୀ ଯିବା ଆସିବା କରନ୍ତି । ସୁବିଧା ଦୃଷ୍ଟିରୁ ବସ୍ ଭଡାଠାରୁ ଟ୍ରେନ୍ ଭଡ଼ା କମ୍ ରହୁଥିବାରୁ ସେମାନେ ପ୍ରତିଦିନ ଯାତାୟାତ କରନ୍ତି । କିନ୍ତୁ ଦୁଃଖର ବିଷୟ, ପାସେଞ୍ଜର ଟ୍ରେନଟି ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟାରେ ସମୟ ନିର୍ଘଣ୍ଟ ଅନୁସାରେ କଟକରୁ ପାରାଦୀପ ଯିବା କଥା । ହେଲେ ୩/୪ ମାସ ହେବ ଠିକ୍ ସମୟରେ ଛାଡୁ ନ ଥିବାରୁ ପ୍ରତିଦିନ ଏହି ଟ୍ରେନରେ ଯିବାଆସିବା କରୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କିଛି ପ୍ରତିକାର ବ୍ୟବସ୍ଥା ହେଉ ନାହିଁ । କଟକ-ପାରାଦୀପ ଟ୍ରେନ୍‌ରେ ମଧ୍ୟ ଅନେକ କର୍ମଜୀବୀ ମହିଳା ଯାଉଛନ୍ତି। କଟକରୁ ଯାଉଥିବା ଏକମାତ୍ର ଟ୍ରେନ ୧-୨ ଘଣ୍ଟା ବିଳମ୍ବ ହେଉଥିବାରୁ ମଫସଲରୁ ଆସୁଥିବା ଏହି ମହିଳାମାନେ ସମସ୍ୟାରେ ପଡୁଛନ୍ତି। ଏହି ପରିପ୍ରେକ୍ଷୀରେ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ। ଏହା ସହ ଠିକ୍ ସମୟରେ ଏହି ପାସେଞ୍ଜର ଟ୍ରେନ୍ ସନ୍ଧ୍ୟା ୭ଟାରେ ଯିବାର ବ୍ୟବସ୍ଥା କରାଯାଉ।

- ସୁରେଶ ଚନ୍ଦ୍ର ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଚିରନ୍ତନୀ

ଯାଏ ଯେହୁ ବିସ୍ମୃତି ତଳେ
ଫେରିଆସେ ପୁଣି ହୋଇ ନୂଆ
ତୋଟାତଳ କୁଡ଼ିଆରୁ ଏଇ
କି ଶବଦ କାନେ ଆସେ ତେଇଁ
କିଏ ଡାକେ କୁଆଁ କୁଆଁ କୁଆ
ପୁରାତନ ଫେରେ ହୋଇ ନୂଆ।
-(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ନାମଲେଖା ବିଜ୍ଞପ୍ତି

**ନିମ୍ନଲିଖିତ ଅନୁଷ୍ଠାନଗୁଡ଼ିକରେ ନାମଲେଖା ପାଇଁ ସାଧାରଣ ପ୍ରବେଶିକା ପରୀକ୍ଷା - ୨୦୨୬**

| ଅନୁଷ୍ଠାନ | ପାଠ୍ୟକ୍ରମ |
|---|---|
| **ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜାତୀୟ ଶାରୀରିକ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଅନୁଷ୍ଠାନ (ପିଡିୟୁଏନ୍ଆଇପିପିଡି)** ୪, ବିଷ୍ଣୁ ଦିଗମ୍ବର ମାର୍ଗ, ନୂଆଦିଲ୍ଲୀ-୧୧୦୦୦୨ ୱେବ୍‌ସାଇଟ୍: https://pdunippd.nic.in ଇ-ମେଲ୍: cetpdunippd2026@gmail.com | • ବିପିଟି • ବିଓଟି • ବିପିଓ |
| **ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଗବେଷଣା ଅନୁଷ୍ଠାନ (ଦିବ୍ୟାଙ୍ଗଜନ), କଟକ (ଏସ୍‌ଭିନିର୍‌ତାର)** ଓଲଟପୁର, ପୋଷ୍ଟ- ବାଇରୋଇ, କଟକ, ଓଡ଼ିଶା-୭୫୪୦୧୦ ୱେବ୍‌ସାଇଟ୍: https://svnirtar.nic.in, ଇ-ମେଲ୍: nirtar@nic.in | • ବିପିଟି • ବିଓଟି • ବିପିଓ • ବିଏଏସ୍ଏଲ୍‌ପି |
| **ଜାତୀୟ ଗତିଶୀଳ ଭିନ୍ନକ୍ଷମତା (ଦିବ୍ୟାଙ୍ଗଜନ) ଅନୁଷ୍ଠାନ, କୋଲକାତା (ଏନ୍ଆଇଏଲ୍‌ଡି)** ବି.ଟି. ରୋଡ୍, ବନହୁଗଲୀ, କୋଲକାତା-୭୦୦୦୯୦ ୱେବ୍‌ସାଇଟ୍: https://nild.nic.in, ଇ-ମେଲ୍: nild@nic.in | • ବିପିଟି • ବିଓଟି • ବିପିଓ • ବିଏଏସ୍ଏଲ୍‌ପି |
| **ଜାତୀୟ ବହୁ ଭିନ୍ନକ୍ଷମଧାରୀ ବ୍ୟକ୍ତି (ଦିବ୍ୟାଙ୍ଗଜନ) ସଶକ୍ତୀକରଣ ଅନୁଷ୍ଠାନ, ଚେନ୍ନାଇ (ଏନ୍ଆଇଇପିଏମ୍‌ଡି)** ଇଷ୍ଟ କୋଷ୍ଟ ରୋଡ୍, ମୁଟ୍ଟୁକାଡୁ, କୋଭାଲମ ପୋଷ୍ଟ, ଚେନ୍ନାଇ-୬୦୩୧୧୨, ୱେବ୍‌ସାଇଟ୍: www.niepmd.tn.nic.in, ଇ-ମେଲ୍: niepmd@gmail.com | • ବିପିଟି • ବିଓଟି • ବିଏଏସ୍ଏଲ୍‌ପି |
| **ଅଲୀ ୟାଭର ଜଙ୍ଗ ଜାତୀୟ ବାକ୍ ଓ ଶ୍ରବଣ ଭିନ୍ନକ୍ଷମତା (ଦିବ୍ୟାଙ୍ଗଜନ) ଅନୁଷ୍ଠାନ, ମୁମ୍ବାଇ (ଏୱାଇଜେଏନ୍ଆଇଏସ୍ଏଚ୍‌ଡି(ଡି))** କେ.ସି. ମାର୍ଗ, ବାନ୍ଦ୍ରା (ପଶ୍ଚିମ) ରିକ୍ଲାମେଶନ୍ ମୁମ୍ବାଇ - ୪୦୦୦୫୦ ୱେବ୍‌ସାଇଟ୍: http://ayjnishd.nic.in, ଇ-ମେଲ୍: ayjnishh-mum@nic.in | • ବିଏଏସ୍ଏଲ୍‌ପି |
| **ସମ୍ମିଶ୍ରିତ ଆଞ୍ଚଳିକ କେନ୍ଦ୍ର, ସିକନ୍ଦରାବାଦ** ମନୋବିକାଶ ନଗର, ବୋୱେନପାଲ୍ଲୀ, ସିକନ୍ଦରାବାଦ, ତେଲଙ୍ଗାନା - ୫୦୦୦୦୯ | • ବିଏଏସ୍ଏଲ୍‌ପି |
| **ସମ୍ମିଶ୍ରିତ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ଦକ୍ଷତା ବିକାଶ, ପୁନର୍ବାସ ଓ ସଶକ୍ତୀକରଣ ଆଞ୍ଚଳିକ କେନ୍ଦ୍ର,** ଗୁଆହାଟୀ (ସିଆର୍‌ସିଏସ୍ଆର୍‌ଇ) ଗୁଆହାଟୀ ମେଡିକାଲ କଲେଜ ହସ୍ପିଟାଲ କ୍ୟାମ୍ପସ, ପୋଷ୍ଟ ଅଫିସ ଇନ୍ଦ୍ରପୁର, ଜିଏମ୍‌ସି ହସ୍ପିଟାଲ ରୋଡ୍, ଭଙ୍ଗଗଡ଼, ଗୁଆହାଟୀ, ଆସାମ-୭୮୧୦୩୨ ୱେବସାଇଟ୍: crcguwahati.nic.in | • ବିଏଏସ୍ଏଲ୍‌ପି |
| **ସମ୍ମିଶ୍ରିତ ଆଞ୍ଚଳିକ କେନ୍ଦ୍ର, ପାଟନା** ଶେଖପୁରା, (ପୁରୁଣା ଧର୍ମଶାଳା), ନର୍ସିଂ କଲେଜ ପାଖ, ପାଟନା-୮୦୦୦୧୪, ୱେବ୍‌ସାଇଟ୍: https://crcpatna.nic.in, ଇ-ମେଲ୍: crcpatna@rediffmail.com | • ବିପିଓ |

**ଅନ୍‌ଲାଇନ୍‌ରେ ସୂଚନା ପୁସ୍ତିକା ଓ ଆବେଦନପତ୍ର ପ୍ରକାଶନର ଆରମ୍ଭ ତାରିଖ**
**ଅନ୍‌ଲାଇନ୍‌ରେ ଆବେଦନ ଫର୍ମ ପ୍ରାପ୍ତିର ଶେଷ ତାରିଖ**
**ପ୍ରବେଶିକା ପରୀକ୍ଷା ତାରିଖ**

**ବିବରଣୀ ପାଇଁ pdunippd.nic.in ରେ ଲଗ୍ ଅନ୍ କରନ୍ତୁ**

ସମସ୍ତ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ସଦୟ ଧ୍ୟାନାର୍ଥେ
cbc 38103/12/0001/2627 **ନିର୍ଦ୍ଦେଶକ, ପିଡିୟୁଏନ୍ଆଇପିପିଡି, ନୂଆଦିଲ୍ଲୀ**


# ଦହିବରା ଖାଇ ୩ ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ଗୁରୁତର, ଜଣେ ମୃତ

**ଦଶରଥପୁର,୨।୫ (ସୁଶାନ୍ତ କୁମାର ବେହୁରିଆ)**

ଯାଜପୁର ଜିଲା ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗାଁ ଗାଁ ବୁଲି ବିକାଯାଉଥିବା ଦହିବରା ଖାଇ ୩ ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ଲୋକ ଖାଦ୍ୟ ବିଷକ୍ରିୟାର ଶିକାର ହୋଇଛନ୍ତି। ଏହି ଘଟଣାରେ ଜଣେ ବିଧବା ମହିଳା ସୁନ୍ଦରୀ ଜେନା(୭୫)ଙ୍କର ମୃତ୍ୟୁ ଘଟିଛି। ପ୍ରଶାସନ ପକ୍ଷରୁ ସୁନ୍ଦରୀଙ୍କ ମୃତଦେହ ସତ୍କାର ନିମନ୍ତେ ଜିଲା ରେଡ୍‌କ୍ରସ୍ ପକ୍ଷରୁ ୧୦ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

ସୂଚନାନୁଯାୟୀ, ଜୟନ୍ତରା ପଞ୍ଚାୟତ ଅଧୀନ ପାଟପୁର, ଚାନ୍ଦକୁଡ଼ା ଓ ଜୁନିଦା ଗ୍ରାମର ଲୋକେ ଶୁକ୍ରବାର ଅପରାହ୍ଣରେ ବୁଲା ବିକାଳିଙ୍କଠାରୁ ଦହିବରା କିଣି ଖାଇଥିଲେ। ରାତିରେ ଅନେକଙ୍କୁ ପେଟ ଯନ୍ତ୍ରଣା, ବାନ୍ତି ଓ ତରଳ ଝାଡ଼ା ହୋଇଥିଲା। ସକାଳ ସୁଦ୍ଧା ଅସୁସ୍ଥଙ୍କ ସଂଖ୍ୟା ବଢ଼ିଯାଇଥିଲା। ଅସୁସ୍ଥମାନଙ୍କୁ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ରବୀନ୍ଦ୍ର ଘଡ଼େଇ, ପ୍ରଫୁଲ୍ଲ ଘଡ଼େଇ, ଉମାକାନ୍ତ ସାମଲ, ପରଶୀୟ ଜେନା, ସଦାନନ୍ଦ ଜେନା, ସୁବାସ ଜେନା, ଶିଶିର ଘଡ଼େଇ, ମାମୁନି ଘଡ଼େଇ, କମଳିନୀ ଧଳ, ନିରୁପମା ମିଶ୍ର, ମଳୟ ଜେନା, ପୁଷ୍ପଲତା ଜେନା, ଜିନଦ ପଣ୍ଡାଙ୍କ ସମେତ ଗୁରୁତର ଥିବା ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଧିକ ଚିକିତ୍ସା ପାଇଁ ଜିଲା ସଦର ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଜିଲାପାଳ ଅମ୍ବର କର ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଓ ସ୍ୱାସ୍ଥ୍ୟ ଟିମ୍ ପ୍ରଭାବିତ ଗ୍ରାମରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ଟିମ୍ ପାଟପୁର ଗ୍ରାମରେ ମେଡିକାଲ କ୍ୟାମ୍ପ ଖୋଲି ଚିକିତ୍ସା ଆରମ୍ଭ କରିଛି। ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ପ୍ରାକ୍ତନ ଭାଜପା ଜିଲା ସଭାପତି ଗୌତମ ରାୟ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବବିତା ମଲ୍ଲିକ ପ୍ରମୁଖ ମୃତା ସୁନ୍ଦରୀ ଜେନାଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

# କଂଗ୍ରେସର ସବୁ ସାଙ୍ଗଠନିକ ବିଷୟ ବୁଝିବେ ସାଲୁଜା

**ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)**

ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ଉପ ସଭାପତି ଦାୟିତ୍ୱରେ ଥିବା ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ଦଳ ପକ୍ଷରୁ ନୂଆ ଦାୟିତ୍ୱ ଦିଆଯାଇଛି। ସାଲୁଜାଙ୍କୁ ପିସିସି ସଙ୍ଗଠନର ପ୍ରଭାରୀ ଭାବେ ନିଯୁକ୍ତି ମିଳିଛି। ଏହାସହ ସେ ଦଳର ସବୁ ପ୍ରକାର ସାଙ୍ଗଠନିକ ବିଷୟରେ ଦାୟିତ୍ୱ ନେବେ। ଏନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଦସ୍ତଖତରେ ଏନେଇ ନିର୍ଦ୍ଦେଶ ଜାରି ହୋଇଛି।

ସୂଚନାଯୋଗ୍ୟ, ସାଲୁଜା କଣ୍ଟାବାଞ୍ଜି ବିଧାନସଭା ଆସନରୁ ପ୍ରତିନିଧିତ୍ୱ କରୁଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ସେ ଏହି ଆସନରୁ ପରାଜିତ ହୋଇଛନ୍ତି। ୨୦୧୯ରେ କିନ୍ତୁ ସେ ଏହି ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

# ବାଇକ୍ ଦୁର୍ଘଟଣା, ଯବାନଙ୍କ ସମେତ ୨ ମୃତ

**ଭଞ୍ଜନଗର,୨।୫(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗର ସୋରଡ଼ା ମୁଖ୍ୟ ରାସ୍ତାର କାଳିଆଗୁଡା ନିକଟରେ ଗୁରୁବାର ରାତି ପ୍ରାୟ ୧୦ଟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯବାନଙ୍କ ସମେତ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଭଞ୍ଜନଗର ଜଗନ୍ନାଥବିହାର ପ୍ରଥମ ଲାଇନ ବାସିନ୍ଦା ତଥା କାଳିଆଗୁଡ଼ାର ମୂଳବାସିନ୍ଦା ସଞ୍ଜୀବ ବେହେରା ଓ ବସନ୍ତ ସ୍ୱାଇଁ। ସୋରଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଛି। କାଳିଆଗୁଡ଼ାର ୪ ସାଙ୍ଗ ଦୁଇଟି ବାଇକ୍‌ରେ ସୋରଡ଼ା ଯାଇଥିଲେ। ରାତି ୧୦ଟାରେ ସେମାନେ ଗ୍ରାମକୁ ଫେରୁଥିବା ବେଳେ ଗ୍ରାମଠାରୁ ଅଳ୍ପ ଦୂରରେ ସଞ୍ଜୀବ ଓ ବସନ୍ତଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପଛରେ ଆସୁଥିବା ଅନିଲ ପ୍ରଧାନ ଓ ଜଗନ୍ନାଥ ସ୍ୱାଇଁ ସେମାନଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ଆଣିଥିଲେ। ସେଠାରେ ଡାକ୍ତର ଯବାନ ସଞ୍ଜୀବ ଓ କମ୍ପାନୀ ଚାକିରି କରୁଥିବା ବସନ୍ତଙ୍କୁ ମୃତ ଘୋଷଣା କରିଥିଲେ। କୌଣସି ଅଜଣା ଗାଡ଼ି ଧକ୍କାରେ ଏଭଳି ହୋଇଥିବା ସନ୍ଦେହ କରାଯାଉଛି।

# ଅନୁସୂଚିତ ଜନଜାତି ମୋର୍ଚ୍ଚା ଟିମ୍ ଘୋଷଣାକଲା ଭାଜପା

**ପୂର୍ବରୁ ୯, ଶନିବାର ୭ ଜିଲାର ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତିଙ୍କ ନାଁ ପ୍ରକାଶିତ**

**ଭୁବନେଶ୍ୱର,୨।୫(ସୁନିତ୍ ମିଶ୍ର)**

ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି କାନ୍ଦ୍ରା ସୋରେନ ଶନିବାର ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଜ୍ୟ ପଦାଧିକାରୀମାନଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ଅନୁସୂଚିତ ଜନଜାତି ମୋର୍ଚ୍ଚା ପକ୍ଷରୁ ୮ ଜଣଙ୍କୁ ଉପସଭାପତି, ୩ ସାଧାରଣ ସମ୍ପାଦକ, ୭ ସମ୍ପାଦକ, ଜଣଙ୍କୁ କୋଷାଧ୍ୟକ୍ଷ, ଜଣଙ୍କୁ ଗଣମାଧ୍ୟମ ସଂଯୋଜକ ଏବଂ ଜଣଙ୍କୁ ସଂଯୋଜକ ଭାବେ ଦାୟିତ୍ୱ ଦେଇ ନିଯୁକ୍ତି ପ୍ରଦାନ କରାଯାଇଛି।

ସେହିପରି ଶୁକ୍ରବାର ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ୭ ସାଙ୍ଗଠନିକ ଜିଲା ପାଇଁ ସଭାପତିଙ୍କ ନାମ ପ୍ରକାଶ ପାଇଛି। ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ଗୁରିନ୍ଦର ସିଂହଙ୍କ ଅନୁମୋଦନରେ ଏହି ନାଁ ପ୍ରକାଶ ପାଇଛି। ବଲାଙ୍ଗୀରରେ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ଅହମଦ ଫଜୁଲ ଖାନ, କନ୍ଧମାଳରେ ଦୀପ୍ତିରଞ୍ଜନ ସେନାପତି, ମୟୂରଭଞ୍ଜ(ପୂର୍ବ)ର ସଭାପତି ଭାବେ ଏସ୍‌କେ ନସିରୁଦ୍ଦିନ, ମୟୂରଭଞ୍ଜ(ପଶ୍ଚିମ)ରେ ଏସ୍‌କେ ଲତିଫ, ନବରଙ୍ଗପୁରରେ ପବିତ୍ର ଗରଡ଼ା, ସୁବର୍ଣ୍ଣପୁରରେ ୟାସିନ ମହମ୍ମଦ ଏବଂ ଗଞ୍ଜାମରେ ମିର୍ଜା ମୁନତେଜିମ୍ ବାଇଗଙ୍କୁ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଏହାର ଦିନକ ପୂର୍ବରୁ ଅର୍ଥାତ୍ ଗୁରୁବାର ଅନୁଗୋଳ, ବାଲେଶ୍ୱର, ଦେବଗଡ଼, ଢେଙ୍କାନାଳ, ଘୁମୁସର(ଆସ୍କା), ଘୁମୁସର(ଭଞ୍ଜନଗର), ଯାଜପୁର, କୋରାପୁଟ ଏବଂ ପୁରୀ ଏହିଭଳି ୯ ଜିଲାର ସଂଖ୍ୟାଲଘୁ ସଭାପତିଙ୍କ ନାମ ପ୍ରକାଶ ପାଇଥିଲା।

# ସ୍ତ୍ରୀଙ୍କ ଅଭିଯୋଗ: ଘରୁ ଡାକି ନେଇ ମୋ ସ୍ୱାମୀଙ୍କୁ ଗୁଳି କରିଦେଲେ

**ସାଥୀଙ୍କ ସହ ଶିକାର କରିବାକୁ ଯାଇ ଶବ ପାଲଟିଲେ**

**ତୁମୁଡ଼ିବନ୍ଧ,୨।୫(ଦୀପକ କୁମାର ପରାସେଠ)**

ଘରୁ ଡାକି ନେଇ ମୋ ସ୍ୱାମୀଙ୍କୁ ଗୁଳି କରି ଦେଇଛନ୍ତି ବୋଲି ଏକ ସ୍ୱର୍ଣ୍ଣକାତର ଅଭିଯୋଗ କରିଛନ୍ତି ତାଙ୍କ ସ୍ତ୍ରୀ ଗୁମୁକି ମାଝୀ। ଏପରି ଘଟଣା ଘଟିଛି କନ୍ଧମାଳ ଜିଲା ବେଲଘର ଥାନା ଅନ୍ତର୍ଗତ ସାପେରି ଗ୍ରାମରେ। ମୃତକ ହେଲେ କାମଦେବ ମାଝୀ (୩୩)। ତାଙ୍କ ଘର ବେଲଘର ପଞ୍ଚାୟତର ତୁଆକଲା ଗ୍ରାମରେ।

ଖବରରୁ ଜଣାପଡିଛି, କାମଦେବ ଗୁମ୍ମା ପଞ୍ଚାୟତ ସାପେରି ଗ୍ରାମରେ ବିବାହ କରି ସେଠାରେ ଶ୍ୱଶୁର ଘରେ ରହୁଥିଲେ। ଗତ ଶୁକ୍ରବାର ଅପରାହ୍ଣ ୩ଟାରେ କାମଦେବ, ଲିପଟୁ ମାଝି ଓ ମଧୁସୂଦନ ମାଝୀ ତିନି ଜଣ ଦେଶୀ ବନ୍ଧୁକ ଧରି ଶିକାର କରିବାକୁ ନିକଟସ୍ଥ କାଡାପାନା ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରେ ଶିକାର କରିବା ବେଳେ ସାଥୀ ଶିକାରୀଙ୍କ ଗୁଳି କାମଦେବଙ୍କ ଛାତିରେ ବାଜିଥିଲା। ଫଳରେ ଘଟଣାସ୍ଥଳରେ କାମଦେବଙ୍କ ମୃତ୍ୟୁ ହୋଇଥିଲା। ଏନେଇ ସାଥୀ ଶିକାରୀମାନଙ୍କଠାରୁ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୂଚନା ପାଇ ବେଲଘର ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏବେ କାମଦେବଙ୍କ ସ୍ତ୍ରୀ ଗୁମୁକି ମୋ ସ୍ୱାମୀଙ୍କୁ ଗୁଳି କରି ହତ୍ୟା କରାଯାଇଛି ବୋଲି ଥାନାରେ ଅଭିଯୋଗ କରି ମୋ ସ୍ୱାମୀଙ୍କୁ ଶିକାରକୁ ଯିବା ପାଇଁ ଘରୁ ଡାକିନେଇ ଗୁଳି କରି ହତ୍ୟା କରିଛନ୍ତି ବୋଲି ଗୁମୁକି କହିଛନ୍ତି। ଅଭିଯୋଗକୁ ଭିତ୍ତିକରି ବେଲଘର ପୋଲିସ ନଂ. ୩୯/୨୬ରେ ଏକ ମାମଲା ରୁଜୁ ହୋଇଛି। ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରାଯିବ। ମୃତଦେହ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଲଘର ଥାନା ଅଧିକାରୀ ସୌମ୍ୟରଞ୍ଜନ ପତି କହିଛନ୍ତି।


ଭୁବନେଶ୍ୱର ଘାଟିକିଆ ଅଞ୍ଚଳରେ ଥିବା OUTR Govt College Canteen ପାଇଁ ହେଲପର ଏବଂ ବାସନ ଧୋଇବା ପିଲା ଦରକାର ।
ହେଲପର - (10,000/- to 12,000/-)
ବାସନ ଧୋଇବା - 10,000/-
ଯୋଗାଯୋଗ - 9040566755

**ଜରୁରୀ ନିଯୁକ୍ତି / ଚାକିରି ସୁଯୋଗ**
କମ୍ପାନୀରେ ସିଧାସଳଖ ନିଯୁକ୍ତି ପାଇଁ ନିର୍ମାଣ ଶ୍ରମିକ ଆବଶ୍ୟକ।
* ଶଟରିଂ ଏବଂ ଷ୍ଟିଲ୍ (ରଡ୍ ବାଇଣ୍ଡିଂ) କାମ ଜାଣିଥିବା
* ସ୍ଥାୟୀ କାମ (Permanent Job)
* କମ୍ପାନୀରେ ଡାଇରେକ୍ଟ ହାଇରିଂ
* କୌଣସି ଅଗ୍ରିମ ଦିଆଯିବ ନାହିଁ
* ଅନୁଭବୀଙ୍କୁ ପ୍ରାଥମିକତା
ଆଗ୍ରହୀ ପ୍ରାର୍ଥୀମାନେ ଯୋଗାଯୋଗ କରନ୍ତୁ
**Mob : 8847088916**
ଯୋଗେଶ ଶର୍ମା

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**CREW EAST MANPOWER CONSULTANCY**
**URGENT HIRING**
CNC Laser Op – 5 (3+ yrs), Bending Op – 5 (4+ yrs), MIG Welder/Fitter – 10 (6+ yrs), Powder Coater – 10 (3+ yrs), Wiremen – 20 (3+ yrs), Busmen – 15 (3+ Yrs), Panel Assembler – 10 (2+ yrs), Welders– 40 (4+ yrs), Fitters – 20 (4+ yrs), Helpers– 40 (1+ Yrs).
**Salary: Best in Industry.**
**Mob:7684080260 (WhatsApp)**
**Mail Id: creweast2025@gmail.com**

IFFCO
**Indian Farmers Fertiliser Cooperative Limited, Paradeep Unit**
Advertisement No. PDP/HR/Rec/2026 Date: 28.04.2026
**Requirement of Assistant Trainee (Operator) for IFFCO, Paradeep Unit**
Indian Farmers Fertiliser Cooperative Limited, Paradeep Unit, District - Jagatsinghpur (Odisha) invites applications for the post of Assistant Trainee (Operator) for Paradeep Plant from candidates possessing Diploma (Chemical)/ B.Sc. (PCM) qualification and who have completed their apprenticeship / will be completing apprenticeship by 30.04.2026 under Apprentices Act 1961 from IFFCO / Fertilizer Industry / Heavy Chemical Industry / Petroleum Refinery / Petrochemical industry.
**How to apply:** For details of advertisement and required qualification, age, apprenticeship, categories, emoluments, other eligibility criteria of the above mentioned post and how to apply etc. visit our website www.iffco.in and go to careers and click on requirement of assistant trainee (operator) for IFFCO, Paradeep Unit and apply online or at www.iffcoyuva.in. The online application form may also be directly accessed on https://appspd.iffco.coop/candidate.
It is mandatory to submit online application form.
**Important Dates for candidates:**
Date of opening of online application: 01.05.2026, 08.00 hrs
Date of closing of online application: 08.05.2026, 23.59 hrs
**For queries / clarification:**
Contact No: 06722-22 4761

**UTKAL UNIVERSITY**
VANI VIHAR, BHUBANESWAR-751004, ODISHA
Email: registrar@utkaluniversity.ac.in
**Indicative Advertisement for Recruitment of Faculty Positions**
**No.: Estt.I/1041(Vol-IV)/5130/2026** **Dated: 02.05.2026**
Established in 1943, Utkal University occupies a foundational place in the higher education landscape of Odisha, emerging from an early generation of public universities that helped shape the intellectual architecture of modern India. Headquartered at its Vani Vihar campus in Bhubaneswar–spread across a sprawling ecosystem of 460 acres enriched by nature's bounty and complemented by the Utkal University Rural Campus at Chandikhole, spread over 66 acres, the University anchors an extensive academic network of nearly 430 affiliated colleges across the state. Embedded within the dynamic intellectual geography of South Asia, it aspires to evolve as a global destination for higher learning. Offering 47 academic programmes across diverse disciplines–including the Social Sciences, Natural Sciences, Pharmaceutical Sciences, and Management–and extending from undergraduate to doctoral levels, the University reflects a wide spectrum of academic engagement. Rooted in a distinguished legacy yet responsive to a transforming knowledge order, it advances cutting-edge curricula, fosters innovation and incubation, and promotes transdisciplinary engagements within contemporary knowledge ecologies. Through its commitment to research excellence and evolving pedagogic practices, it sustains a dynamic interface between heritage, convention, and futurity.
Utkal University invites **online applications from eligible Indian citizens** for appointment to the posts of **Assistant Professor, Associate Professor, and Professor** against sanctioned positions across various Post-Graduate Departments, in accordance with Letter No. 5322/HE dated 31.01.2026 issued by the Department of Higher Education, Government of Odisha..
**Disciplines / Departments:**
Analytical & Applied Economics; Anthropology; Ancient Indian History, Culture & Archaeology (AIHCA); Biotechnology; Botany; Business Administration; Chemistry; Centre for Distance and Online Education (CDOE); Commerce; Computer Science; English; Geography; Geology; History; Library & Information Science; Law; Personnel Management & Industrial Relations (PM&IR); Mathematics; Odia; Philosophy; Physics; Psychology; Political Science; Public Administration; Sanskrit; Sociology; Statistics; Zoology.
**Eligibility & Qualifications:**
Minimum qualifications, eligibility criteria, and service conditions shall be **governed by the UGC Regulations/Notifications, 2018,** as amended from time to time.
**Application Process:**
The application process shall be conducted **entirely in online mode** through the HIMS portal: **https://hims.odisha.gov.in/home**
Detailed advertisement, including department-wise vacancies and reservation positions, will be available on the University website: **www.utkaluniversity.ac.in** from **15.05.2026** onwards.
**Important Dates:**
- **Opening of Online Application:** 15.05.2026
- **Closing of Online Application:** 16.06.2026
- **Last Date for Receipt of Hard Copy (Registered/Speed Post):** 29.06.2026

In addition, a hard copy of the downloaded application form along with all relevant documents must be sent to the **Registrar, Utkal University, Vani Vihar, Bhubaneswar-751004, Khordha, Odisha** within the stipulated timeline.
**General Instructions:**
Applicants are advised to carefully review all eligibility conditions, qualifications, and procedural requirements before submission.
The University reserves the right to **modify, amend, or cancel** this advertisement, either in part or in full, without assigning any reason thereof.
**Sd/- Registrar**

No. 10001/98/2627

## ଅଂଶୁଘାତ ସତର୍କତା

**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଜାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**
facebook.com/HFWOdisha
@HFWOdisha
http://www.health.odisha.gov.in
OIPR-10001/10003/2/26-27/0012

# ୫୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ତାର ଜବତ

ଧାମନଗର,୨।୫(ଦୀନକୃଷ୍ଣ ମହାପାତ୍ର): ଧାମନଗର ସହରାଞ୍ଚଳ ଅଧୀନ ହବିବନଗର ଓ କଲୋନୀ ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଘରେ, କବାଡ଼ିଆ ଦୋକାନରେ ପୋଲିସ ଚଢ଼ାଉ କରି ୫୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ତାର ଜବତ କରିଛି। ଏଥିସହ ଜଣେ ବ୍ୟକ୍ତିଙ୍କୁ ଥାନାରେ ପଚରାଉଚରା ପରେ ପୋଲିସ ଛାଡ଼ି ଦେଇଥିବା ସୂଚନା ମିଳିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଧାମନଗର ଥାନାଧିକାରୀ ଶୁଭ୍ରଜିତ ଦାଶ କହିଛନ୍ତି, ଯେଉଁ ଘରୁ ବିଦ୍ୟୁତ୍ ତାର ଜବତ ହୋଇଛି, ସେଠାର ଘର ମାଲିକଙ୍କୁ ଥାନାକୁ ଅଣାଯାଇଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚେଷ୍ଟା ଜାରି ରଖିଛି। ତେବେ ଏନେଇ ପୋଲିସ ପକ୍ଷରୁ କୌଣସି ମାମଲା ରୁଜୁ ହୋଇନାହିଁ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବାସୁଦେବପୁର,୨।୫(କାଳିପଦ ରାୟ): ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଏରଡ଼ା ଗ୍ରାମର ଜଣେ ଯୁବକଙ୍କୁ ଶନିବାର ମରଣାନ୍ତକ ଆକ୍ରମଣ କରାଯାଇଛି। ସେ ହେଲେ ଅଶୋକ କୁମାର ମିଶ୍ର(୩୦)। ସେ ଶ୍ରମିକ ଭାବେ କାର୍ଯ୍ୟ କରିବା ପାଇଁ ସକାଳେ ଘରୁ ବାହାରିଥିଲେ। ମଧ୍ୟାହ୍ନରେ ସେ କ୍ଷତାକ୍ତ ଅବସ୍ଥାରେ ଶୁକଗଡ଼ିଆ ପୋଲ ଉପରେ ପଡ଼ିଥିବା ନେଇ ପିଉସୀଙ୍କ ପୁଅ ତାଙ୍କ ଘରକୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଏନେଇ ଅଶୋକଙ୍କ ବାପା ଅମରେନ୍ଦ୍ର ମିଶ୍ରଙ୍କ ଅଭିଯୋଗ ଆଧାରରେ ସାବରଙ୍ଗ ଥାନାରେ ଏକ ମାମଲା(ନଂ.୧୪୦/୨୬) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ଶାନ୍ତନୁ କୁମାର ଜେନା କହିଛନ୍ତି।

# ଗୋଚାଲାଣକୁ ବିରୋଧକରି ଗ୍ରାମବାସୀଙ୍କ ପ୍ରତିବାଦ ସଭା

ଗ୍ରାମବାସୀ ପକ୍ଷରୁ ପ୍ରତିବାଦ ସଭା।

ବାଲିଆପାଳ, ୨।୫(ରାଜଶ୍ରୀ ପାଣିଗ୍ରାହୀ)

ii. **The draw of lots for the 1st sitting will be held in the Reception Hall at 8.15 A.M. and 2nd Sitting at 12.15 P.M.**
iii. **Candidates who do not turn up before the closure of the draw of lots will be allotted Boards through the draw of lots by any one of the candidates present.**
iv. **Like all other Interviews conducted by OPSC, this Interview process is also identity less and any personal particulars like Name, Roll Number or any information which might divulge the identity of candidates are not disclosed to the Interview Board. The candidate will appear for the Interview with a Code Number randomly generated through the system.**

OIPR-12001/12002/1/26-27/0007

Sd./- Secretary

# ମାଟ୍ରିକ୍ ଫଳ: ଜିଲାରେ ପାସ୍ ହାର ୯୬.୦୧ ପ୍ରତିଶତ

## ଛାତ୍ରଙ୍କୁ ପଛରେ ପକାଇଲେ ଛାତ୍ରୀ

### ଏ-୧ରେ ୧୦୯ ଉତ୍ତୀର୍ଣ୍ଣ

ଭଦ୍ରକ,୨।୫(ସନାତନ ରାଉତ)

ମାଟ୍ରିକ୍ ପରୀକ୍ଷାଫଳ ଶନିବାର ଅପରାହ୍ଣରେ ପ୍ରକାଶ ପାଇଥିବା ବେଳେ ଭଦ୍ରକ ଜିଲାରେ ପାସ୍ ହାର ୯୬.୦୧ ପ୍ରତିଶତ ରହିଛି। ଏ-୧ରେ ୧୦୯ ଜଣ ପରୀକ୍ଷାର୍ଥୀ ପାସ୍ କରିଥିବା ବେଳେ ଏ-୨ରେ ୬୬୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବି-୧ରେ ୧୫୬୦, ବି-୨ରେ ୩୦୭୬, ସି ଗ୍ରେଡ୍‌ରେ ୪୭୬୩, ଡି ଗ୍ରେଡ୍‌ରେ ୫୯୦୬ ଓ ଇ ଗ୍ରେଡ୍‌ରେ ୪୪୦୮ ଜଣ ପାସ୍ କରିଛନ୍ତି। ଜିଲାରେ ଛାତ୍ରମାନଙ୍କୁ ପଛରେ ପକାଇ ଛାତ୍ରୀମାନେ ଆଗରେ ଅଛନ୍ତି। ୧୦ ହଜାର ୯୮ ଛାତ୍ର ଓ ୧୦ ହଜାର ୪୦୧ ଜଣ ଛାତ୍ରୀ ପାସ୍ କରିଛନ୍ତି। ଚାନ୍ଦବାଲି ବ୍ଲକ ବଲ୍ଲଭଶଙ୍ଖାଳି

### ହସ୍ତାକ୍ଷର ବେଶି ଭଲ ନ ଥିବାରୁ ନମ୍ବର କମିଗଲା

୫୬୪ ନମ୍ବର ରଖି ଭଦ୍ରକ ଜିଲାରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଦିନକୁ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିବା ବେଳେ ପରୀକ୍ଷା ପୂର୍ବ ୨ ମାସ ୯ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ୫୮୦ ନମ୍ବର ରହିବ ବୋଲି ଆଶା ରଖିଥିଲି। ହେଲେ ହସ୍ତାକ୍ଷର ବେଶି ଭଲ ନ ଥିବା ଯୋଗୁ ନମ୍ବର କମିଯାଇଛି। ତେବେ ଆଗକୁ ନିଟ୍ ପାଇଁ ପ୍ରସ୍ତୁତ ହେଉଛି। ବାପା ଶିବପ୍ରସାଦ ସ୍ୱାଇଁ ଔଷଧ ଦୋକାନ କରିଥିବା ବେଳେ ମା' ନିବେଦିତା ଗୃହିଣୀ। ଏହି ସଫଳତା ପାଇଁ ମା' ବାପାଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଟ୍ୟୁଶନ ଶିକ୍ଷକଙ୍କୁ ଶ୍ରେୟ ଦେବି।

**-ସାଇସୁମନ ସ୍ୱାଇଁ,**
**ପାଞ୍ଚପଡ଼ା ଶିବଦୁର୍ଗା ନୋଡାଲ ହାଇସ୍କୁଲ ଛାତ୍ର, ଚାନ୍ଦବାଲି**

### ଅଧିକ ନମ୍ବର ଆଶା ଥିଲା

୫୬୧ ନମ୍ବର ରଖିଥିବା ବେଳେ ଜିଲାରେ ୪ର୍ଥ ସ୍ଥାନରେ ଅଛି। ଆହୁରି ଅଧିକ ନମ୍ବର ରହିବ ବୋଲି ଆଶା ଥିଲା। ବାପା ସରୋଜ କୁମାର ବାରିକ ଭୁବନେଶ୍ୱରରେ କାର୍ଯ୍ୟରତ ଥିବାବେଳେ ମା' ଯଶୋସ୍ୱିନୀ ଜଣେ ଗୃହିଣୀ। ଆଗକୁ ଡାକ୍ତରୀ ପଢ଼ିବା ପାଇଁ ଲକ୍ଷ୍ୟ ରହିଛି।

**-ସ୍ନେହା ବାରିକ, ଦାଖା ହାଇସ୍କୁଲ ଛାତ୍ରୀ, ଚାନ୍ଦବାଲି**

ଚାରିମୌଜା ଜନ୍ତୁଆଳି ନୂଆଗାଁ ହାଇସ୍କୁଲର ଛାତ୍ରୀସରିତା ନାୟକ ୫୭୩ ନମ୍ବର ରଖି ଜିଲାରେ ଟପ୍ପର ହୋଇଛନ୍ତି। ସେହି ବ୍ଲକର ପାଞ୍ଚପଡ଼ା ଶିବଦୁର୍ଗା ନୋଡାଲ ହାଇସ୍କୁଲ ଛାତ୍ର ସାଇସୁମନ ସ୍ୱାଇଁ ୫୬୪ ନମ୍ବର ରଖି ୨ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଭଦ୍ରକ ବ୍ଲକ ରମ୍ଭିଳା ହାଇସ୍କୁଲର ପାର୍ଥ ପ୍ରତୀମ ବାରିକ ଓ ଭଦ୍ରକ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦିବ୍ୟଜ୍ୟୋତି ଦାସ ୫୬୩ ନମ୍ବର ରଖି ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି। ମାଟ୍ରିକ୍ ପରୀକ୍ଷା ପାଇଁ ଜିଲାରେ ମୋଟ ୨୧ ହଜାର ୭୨୪ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧ ହଜାର ୩୫୨ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୦ ହଜାର ୪୯୯ଜଣ ପାସ୍ କରିଥିବା ବେଳେ ୮୫୩ ଫେଲ୍ ହୋଇଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

## ସିପିଆଇ ପକ୍ଷରୁ ଶ୍ରମିକ ଦିବସ ପାଳିତ

ବନ୍ତ,୨।୫
(ହରିନାରାୟଣ ମହାନ୍ତି)

ବନ୍ତ ଥାନା ଛକଠାରେ ଶୁକ୍ରବାର ସିପିଆଇ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ସାଥୀ ଭାସ୍କର ଚନ୍ଦ୍ର ବେହେରା ଲାଲ୍ ପତାକା ଉତ୍ତୋଳନ କରି ଶ୍ରମିକମାନଙ୍କୁ ଐକ୍ୟବଦ୍ଧ ହୋଇ ଶ୍ରମିକ ଶ୍ରେଣୀର ମୌଳିକ ସମସ୍ୟା ଉପରେ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜୋନ୍ ସମ୍ପାଦକ ଗୋପବନ୍ଧୁ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିରଞ୍ଜନ ନାୟକ, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ପଧାନପଡ଼ା ସମିତିସଭ୍ୟ ପ୍ରତିନିଧି ଦୁଲ୍ଲା ଖାଁ, ଫକୀର ଚରଣ ବିଶ୍ୱାଳ, କିଶୋର ବେହେରା, ଅରବିନ୍ଦ ବିଶ୍ୱାଳ, ଦିଲୀପ ନାୟକ, ବାବାଜୀ ଚରଣ ଜେନା ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନ ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପର୍ଶୁରାମ ସ୍ୱାଇଁ, ପବିତ୍ର ସେଠୀ, ପଞ୍ଚାନନ ସେଠୀ, ଜୟନ୍ତ ଜେନା, ରବୀନ୍ଦ୍ର ସେଠୀ, କମଳାକାନ୍ତ ଜେନା, ଅଭିମନ୍ୟୁ ଜେନା, କୃଷ୍ଣଚନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ରାଉତ, କୃପାସିନ୍ଧୁ ଖଣ୍ଡେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଭିଜିତ୍ ହେଲେ ବ୍ଲକ୍ ଟପ୍ପର

ବନ୍ତ,୨।୫ (ହରି ନାରାୟଣ ମହାନ୍ତି)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବନ୍ତ ବ୍ଲକରେ ଏ-୧ରେ ୭ ପରୀକ୍ଷାର୍ଥୀ ସଫଳତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ କୁଣ୍ଡି ମହାନ୍ତିପଡ଼ାସ୍ଥିତ ଆଶାମଣି ଉଚ୍ଚ ବିଦ୍ୟାପୀଠର ଛାତ୍ର ଅଭିଜିତ୍ ସାହୁ ୫୫୮ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ତୋଡ଼ଗାଁସ୍ଥିତ ପୀତାମ୍ବରୀ ଉଚ୍ଚ ବିଦ୍ୟାଗିରିର ଛାତ୍ରୀ ଅଙ୍କିତା ବେହେରା ୫୫୬ ନମ୍ବର ରଖି ବ୍ଲକରେ ୨ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହାନ୍ତିପଡ଼ାସ୍ଥିତ ଆଶାମଣି ଉଚ୍ଚ ବିଦ୍ୟାପୀଠର ଛାତ୍ର ରାହୁଲ ଗୁପ୍ତା, ବନ୍ତ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲୁବିନା ବାତୁନ, ଆଗରପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସଂସ୍କୃତି ଜେନା, କାଦବରାଙ୍ଗ ହାଇସ୍କୁଲର ଛାତ୍ରୀ ପ୍ରତିଭା ପଣ୍ଡା, ଗୋପୀନାଥପୁରସ୍ଥିତ ଗୋପୀନାଥଜୀଉ ହାଇସ୍କୁଲର ଛାତ୍ର ସୌମ୍ୟ ରଞ୍ଜନ ସାହୁ ପ୍ରତ୍ୟେକ ୫୪୦ ନମ୍ବର ରଖିଥିବା ଜଣାଯାଇଛି।

## ଚନ୍ଦନ ପୂର୍ଣ୍ଣିମାରେ ଧର୍ମନିରଞ୍ଜନଙ୍କ ପୀଠରେ ଭିଡ଼

ଆପଣ୍ଡା ଗ୍ରାମର ଧର୍ମନିରଞ୍ଜନଙ୍କ ପୀଠରେ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଛି।

ବନ୍ତ,୨।୫(କିଶୋର କୁମାର ସେଠୀ)

ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ଅଧୀନ ଆପଣ୍ଡା ଗ୍ରାମର ପ୍ରସିଦ୍ଧ ଧର୍ମନିରଞ୍ଜନଙ୍କ ପୀଠରେ ଶୁକ୍ରବାର ଚନ୍ଦନ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରଭୁ ଧର୍ମନିରଞ୍ଜନଙ୍କୁ ପବିତ୍ର ବାରିରେ ଜଳାଭିଷେକ କରାଯିବା ପରେ ଚନ୍ଦନ ଲାଗି ବେଶ ହୋଇଥିଲା। ଆଚାର୍ଯ୍ୟ ଓଁକାର ନନ୍ଦ ମିଶ୍ରଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ପୀଠ ପରିସରରେ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଦିନ ସାରା ଶ୍ରଦ୍ଧାଳୁଙ୍କ ଦ୍ୱାରା ଭଜନ କୀର୍ତ୍ତନରେ ପୀଠ ପ୍ରକମ୍ପିତ ହୋଇଥିଲା। ଭଦ୍ରକ ବୌଦ୍ଧ ବିହାର, ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ବୌଦ୍ଧ ବିହାର, ମରେଇଗାଁ ବୌଦ୍ଧ ବିହାର ଓ ଆଖପାଖ ଅଞ୍ଚଳ ଯଥା କୋଳିପଦୀ, ବରକୋଣା, ରାମପୁର, କଟିଣା, ବାଲିପୁର ଓ ବସନ୍ତିଆରୁ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଉତ୍ସବକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାରେ ଗାନ୍ଧୀ ଚରଣ ନାୟକ, ରାଜେଶ କୁମାର ନାୟକ, ବିଜୟ କୁମାର ଜେନା, ଶ୍ରୀକାନ୍ତ ନାୟକ, ସୁଶାନ୍ତ ନାୟକ, କେଦାରନାଥ ଜେନା, ପ୍ରଦୀପ ସାହୁ, ଦୈତାରି ଦାସ, ଶୁଭମ ଯେନା, ନନ୍ଦକିଶୋର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## 'ଆଧୁନିକତା ମଧ୍ୟରେ ମୂଳ ସଂସ୍କୃତିକୁ ଭୁଲିଯିବା ଉଚିତ ନୁହେଁ'

ଭଦ୍ରକ,୨।୫ (ସନାତନ ରାଉତ)

### ବୈଶାଖୀ ମେଳାର ୬ଷ୍ଠ ସନ୍ଧ୍ୟା

ଭଦ୍ରକ ସହର ନେହେରୁ ଷ୍ଟାଡିୟମ୍ ପରିସରରେ ଚାଲିଥିବା 'ବୈଶାଖୀ ମେଳା-୨୦୨୬'ର ଶୁକ୍ରବାର ଥିଲା ୬ଷ୍ଠ ସନ୍ଧ୍ୟା। ଡା. ରବୀନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକର ପାରମ୍ପରିକ ଖାଦ୍ୟ, ସଂସ୍କୃତି ଓ ପର୍ବପର୍ବାଣିକୁ ନେଇ ଏକ ସାରଗର୍ଭକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଖାଦ୍ୟ ଓ ପର୍ବପର୍ବାଣି କେବଳ ପରମ୍ପରା ନୁହେଁ, ବରଂ ଏହା ଆମ ଜୀବନଶୈଳୀ, ସ୍ୱାସ୍ଥ୍ୟର ମୂଳଦୁଆ। ପାରମ୍ପରିକ ପିଠାପଣା ଏବଂ ଓଷା ବ୍ରତ ମଧ୍ୟରେ ଏକ ବୈଜ୍ଞାନିକ ଦୃଷ୍ଟିକୋଣ ରହିଛି ବୋଲି ସଭାପତି ଡ. ନାୟକ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ର ଯୋଗଦେଇ କହିଥିଲେ, ଆଧୁନିକତା ମଧ୍ୟରେ ଆମେ ଆମର ମୂଳ ସଂସ୍କୃତିକୁ ଭୁଲିଯିବା ଉଚିତ ନୁହେଁ। ଆମର ଲୁପ୍ତପ୍ରାୟ ଖାଦ୍ୟ ସଂସ୍କୃତିକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବାରେ ବୈଶାଖୀ ମେଳା ଏକ ସେତୁ ସଦୃଶ। ମୁଖ୍ୟବକ୍ତା ଡ. ପ୍ରଫୁଲ୍ଲ କୁମାର ସାହୁ ଏବଂ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ରବିନାରାୟଣ ପଣ୍ଡା ଯୋଗଦେଇ ଭଦ୍ରକର ପାଲୁଅ ଲଡୁଠାରୁ ଆରମ୍ଭ କରି ପ୍ରସିଦ୍ଧ ପିଠାପଣା ପର୍ଯ୍ୟନ୍ତ ସବୁଥିରେ ମାଟିର ବାସ୍ନା ରହିଛି ବୋଲି କହିଥିଲେ। ଆଇନଜୀବୀ ମନୋରଞ୍ଜନ ଦାସ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ବାବୁଲାଲ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାବିତ୍ ମଦନମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଅଜୟ ନାୟକ, ସମ୍ପାଦକ ଗଦାଧର ବାଳ, ସୀତାକାନ୍ତ ଦାସ, ଗୌରାଙ୍ଗ ବାରିକ, ନାରାୟଣ ପାଢ଼ୀ, ଶାନ୍ତିଲତା ବାରିକ, ରାଜଶ୍ରୀ ନାୟକ, କାଳନ୍ଦୀ ମଲ୍ଲିକ, ମିନତି ବାରିକ, ପଦ୍ମନ ରାୟ, ସୁଧାକର ରାଉତ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଆଖଣ୍ଡଳମଣିଙ୍କ ପାଇଁ ଆସିଲା ଲଗ୍ନ ଚିଟାଉ

ସେବାୟତମାନେ ଏକ ବିମାନରେ ଲଗ୍ନ ଚିଟାଉ ନେଉଛନ୍ତି।

ଧୁସୁରୀ,୨।୫ (ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠ ଶୁକ୍ରବାର ଉତ୍ସବମୁଖର ହୋଇଥିଲା। ଆସନ୍ତା ଜୁନ୍ ୧୯ରେ ମହାଦେବଙ୍କ ବିବାହ ସକାଶେ ଲଗ୍ନଧରା କାର୍ଯ୍ୟକ୍ରମ ଥିବାରୁ ସେବାୟତ ଓ ଉକ୍ତ ଉତ୍ସାହିତ ଥିଲେ। ବାବା ଆଖଣ୍ଡଳମଣିଙ୍କ ପାଇଁ ଲଗ୍ନ ଚିଟାଉ ଆସିଥିଲା।

ପରମ୍ପରା ଅନୁଯାୟୀ ଅପରାହ୍ଣରେ ସମ୍ପୂର୍ଣ୍ଣ ଲୌକିକ ରୀତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାତା ପାର୍ବତୀଙ୍କ ପିତା ସାଜିଥିବା କେନ୍ଦୁଝରସ୍ଥିତ ରଞ୍ଜନ କୁମାର ସାହୁଙ୍କ ପୁରୋହିତ ବିଚିତ୍ର ପାଢ଼ୀଙ୍କ ବାସଭବନରେ ଲଗ୍ନ ଚିଟାଉ ଲେଖାଯାଇଥିଲା। ବେଦଜ୍ଞ ପୁରୋହିତଙ୍କ ମଙ୍ଗଳାଷ୍ଟକ ପାଠ ସାଙ୍ଗକୁ ହରିବୋଲ, ହୁଳହୁଳି, ଶଙ୍ଖଧ୍ୱନିରେ କନ୍ୟାପିତାଙ୍କ ଗୃହ ପ୍ରକମ୍ପିତ ହୋଇଉଠିଥିଲା। ବିଧି ଅନୁସାରେ ମଙ୍ଗଳବେଳାରେ ଲଗ୍ନ ଲେଖାଯାଇଥିଲା। ଏହି ଲଗ୍ନକୁ ଏକ ଚାନ୍ଦି ନିର୍ମିତ ରେକାବୀରେ ରଖି ମଙ୍ଗଳ ପ୍ରତୀକ ଲାଲ କପଡ଼ା ଦ୍ୱାରା ଆବଦ୍ଧ କରାଯାଇଥିଲା। ପରେ ଶୋଭାଯାତ୍ରାରେ ଲଗ୍ନ ଚିଟାଉ ନିଆଯାଇଥିଲା। ଲଗ୍ନ ସାମଗ୍ରୀ ଯଥା ରତ୍ନହାର, ରତ୍ନମୁଦ୍ରିକା, ରୌପ୍ୟ ଓ କଂସା ଥାଳି, ପଞ୍ଚ ଦେବତାଙ୍କ ପୂଜା ଉପକରଣ, ରୌପ୍ୟ ଖଟୁଲି, ସପ୍ତ ପାଟଯୋଡ଼, ଅନ୍ୟାନ୍ୟ ଲଗ୍ନ ଉପକରଣ ସମର୍ପଣ ପୂର୍ବକ କନ୍ୟାପିତା ଲଗ୍ନ ମଣ୍ଡପରେ ରଖିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ଯୋଡ଼ିମହୁରୀ, ଢୋଲର ତାଳେ ତାଳେ କୁଳ ପୁରୋହିତ, ମଧ୍ୟସ୍ଥି ଦେବର୍ଷି ନାରଦ, ଜ୍ୟୋତିଷଙ୍କ ସମେତ ୭ଜଣ ସାମନ୍ତ ଲଗ୍ନ ଚିଟାଉ ଓ ଲଗ୍ନ ଉପକରଣ ନେଇ ବର ବାବା ଭୋଳାଶଙ୍କରଙ୍କ ପିତା ସାଜିଥିବା କେନ୍ଦ୍ରାପଡ଼ାସ୍ଥିତ ଅସିତ କୁମାର ସାହୁଙ୍କ ପୁରୋହିତ ମନୋରଞ୍ଜନ ପାଢ଼ୀଙ୍କ ବାସଗୃହକୁ ଯାଇଥିଲେ। ଶୋଭାଯାତ୍ରାରେ ରାସ୍ତାଘାଟ ପ୍ରକମ୍ପିତ ହୋଇଉଠିଥିଲା। ଲଗ୍ନ ନେଇଆସିଥିବା ଅତିଥିମାନଙ୍କୁ ସେଠାରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହାପରେ ବରପିତା ପରମ୍ପରା ଅନୁସାରେ ମଧ୍ୟସ୍ଥି, ଜ୍ୟୋତିଷ, ପୁରୋହିତ, ସାମନ୍ତମାନଙ୍କୁ ଭୂରି ଭୋଜନରେ ଆପ୍ୟାୟିତ କରିଥିଲେ। ଏହି ଲଗ୍ନ ମହୋତ୍ସବ ଦେଖିବା ପାଇଁ ପୀଠରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଆରଡ଼ିର ସମସ୍ତ ସେବାୟତଙ୍କ ଗୃହଦ୍ୱାରରେ ପୂର୍ଣ୍ଣକଳସ ଶୋଭା ପାଇଥିଲା। ଆଖଣ୍ଡଳମଣିଙ୍କ ଏହି ପବିତ୍ର ଲଗ୍ନ ମହୋତ୍ସବ ନିଜ ନିଜର ଝିଅ ପୁଅଙ୍କର ସମାପିତ ହେଉଥିବା ଭଳି ସେବାୟତ ପରିବାର ମନେ କରୁଥିଲେ।

## ଖବରଦାତାଙ୍କ ସୁରକ୍ଷା, ଆର୍ଥିକ ସୁବିଧା ପାଇଁ ଦାବି

ଭଦ୍ରକ,୨।୫ (ରବିନାରାୟଣ ଖିଲାର)

ଖବରଦାତାଙ୍କ ସୁରକ୍ଷା ଓ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକର ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ଉଦ୍ଦେଶ୍ୟରେ ଗୁରୁବାର ସନ୍ଧ୍ୟାରେ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଅନୁମୋଦନ କ୍ରମେ ଜିଲା ସଭାପତିଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ସାମଲ, ଆବାହକ ଅବିନାଶ ପଣ୍ଡାଙ୍କ ସମେତ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ଅନ୍ୟ ରାଜ୍ୟ ତୁଳନାରେ ଅପେକ୍ଷାକୃତ ଦୁର୍ବଳ। ଆମ ଦେଶର ଅଧିକାଂଶ ରାଜ୍ୟରେ ସାମ୍ବାଦିକମାନଙ୍କୁ ଅଧିସ୍ୱୀକୃତି ଦିଆଯାଉଥିଲା ବେଳେ ଆମ ରାଜ୍ୟରେ ଏ ସଂଖ୍ୟା ମାତ୍ର ୨୦୦ରେ ସୀମିତ। ଓଡ଼ିଶା ସରକାରଙ୍କ ପକ୍ଷରୁ କିଛି ସୀମିତ ଯୋଜନା ବ୍ୟତୀତ ଆବଶ୍ୟକୀୟ ମୌଳିକ ସୁବିଧାରୁ ସାମ୍ବାଦିକ ବର୍ଗଙ୍କୁ ବଞ୍ଚିତ କରାଯାଇଛି ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଖବରଦାତାମାନଙ୍କ ମୁଖ୍ୟ ଦାବିଗୁଡ଼ିକ ଉପରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲା ଓ ରାଜ୍ୟ ସ୍ତରରେ ସାମ୍ବାଦିକମାନଙ୍କୁ ବ୍ୟାପକ ଭାବେ ମାନ୍ୟତା ପ୍ରଦାନ, କ୍ରମାଗତ ଭାବେ ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ସାମ୍ବାଦିକଙ୍କ ପାଇଁ ଅନ୍ୟୁନ ୧୫ ହଜାର ଟଙ୍କାର ପେନ୍‌ସନ ବ୍ୟବସ୍ଥା, ଓଡ଼ିଶା ପ୍ରେସ୍ ଏକାଡେମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକମାନଙ୍କ ପାଇଁ ରହଣି ବ୍ୟବସ୍ଥା, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିଧିରେ ଅବସରପ୍ରାପ୍ତ ଖବରଦାତା, ହିତାଧିକାରୀଙ୍କ ମା', ବାପା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ସନ୍ତାନଙ୍କୁ ସାମିଲ କରାଯିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଖବରଦାତା ରାମନାରାୟଣ ମହାନ୍ତି, ସଞ୍ଜୀବ କୁମାର ନାଏକ, କୋଷାଧ୍ୟକ୍ଷ ସୁଜୟ କୁମାର ପାକଳ, ଅମର କୁମାର ନାଏକ, ରଞ୍ଜନ କୁମାର ମଲ୍ଲିକ, ଅଜୟ କୁମାର ମଲ୍ଲିକ, କାହ୍ନୁ ଚରଣ ଯେନା, ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, ସେକ ଜାଫର ଅଲ୍ଲୀ, ଭଗବାନ ସାମଲ, ଜଗନ୍ନାଥ ବେହେରା, ପ୍ରଦୀପ ବଳ, ଶୁଭାଶିଷ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ତିହିଡ଼ି,୨।୫(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ଆରୁହାସ୍ଥିତ ସିନ୍ଦୋଳ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର ସହକାରୀ ଶିକ୍ଷକ ଲଲାଟେନ୍ଦୁ ମହାପାତ୍ରଙ୍କୁ ଶୁକ୍ରବାର ସ୍କୁଲ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ବିଶ୍ୱନାଥ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିନ୍ଦୋଳ ସରପଞ୍ଚ ସୁପ୍ରଭା ପାଣି ଯୋଗଦେଇ ଅବସର ସମୟର ସଦୁପଯୋଗ ମାନସିକ ଚାପରୁ ମୁକ୍ତ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ସମିତିସଭ୍ୟ ନକୁଳ ଚନ୍ଦ୍ର ବାରିକ, ବରେଣ୍ୟ ଅତିଥି ପୂର୍ବତନ ସରପଞ୍ଚ ମୀନକେତନ ସେନାପତି, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଭାଗୀରଥି ଆଚାର୍ଯ୍ୟ ଓ ପ୍ରଦୀପ କୁମାର ବାରିକ ଯୋଗ ଦେଇଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ଦାସ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସନ୍ତୋଷ କୁମାର ପଣ୍ଡା ଅତିଥି ପରିଚୟ ଓ ପ୍ରଶାନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ରତ୍ନାକର ପରିଡ଼ା, ଅମୂଲ୍ୟ କୁମାର ରାଉତ, ଗଙ୍ଗାଧର ବେହେରା, ସଞ୍ଜୟ କୁମାର ସେନାପତି, କୃପାସିନ୍ଧୁ ମହାନ୍ତି, ଭକ୍ତବନ୍ଧୁ ପତି, ବିପ୍ଳବ କୁମାର ପହି, ଦୈତାରୀ ଯେନା, ଡ. ଅଜୟ କୁମାର ମଲ୍ଲିକ, ଅନିରୁଦ୍ଧ ବାରିକ, ନିତ୍ୟାନନ୍ଦ ମଲ୍ଲିକ, ସଞ୍ଜୀବ ବାରିକ, ପ୍ରତୀକ୍ଷା ନାୟକ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ନୃସିଂହ ଚରଣ ପଣ୍ଡା ଧନ୍ୟବାଦ ଦେଇଥିଲେ। ଭାଗୀରଥି ବେହେରା, ଅଭୟ କୁମାର ସେନାପତି, ଦାଉଦ ଅଲ୍ଲୀ ସହାଦୀ, ଅଶୋକ ନାୟକ, ବାଇଧର ଯେନା, ବୈକୁଣ୍ଠନାଥ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଷୋଳମପୁର ବୌଦ୍ଧବିହାରରେ ବୁଦ୍ଧ ଜୟନ୍ତୀ

ଭଣ୍ଡାରିପୋଖରୀ,୨।୫(ରାଜେନ୍ଦ୍ର ଶତପଥୀ)

ବୁଦ୍ଧ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ବୌଦ୍ଧବିହାର ପରିସରରେ ବୁଦ୍ଧ ଜୟନ୍ତୀ ପାଳନ କରାଯାଇଥିଲା। ବୌଦ୍ଧବିହାର ଓ ରଘୁନାଥଜୀଉ ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ବୌଦ୍ଧବିହାର ପରିସରରେ ଇନ୍‌ଟାକ ସଦସ୍ୟ ବିଶ୍ୱମ୍ଭର ରାଉତଙ୍କ ସଞ୍ଚାଳନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କଳାକାର ସଂଘ ଉପସଭାପତି ଗାୟକ ତ୍ରିଲୋଚନ ପଣ୍ଡା, ରହଣିଆ ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ଡା. ଅବିନାଶ କୁମାର, ଡା. ସୌଭାଗ୍ୟ ଜେନା, ଶିକ୍ଷାବିତ୍ ବର୍ଷାରାଣୀ ଜେନା ଓ ସାମାଜିକ କର୍ମୀ ବ୍ରଜକିଶୋର ନାୟକ ଯୋଗଦାନ କରିଥିଲେ। ବୁଦ୍ଧଦେବଙ୍କ ଜନ୍ମ, ବୌଦ୍ଧତ୍ୱପ୍ରାପ୍ତି ଓ ମହାନିର୍ବାଣ ସମନ୍ୱୟର ତିଥି ବୁଦ୍ଧ ପୂର୍ଣ୍ଣିମାର ତାତ୍ପର୍ଯ୍ୟ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିବା ସହ ଷୋଳମପୁର ବୌଦ୍ଧବିହାରର ବିକାଶ ନେଇ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପୂଜକ ଉମାକାନ୍ତ ପଣ୍ଡା ରଘୁନାଥଜୀଉ ଓ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ବୁଦ୍ଧମସ୍ତକ, ବୌଦ୍ଧଦେବୀ ତାରା, ମଞ୍ଜୁଶ୍ରୀ, ଅଷ୍ଟମହାଶ୍ଚର୍ଯ୍ୟ ମୂର୍ତ୍ତି, ଧ୍ୟାନୀବୁଦ୍ଧ ଓ ଉଗ୍ରତାରା ମୂର୍ତ୍ତିରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ବୌଦ୍ଧ ବିହାର ବିକାଶ ପ୍ରକଳ୍ପ ଶୁଭାରମ୍ଭ କରାଯାଇଥିଲା। ଟ୍ରଷ୍ଟି କମଳାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବଳକୃଷ୍ଣ ନାୟକ, ଉମାକାନ୍ତ ନାୟକ, ଦେବେନ୍ଦ୍ର ପଲାଇ, ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜଳଛତ୍ର ଶିବିର

ଧାମନଗର,୨।୫
(ଦେବେନ୍ଦ୍ର ଆଢ଼ିଆ)

ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ବଜାରଠାରେ ଶୁକ୍ରବାର କର୍ମବୀର ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ପକ୍ଷରୁ ଏକ ଜଳଛତ୍ର ଶିବିର ଉଦ୍‌ଘାଟିତ ହୋଇଯାଇଛି। ପ୍ରବଳ ଗ୍ରୀଷ୍ମ ଓ ରୌଦ୍ରତାପକୁ ଦୃଷ୍ଟିରେ ରଖି ପଥଚାରୀମାନଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଏହି ଜଳଛତ୍ର ଖୋଲାଯାଇଥିବା ସଦସ୍ୟମାନେ କହିଥିଲେ। ସମସ୍ତ ପଥଚାରୀଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ସ୍ମୃତି ସଂସଦର କର୍ମକର୍ତ୍ତା ତ୍ରିଲୋଚନ ବେହେରା, ମାନଗୋବିନ୍ଦ ଦାସ, ଅଧ୍ୟାପକ ହିମାଂଶୁ ଶେଖର ଦାଶ, ନାରାୟଣ ଚନ୍ଦ୍ର ଦାସ, ବାସୁଦେବ ପାଗଳ, ଗଣେଶ ଚନ୍ଦ୍ର ସାହୁ, ଦାମୋଦର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ବନ୍ଧକ ଗହଣା ଫେରସ୍ତ ନ ଦେବା ଅଭିଯୋଗରେ ମାମଲା ରୁଜୁ

ଭଣ୍ଡାରିପୋଖରୀ,୨।୫
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ନଗୁଆଁ ପଞ୍ଚାୟତ ଡଗରପଡ଼ା ଗ୍ରାମର ଭୀମସେନ ସେଠୀ ବନ୍ଧକ ସୁନା ରୁପା ଗହଣା ଫେରସ୍ତ ଦେଉ ନ ଥିବା ଅଭିଯୋଗରେ ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ବଳଭଦ୍ରପୁର ଗ୍ରାମର ଭଗବାନ ସେଠୀ ୨୦୧୯ ଡିସେମ୍ବରରେ ୧୪ ଗ୍ରାମର ସୁନା ପେଣ୍ଡିଫୁଲ ଓ ଝରାଫୁଲ, ୧୬ ଭରି ଓଜନର ରୁପା ଗହଣା ଭୀମସେନଙ୍କୁ ବନ୍ଧକ ଦେଇ ୨୨ ହଜାର ଟଙ୍କା ଉଧାର ନେଇଥିଲେ। ଉଧାର ନେବା ମାସଠାରୁ ସେ ନିୟମିତ ସୁଧ ପୈଠ କରିଆସୁଥିଲେ। ଗତ ମାର୍ଚ୍ଚ ୨୯ରେ ମୂଳ ଅର୍ଥ ପୈଠ କରି ବନ୍ଧକ ଗହଣା ଫେରସ୍ତ ପାଇଁ ଭଗବାନ ଚାହିଁଥିଲେ। ମାତ୍ର ଭୀମସେନ ବନ୍ଧକ ଗହଣା ବିକ୍ରି ହୋଇଯାଇଛି କହି ଫେରସ୍ତ ଦେବାକୁ ମନା କରିଥିଲେ। ଏନେଇ ଭଗବାନ ଗତ ମାର୍ଚ୍ଚ ୩୦ରେ ଥାନାରେ ଅଭିଯୋଗ କରିଥିଲେ। ଏପ୍ରିଲ ୧୨ରେ ଭୀମସେନ ଥାନାକୁ ଭଦ୍ରଲୋକଙ୍କ ସହ ଆସି ୮ ଦିନ ମଧ୍ୟରେ ବନ୍ଧକ ଗହଣା ଫେରସ୍ତ ଦେବାକୁ ପ୍ରତିଶ୍ରୁତି ଦେଇଯାଇଥିଲେ। ପରେ ଗହଣା ଫେରସ୍ତ ପାଇଁ ମନା କରିବା ସହ ଘରକୁ ଆସିଲେ ଜୀବନରୁ ମାରି ଦେବାକୁ ଭଗବାନଙ୍କୁ ଧମକ ଦେଇଥିଲେ। ଫଳରେ ଗତ ଶୁକ୍ରବାର ଭୀମସେନଙ୍କ ନାମରେ ଏକ ମାମଲା (ନଂ.୨୧୫/୨୬) ରୁଜୁ ହୋଇଛି।

## ଶିକ୍ଷକଙ୍କ ଅସ୍ୱାଭାବିକ ମୃତ୍ୟୁ

ବାସୁଦେବପୁର,୨।୫
(ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ବ୍ଲକ ଅଧୀନ ଆର୍ଡୁଁ ଗ୍ରାମର ଶିକ୍ଷକ ବଳରାମ ବିନ୍ଧାଣୀ(୫୦)ଙ୍କର ଶୁକ୍ରବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଶିକ୍ଷକ ବିନ୍ଧାଣୀ ସକାଳେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସେ ଚାନ୍ଦବାଲି ବ୍ଲକ ଗାରଦପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଜନଗଣନା କାର୍ଯ୍ୟ ସାରି ସେ ଘରକୁ ଫେରିବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଶୁକ୍ରବାର ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ପ୍ରଭାବରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

## 'ଶ୍ରମିକମାନେ ରାଷ୍ଟ୍ର ଗଠନର ମୂଳ ଶକ୍ତି'

### ୨୫୨୪ ନିର୍ମାଣ ଶ୍ରମିକଙ୍କୁ ୬.୩୬ କୋଟି ସହାୟତା

ଭଦ୍ରକ,୨।୫ (ସନାତନ ରାଉତ)



ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ଅବସରରେ ଜଣେ ଶ୍ରମିକଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ, ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଚରମ୍ପାସ୍ଥିତ ମହାରାଜା ଅଗ୍ରେସନ ଭବନରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଯୋଗଦେଇ କହିଥିଲେ, ଶ୍ରମିକମାନେ ରାଷ୍ଟ୍ର ଗଠନର ମୂଳ ଶକ୍ତି। ସରକାର ସେମାନଙ୍କ ସାମାଜିକ ସୁରକ୍ଷା, ଶିକ୍ଷା ଓ ଆର୍ଥିକ ଉନ୍ନତି ପାଇଁ ଆରମ୍ଭ କରିଥିବା ବହୁ ଯୋଜନା ସମସ୍ତ ଯୋଗ୍ୟ ଶ୍ରମିକଙ୍କ ପାଖରେ ପହଞ୍ଚାଇବାକୁ ସେ ଶ୍ରମ ବିଭାଗକୁ ଆହ୍ୱାନ ଦେଇଥିଲେ। ବାସୁଦେବପୁର ବିଧାୟକ ଅଶୋକ ଦାସ ଯୋଗଦେଇ ରାଷ୍ଟ୍ରର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ଶ୍ରମିକମାନଙ୍କ ଯୁକ୍ତିଯୁକ୍ତ ଦାବି ଓ ସମସ୍ୟାକୁ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ଜିଲାପାଳ ଦିଲୀପ ରାଉତରାଏ ଶ୍ରମିକମାନଙ୍କ ସାମାଜିକ, ସ୍ୱାସ୍ଥ୍ୟ ଓ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବାରେ ପ୍ରଶାସନ ସଦା ସଚେତନ ରହିଥିବା କହିଥିଲେ। ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ ଓ ଜିଲା ଶ୍ରମ କମିଶନର ସଚ୍ଚିଦାନନ୍ଦ ଜେନା ଯୋଗ ଦେଇଥିଲେ। ୨୫୨୪ ନିର୍ମାଣ ଶ୍ରମିକଙ୍କୁ ୬ କୋଟି ୩୬ ଲକ୍ଷ ୨୭ ହଜାର ସହାୟତାରାଶି ବଣ୍ଟନ କରାଯାଇଥିଲା। ସେହିପରି ରାନ୍ଧିଆସ୍ଥିତ ବେଦାନ୍ତ ଫେଙ୍କରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶ୍ରମ କଲ୍ୟାଣ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, ଜିଲା ଶ୍ରମ ପ୍ରବର୍ତ୍ତନ ଅଧିକାରୀ ପ୍ରେମ ମଞ୍ଜରୀ ନାୟକ ଯୋଗ ଦେଇଥିଲେ। ସହ ଶ୍ରମ ଅଧିକାରୀ ସଞ୍ଜିତ ଦେଓ ମଞ୍ଚ ପରିଚାଳନା କରିଥିଲେ। ସହ ଶ୍ରମ ଅଧିକାରୀ ଭାରତ ଚନ୍ଦ୍ର ଦାସ, ଲୋକନାଥ ଦାସ, ପ୍ରତ୍ୟୁଷ ବେହେରା, ମନୋରଞ୍ଜନ ନାୟକ, ଚଞ୍ଚଳା ମେହେର, ସଂଯୋଜକ ସ୍ୱରପ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହାଇୱା ଧକ୍କାରେ ଜଣେ ମୃତ

ଛେନାପଦୀ/ହାଟଡ଼ିହୀ/ବଉଳା,୨।୫ (ନିରାକାର ପରିଡ଼ା/ଶୁଭକାନ୍ତ ନାୟକ/ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ସୋସୋ ଥାନା ବିଦ୍ୟାଧରପୁର ବ୍ୟାରେଜ୍ ପୋଲ ଉପରେ ଶନିବାର ବିଳମ୍ବିତ ରାତିରେ ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ବିଦ୍ୟାଧରପୁର ଠାକୁରପାଟଣା ଗ୍ରାମର ରାମଚନ୍ଦ୍ର ସାହୁ (୩୫)। ସେ ବିଦ୍ୟାଧରପୁର ବଜାରରୁ ବ୍ୟାରେଜ ପୋଲ ଉପରେ ଚାଲି ଚାଲି ଘରକୁ ଫେରୁଥିଲେ। ଏହି ସମୟରେ ଏକ ବାଲି ବୋଝେଇ ହାଇୱା ତାଙ୍କ ପଛପଟୁ ଧକ୍କା ଦେଇ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାମଚନ୍ଦ୍ରଙ୍କ ଭାଇ ଶୁକଦେବଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୯୩/୨୦୨୬) ରୁଜୁ କରିଛି। ବୋଝେଇ ହାଇୱା ଜବତ ହୋଇଛି। ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ସୋସୋ ଥାନାଧିକାରିଣୀ କାନନ ସାହୁ କହିଛନ୍ତି।

### କାର୍‌କୁ ଧକ୍କାଦେଲା ଟ୍ରକ୍, ୭ ଆହତ

ଢେଙ୍କିକୋଟ,୨।୫(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ଓଭୋର ବ୍ରିଜ୍‌ରେ ଶନିବାର ଏକ କାର (ନଂ. ଜେଏଚ ୧୭ ଓ୍ୱଇ ୧୨୩୭)କୁ ଏକ ଲୁହା ପଥର ବୋଝେଇ ଟ୍ରକ୍ ପଛପଟୁ ଧକ୍କା ଦେଇଛି। ଫଳରେ କାରରେ ବସିଥିବା ପରିବାରର ୭ ଜଣ ଆହତ ହୋଇଛନ୍ତି। ସମ୍ବଲପୁରରୁ ଏକ ପରିବାର ମା' ତାରିଣୀଙ୍କ ନିକଟକୁ ନୂତନ କାର ପୂଜା କରିବା ପାଇଁ ଯାଉଥିଲେ। ଟ୍ରକ (ନଂ. ଓଡି ୦୯ ସି ୩୫୧୮) ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଟ୍ରକ ଡ୍ରାଇଭରଙ୍କୁ ଅଟକାଇ ପୋଲିସ ଜିମା ଦେଇଛନ୍ତି। ପୋଲିସ ଆହତଙ୍କୁ ଡାକ୍ତରଖାନା ପଠାଇ ତଦନ୍ତ କରୁଛି।

### ଶତାୟୁ ବୃଦ୍ଧଙ୍କ ପରଲୋକ

ବଞ୍ଝୋ,୨।୫(ପ୍ରଦୋଷ କୁମାର ବିଶ୍ୱାଳ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବଞ୍ଝୋ ଗ୍ରାମର ଶତାୟୁ ବୃଦ୍ଧ ରାମଚନ୍ଦ୍ର ବରାଳ(୧୦୧)ଙ୍କ ପରଲୋକ ହୋଇଛି।

ସେ ଜଣେ ସରଳ, ପରିଶ୍ରମୀ ଓ ଆଦର୍ଶ କୃଷକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ମୃତ୍ୟୁ ସମୟରେ ପୁଅ ସନ୍ତୋଷ ବରାଳ, ନାତି ଆଶୀର୍ବାଦ ବରାଳ, ପ୍ରକାଶ ବରାଳ, ବାପୁନ ବରାଳ, ବାପି ବରାଳ ଉପସ୍ଥିତ ଥିଲେ। ବଞ୍ଝୋ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସରପଞ୍ଚ ପ୍ରଶାନ୍ତ ରାଉତ ନାୟକ, ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଅଭିମନ୍ୟୁ ନାୟକ, ଅନାଦି ବରାଳ, ଜଗନ୍ନାଥ ବରାଳ ସହିତ ଗ୍ରାମବାସୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ବିଲରୁ ଯୁବକଙ୍କ ମୃତଦେହ ଜବତ

ଚମ୍ପୁଆ,୨।୫(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ବଡ଼ନଇ ଓ ପଳସା ଗ୍ରାମ ସୀମାରେ ଥିବା ବିଲରୁ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବଡ଼ନଇ ଓ ପଳସା ଗ୍ରାମ ସିମାରେ ଘର କରି ରହୁଥିବା ଦଶରଥ ମୁଣ୍ଡାଙ୍କ ପୁଅ ଉମେଶ ମୁଣ୍ଡା(୨୨)। ପୋଲିସ ଏକ ମାମଲା (ନଂ. ୧୦/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସ୍ୱରୂପ ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ବଡ଼ନଇ ଓ ପଳସା ଗ୍ରାମ ସୀମାରେ ଉମେଶ ନିଜ ପରିବାର ରହୁଥିଲେ। ଶୁକ୍ରବାର ରାତିରେ ଉମେଶ ଓ ତାଙ୍କ ସ୍ତ୍ରୀ ସୁକାନ୍ତି ମୁଣ୍ଡାଙ୍କ ସହ ବଚସା ହୋଇଥିଲା। ପରେ ଉମେଶ ଘରୁ କେଉଁଆଡ଼େ ପଳାଇଥିଲେ। ଶନିବାର ସକାଳେ ଉମେଶଙ୍କ ମୃତଦେହ ଘର ନିକଟ ବିଲରେ ପଡ଼ିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ସ୍ୱରୂପ ରଞ୍ଜନ ନାୟକ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ପଚରାଉଚରା କରୁଛି। ସାଇଣ୍ଟିଫିକ ଦଳର ସହାୟତାରେ ପ୍ରାଥମିକ ତଦନ୍ତ ପରେ ଚମ୍ପୁଆ ଡାକ୍ତରଖାନାକୁ ବ୍ୟବଚ୍ଛେଦ ନିମନ୍ତେ ମୃତଦେହ ପଠାଇଥିଲା। ଏ ନେଇ ଉମେଶଙ୍କ ବଡ଼ଭାଇ ଦିନେଶ ମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ଆଗରେ କେନ୍ଦୁପତ୍ର ତୋଳାଳିଙ୍କ ଧାରଣା

କେନ୍ଦୁଝର,୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁପତ୍ର ତୋତାଳି ଦାବିପତ୍ର ପ୍ରଦାନ କରୁଛନ୍ତି।

କେନ୍ଦୁଝର ଡିଭିଜନ ଅନ୍ତର୍ଗତ କେନ୍ଦୁପତ୍ର ଫଡ଼ି ଘର ଥିବା ଶତାଧିକ ପଞ୍ଚାୟତରେ ଶନିବାର ତୋଳାଳି କର୍ମଚାରୀମାନେ ଧାରଣ ଦେଇଛନ୍ତି। ଏଥିସହ ପଞ୍ଚାୟତ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ସଂଘ ପକ୍ଷରୁ ଦାବିପତ୍ର ଦେଇ ନିରାଶ ହେବା ପରେ ଶୁକ୍ରବାର କଳାବ୍ୟାଜ୍ ପିନ୍ଧିଥିଲେ। ଶନିବାର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ଡିଭିଜନ ସମ୍ପାଦକ ସଞ୍ଜୟ ଚୌଧୁରୀ ସୂଚନା ଦେଇଛନ୍ତି।

ଦାବି ମୁତାବକ, କେନ୍ଦୁପତ୍ର ଶ୍ରମିକଙ୍କ ଦୀର୍ଘଦିନର ଦାବୀଗୁଡ଼ିକ ନ୍ୟାୟସଙ୍ଗତ ଦର, ପତ୍ର ରେଟ ବୃଦ୍ଧି, କର୍ମଚାରୀଙ୍କ ଦରମା ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ବାଇଣ୍ଡିଂ ଦର ବୃଦ୍ଧି ଓ ବୋନସ, ତୋଳାଳୀଙ୍କୁ ଜୋତା, ଚପଲ, କପଡ଼ା ପାଇଁ ସମୟୋଚିତ ଦେୟ, ବୋନସ, ସୁବିଧା, ଓ ସୁରକ୍ଷା ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ସରକାରଙ୍କୁ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ସଚେତନ କରିବା ଓ ତାହାର ସତ୍ୱର ଅବହେଳାର ସମାଧାନ ପାଇଁ ପଦକ୍ଷେପ ନେବାକୁ ପୁଣି ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି, ଯଦି ଦାବିଗୁଡ଼ିକୁ ଗୁରୁତ୍ୱ ସହିତ ନେଇ ସମାଧାନ କରାଯାଇ ନ ଥାଏ, ତେବେ ଆଗାମୀଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। କେନ୍ଦୁପତ୍ର ସଂଗ୍ରହ ଚାଲିଛି, କିନ୍ତୁ କେନ୍ଦୁପତ୍ର ଦର ଧାର୍ଯ୍ୟ ହୋଇନି, ବୋନସ ଓ ମାସିକ ମଜୁରୀ ମଧ୍ୟ ଘୋଷଣା ହୋଇନି। ରାଜ୍ୟର ୨୦୦୦ ଗ୍ରାମ ପଞ୍ଚାୟତର ଗଣ ଧାରଣା ସାମିଲ ହୋଇଥିବା ବେଳେ କେନ୍ଦୁଝର ଜିଲାର ୧୦୧ଟି ପଞ୍ଚାୟତରେ ଅନେକ ହଜାର ତୋଳାଳି, କର୍ମଚାରୀ ଧାରଣାରେ ସାମିଲ ହୋଇଥିବା ଡିଭିଜନ ସମ୍ପାଦକ ସଞ୍ଜୟ ଚୌଧୁରୀ ପ୍ରକାଶ କରିଛନ୍ତି। ଡିଭିଜନର ୭ଟି ରେଞ୍ଜରେ ବାବାଜୀ ଦେହୁରୀ, ରଞ୍ଜନ ନାୟକ, ନରେଶ ବାବୁ, ଦିବ୍ୟସିଂହ ଦେହୁରି, ପ୍ରହ୍ଲାଦ ପରିଡ଼ା, ହରିଶ୍ଚନ୍ଦ୍ର ବିଶାଳ, କାହ୍ନଁଚରଣ ଆଦିଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା।

# ମୋନାଲିସା ପଣ୍ଡା ବ୍ଲକ୍ ଟପ୍ପର

ବଉଳା,୨।୫(ଦୁର୍ଗା ପ୍ରସାଦ ଆୟଚ)

ମୋନାଲିସା ପଣ୍ଡା

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଥିବାବେଳେ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ୯ ଜଣ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ପାଇ ସଫଳତା ଅର୍ଜନ କରିଛନ୍ତି। ଆରବି ହାଇସ୍କୁଲ ଷଡ଼ଙ୍ଗର ଛାତ୍ରୀ ମୋନାଲିସା ପଣ୍ଡା ୫୬୦ ନମ୍ବର ରଖି ବ୍ଲକ୍‌ର ଟପ୍ପର ହୋଇଛନ୍ତି। ସେହିପରି ଜିସି ବାଳିକା ଉଚ୍ଚ ବିଦ୍ୟାଳୟ ଓରାଳିର ଗଣେଷ ପରିଡ଼ା ୫୫୮ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଆରବି ହାଇସ୍କୁଲ ଷଡ଼ଙ୍ଗର ଛାତ୍ରୀ ସୁଶ୍ରୀ ସଙ୍ଗୀତା ବଳ ୫୫୩ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିବରେଇର ଛାତ୍ରୀ ଜିଏସ୍ ପ୍ରିତୀପ୍ରଜ୍ଞା ପଣ୍ଡିତ୍ ୫୪୮ ନମ୍ବର ରଖି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଜିସି ବାଳିକା ଉଚ୍ଚ ବିଦ୍ୟାଳୟ ଓରାଳିର ଶୁଭଲକ୍ଷ୍ମୀ ଜେନା ୫୪୨ ନମ୍ବର ରଖି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିବରେଇର ଛାତ୍ରୀ ପ୍ରୀତିପ୍ରଜ୍ଞା ବିଶ୍ୱାଳ ୫୪୦ ନମ୍ବର, ପଞ୍ଚାୟତ ହାଇସ୍କୁଲ ଶାସଙ୍ଗର ପ୍ରତୀକ୍ଷା ଦେଓ ୫୪୦ ନମ୍ବର, ପିଏମ୍‌ଶ୍ରୀ କପିଳେଶ୍ୱର ହାଇସ୍କୁଲ କଳିଗାଁର ସାଇଜ୍ୟୋତି ସ୍ୱାଇଁ ୫୪୦ ନମ୍ବର, ଶାଳଣିଆଁ ହାଇସ୍କୁଲର ନୀଳମାଧବ ଶା ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ସୂଚନାଯୋଗ୍ୟ, ବ୍ଲକ୍‌ର ୪୭ଟି ହାଇସ୍କୁଲରୁ ୨୩୩୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

# ବିଦୁସ୍ମିତା ପାଟଣା ବ୍ଲକ୍ ଟପ୍ପର

ପାଟଣା,୨।୫(ବୀର କିଶୋର ଦାଶ)

ବିଦୁସ୍ମିତା ମହାନ୍ତ

ବୋର୍ଡ ଅଫ ସେକେଣ୍ଡାରୀ କଟକ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ଘରୋଇ ବିଦ୍ୟାଳୟର ପରୀକ୍ଷା ଫଳ ଭଲ ହୋଇଥିବା ବେଳେ ସରକାରୀ ବିଦ୍ୟାଳୟଗୁଡ଼ିକର ଫଳ ନୈରାଶ୍ୟଜନକ ହୋଇଥିବା ଦେଖିବାକୁ ମିଳିଛି। ପାଟଣା ବ୍ଲକ୍ ମୁଖ୍ୟାଳୟ ଏକ ଘରୋଇ ବିଦ୍ୟାଳୟ ଓ ତୁରୁମୁଙ୍ଗା ସରସ୍ୱତୀ ଶିଶୁମନ୍ଦିରର ଜଣେ ଛାତ୍ରୀ ଏ-୧ରେ ପାସ କରିଛନ୍ତି। ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ବିଦୁସ୍ମିତା ମହାନ୍ତ ଏ-୧ରେ ପାସ କରି ବ୍ଲକ୍ ଟପ୍ପର ହୋଇଛନ୍ତି। ସେ ମୋଟ ୫୪୧ନମ୍ବର୍ ରଖିଛନ୍ତି। ସେ ଚମ୍ପୁଆ ବ୍ଲକ୍ ଜଜପଶିର ଅବସରପ୍ରାପ୍ତ ସେନା କର୍ମଚାରୀ ବିଭୀଷଣ ମହାନ୍ତ ଓ ଜ୍ୟୋର୍ତିମୟୀ ମହାନ୍ତଙ୍କ ଝିଅ। ତାଙ୍କୁ ପ୍ରଧାନ ଆଚାର୍ଯ୍ୟ ଚିତ୍ତ ରଞ୍ଜନ ମହାନ୍ତ, ପରିଚାଳନା କମିଟି ସଭାପତି ପ୍ରଦୀପ ସାହୁ, ଆଚାର୍ଯ୍ୟା, ଆଚାର୍ଯ୍ୟ ପରିଚାଳନା ସମିତିର ସମସ୍ତ ସଦସ୍ୟ ତଥା ଜଜପଶି ଗ୍ରାମର ବୁଦ୍ଧିଜୀବୀ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଏ-୨ରେ ୫ ଜଣ, ବି-୧ରେ ୭, ବି-୨ରେ ୧୨, ସିରେ ୧୨ଜଣ ଓ ଡିରେ ୪ଜଣ ପାସ୍ କରି ବିଦ୍ୟାଳୟର ଗୌରବ ଆଣିଛନ୍ତି।

# ଗାଁ ମାଟିରେ ଯବାନଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ

ବଞ୍ଝୋ/ଆନନ୍ଦପୁର,୨।୫(ପ୍ରଦୋଷ କୁମାର ବିଶ୍ୱାଳ/ସୁଶାନ୍ତ ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ଗୟଳମୁଣ୍ଡା ପଞ୍ଚାୟତର ପୁତୁଝରି ଗ୍ରାମର ପୁଅ ବିଏସ୍‌ଏଫ୍ ଯବାନ ଅଜୟ ସୋରେନ (୩୭)ଙ୍କ ପଶ୍ଚିମବଙ୍ଗରେ ନିର୍ବାଚନ ଡ୍ୟୁଟି ସମୟରେ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ। ଶୁକ୍ରବାର ତାଙ୍କ ପାର୍ଥିବ ଶରୀର ଜନ୍ମମାଟି ପୁତୁଝରି ଗ୍ରାମରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳ ଶୋକାକୁଳ ପରିବେଶରେ ବୁଡ଼ିଯାଇଥିଲା। ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଯବାନଙ୍କ ଶେଷକୃତ୍ୟ ହେଉଛି।

### ବିଡିଓଙ୍କୁ ଧମକ ଅଭିଯୋଗରେ ଯୁବକ ଅଟକ

ହାଟଡିହୀ/ଛେନାପଦୀ/ବଉଳା,୨।୫(ନିରାକାର ପରିଡ଼ା/ଶୁଭକାନ୍ତ ନାୟକ/ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବିଡିଓ ରଞ୍ଜନ ପରିଡ଼ାଙ୍କ ଅଫିସରେ ପଶି ଧମକ ଦେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ସୂଚନା ଅନୁସାରେ, ବଞ୍ଝୋ ଗ୍ରାମର ଯୁବକ ଅଫିସ ଭିତରକୁ ପଶି ଧମକ, ଚମକ ଦେବା ସହ ଆବାସ ଗୃହ ନିର୍ମାଣ ବାବଦରେ ମିଳୁଥିବା ଏମ୍‌ଜିଏନଆରଜିଏସ ପଇସା ମାଗିଥିଲେ। ପଇସା ନ ଦେଲେ କଙ୍କାଳ କରି ଦେବି କହି ଧମକାଇଥିଲେ। ଉପସ୍ଥିତ ଲୋକ ଏବଂ ଅନ୍ୟ କର୍ମଚାରୀ ତାକୁ କାବୁ କରିଥିଲେ। ବ୍ଲକ୍‌ରେ ରେକର୍ଡ ଅନୁଧାନ କରିବା ପରେ ଜଣାପଡ଼ିଛି, ଉକ୍ତ ବ୍ୟକ୍ତି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ ନୁହଁନ୍ତି। କିମ୍ବା କୌଣସି ଏମଜିଏନଆରଜିଏସ ଅର୍ଥ ପାଇବାର ତାଙ୍କର ନାହିଁ। ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ଯୁବକଙ୍କୁ ଧରି ଥାନାକୁ ନେଇଥିଲେ। ବିଡ଼ିଓ ବିଡିଓ ରଞ୍ଜନ ପରିଡା କହିଛନ୍ତି, ପ୍ରଥମ ଥର ପାଇଁ ଅଣ୍ଡରଟେକିଂ ଲେଖି ବ୍ୟକ୍ତି ଜଣକୁ ଛାଡ଼ି ପାଇଁ ପୋଲିସକୁ କହିଛନ୍ତି। ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି, କୌଣସି ଲିଖିତ ଅଭିଯୋଗ ହୋଇନି।

# ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

କେନ୍ଦୁଝର,୨।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

**ନାବାଳିକାଙ୍କୁ ବଳାତ୍କାର ମାମଲା**

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ନାବାଳିକା ବଳାତ୍କାର ମାମଲାରେ ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଶୁଣାଣି କରି ଅଭିଯୁକ୍ତ ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତଳଚମ୍ପେଇ ଗ୍ରାମର ଶିବ ନାଏକ (୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ୬ ମାସ ଅଧିକ ଜେଲ ଦଣ୍ଡାଦେଶ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ରେ ଶିବ କାଞ୍ଜିପାଣି ଥାନା ଅନ୍ତର୍ଗତ ତେନ୍ତୁଳିଖଣ୍ଟି ଅଞ୍ଚଳକୁ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରେ ସେ ୧୪ ବର୍ଷୀୟାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ନାବାଳିକା ୨ ମାସ ଗର୍ଭବତୀ ହେବା ପରେ ତାଙ୍କୁ ସେ ବାହାହେବାକୁ ମନା କରିଦେଇଥିଲେ। ଏଥିସହ ଅନ୍ୟତ୍ର ବିବାହ କରିବାକୁ ସ୍ଥିର କରିଥିଲେ। ଏହାକୁ ନେଇ ନାବାଳିକା କାଞ୍ଜିପାଣି ଥାନାରେ ଲିଖିତଭାବେ ଜଣାଇଥିଲେ। ପୋଲିସ ମାମଲା(ନଂ. ୫୧/୨୦୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୧୪ ଜଣ ସାକ୍ଷୀ ଏବଂ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ କରିଛନ୍ତି। ଏତଦ୍ ବ୍ୟତିତ କୋର୍ଟ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ପତିତପାବନ ନାଥ ମାମଲା ପରିଚାଳନା କରୁଥିଲେ।

### ଯୁଗ୍ମ ଅଭିଯୋଗ ଶୁଣାଣିର କାର୍ଯ୍ୟସୂଚୀ

କେନ୍ଦୁଝର,୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ପାଇଁ କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ଚଳିତ ମେ ମାସ ନିମନ୍ତେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଉପସ୍ଥିତିରେ ୪ ମେରେ ଜିଲାପାଳଙ୍କ କାର୍ଯ୍ୟାଳୟ, ୧୧ ମେୟରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଯୋଡ଼ା, ୧୮ମେରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତେଲକୋଇ, ୨୫ ମେରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସାହାରପଡ଼ାରେ ଅନୁଷ୍ଠିତ ହେବ। ସମସ୍ତ ଶୁଣାଣି ସକାଳ ୮ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗଗୁଡ଼ିକୁ ତୁରନ୍ତ 'ଜନ ଶୁଣାଣି ପୋର୍ଟାଲ'ରେ ପଞ୍ଜିକରଣ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିବେ। ଅଞ୍ଚଳବାସୀ ନିଜର ସମସ୍ୟା ପ୍ରଶାସନ ନିକଟରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି।

# ଜମୁଛି ସୁଆମ ବାଦିପାଲା ମହୋତ୍ସବ

ପାଟଣା,୨।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସୁଆମ ଶାସନରେ ଶୁକ୍ରବାରଠାରୁ ୭୧ତମ ବାଦୀପାଲା ମହୋତ୍ସବ ଆରମ୍ଭ ହୋଇଛି। ୫ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ବାଦିପାଲାରେ ୨ ଯୁବ ପ୍ରତିଭା ଗାୟକ ଶିଶିର ପାଢ଼ୀ ଏବଂ କୈଳାସ ଚନ୍ଦ୍ର ପାଣି ମଧ୍ୟରେ ଶୁକ୍ରବାର ରାତିରେ ବାଦି ପାଲା ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ଭାଗୀରଥି ଦାଶ, ଉପସଭାପତି ଶ୍ରୀନିବାସ ଶତପଥୀ, ସଂଯୋଜକ ସୁମିତ ପତି, ସୌମ୍ୟ ରଞ୍ଜନ ଦାଶ, ଚିରଞ୍ଜିବି ଦାଶ, କୋଷାଧ୍ୟକ୍ଷ କଳ୍ପତରୁ କର, ପରାମର୍ଶଦାତା ଅଜିତ ଦାଶ, ଅମୂଲ୍ୟଧନ କର, ଲୋକନାଥ ମିଶ୍ର, ଜ୍ଞାନେନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି।

# ହରମୋହନ, ଯୁଧିଷ୍ଠିରଙ୍କୁ ଭାଜପାର ଗୁରୁଦାୟିତ୍ୱ

ହାଟଡିହୀ,୨।୪(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ହରମୋହନ ଶାସିନୀ ଏବଂ ଯୁଧିଷ୍ଠିର ମଲ୍ଲିକଙ୍କୁ ଭାଜପା ତରଫରୁ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ହରମୋହନଙ୍କୁ ବାଲିବରେଇ ଏବଂ ଯୁଧିଷ୍ଠିରଙ୍କୁ ଶାଳନିଆଁ ମଣ୍ଡଳ ପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ଶୁକ୍ରବାର ଆୟୋଜିତ ଜିଲାସ୍ତରୀୟ ବୈଠକରେ ଭାଜପା ଜିଲା ସଭାପତି ଶୁକଦେବ ମହାନ୍ତଙ୍କ ସମେତ ଅନ୍ୟ ବରିଷ୍ଠ ନେତା ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଉଭୟଙ୍କୁ ସମ୍ବର୍ଦ୍ଧନା ଏବଂ ଶୁଭେଚ୍ଛା ଜଣାଯାଇଥିଲା। ଦଳ ତରଫରୁ ମିଳିଥିବା ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବା ସହ ତୃଣମୂଳସ୍ତରରେ ଦଳକୁ ଅଧିକରୁ ଅଧିକ ମଜବୁତ କରାଯିବ ବୋଲି ଉଭୟ କହିଛନ୍ତି। ଅପରପକ୍ଷେ ହାଟଡ଼ିହୀ ଭାଜପା କାର୍ଯ୍ୟାଳୟ ତରଫରୁ ଏକ ବୈଠକରେ ଉଭୟଙ୍କୁ ଭାଜପା କାର୍ଯ୍ୟକର୍ତ୍ତାମାନେ ସ୍ୱାଗତ ଏବଂ ଶୁଭେଚ୍ଛା ଜଣାଇଛନ୍ତି। ବରିଷ୍ଠ ନେତା ଆଲୋକ ସେଠୀ, ଜ୍ଞାନରଞ୍ଜନ ସାମନ୍ତସିଂହାର, ସୁଶାନ୍ତ ଜେନା, ସୁନୀଲ ନାୟକ ଏବଂ ଅନ୍ୟ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ହରମୋହନ ପୂର୍ବରୁ ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ, ହାଟଡ଼ିହୀ ମଣ୍ଡଳ ଏବଂ ଯୁବ ମୋର୍ଚ୍ଚା ସଭାପତି, କଟକ ଜିଲା ମାହାଙ୍ଗାରେ ବିସ୍ତାରକ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବାଲେଶ୍ୱର, ପାଟକୁରାରେ ପ୍ରଭାରୀ ଦାୟିତ୍ୱ ତୁଲାଇଛନ୍ତି। ଏଥିସହ ମରେଇଗାଁ ସମବାୟ ସମିତିର ସଭାପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ।

# ଏଆଇଟିୟୁସି ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ

ଯୋଡ଼ା,୨।୫(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଢୁରୁଡ଼ିଠାରେ ଏଆଇଟିୟୁସି ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ବିଭିନ୍ନ ଦାବି ଉପସ୍ଥାପନ କରିବା ସହିତ ମଇ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ଜିଲାସ୍ତରୀୟ ସମାବେଶରେ ଅନେକ ହଜାର ଶ୍ରମିକ ଏକାଠି ହୋଇ ଶୋଭାଯାତ୍ରାରେ ଖଣି ଅଞ୍ଚଳ ପରିଭ୍ରମଣ କରି ହାଇକ୍ୟାମ୍ପଠାରେ ଏକାଠି ହୋଇଥିଲେ। ସାଧାରଣ ସଭାରେ ଏଆଇଟିୟୁସିର ଜାତୀୟ ସମ୍ପାଦକ ତଥା କେନ୍ଦୁଝର ମାଇନ୍ସ ଆଣ୍ଡ ଫରେଷ୍ଟ ଓ୍ୱାର୍କର୍ସ ୟୁନିୟନର ସଭାପତି ରାମକୃଷ୍ଣ ପଣ୍ଡା, ସାଧାରଣ ସମ୍ପାଦକ ମହେଶ୍ୱର ରାଉତ, ଉପ ସାଧାରଣ ସମ୍ପାଦକ କପିଳ ମହାନ୍ତି ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ କଠୋର ସମାଲୋଚନା କରିବା ସହ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ନେତୃତ୍ୱ ସାଥୀ କାହ୍ନୁ ସାମଲ, ବଦ୍ରୁ ଜାମା, ଶ୍ରୀହରି ଘଣା, ବାଗରା ଚାତାର ପ୍ରମୁଖ ବକ୍ତବ୍ୟ ରଖି ଥିଲେ।

# ଭାଜପାର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ବଞ୍ଝୋ,୨।୫(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଧାକୋଟା ପଞ୍ଚାୟତର ଧକୋଟାଠାରେ ଶ୍ରମ ଦିବସ ପାଳନ ଅବସରରେ ବରିଷ୍ଠ ଭାଜପା ନେତା ବିଚିତ୍ର କୁମାର ଚକ୍ରଙ୍କ ଦ୍ୱାରା ନୂତନ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତ ଭାଜପା ନେତା ସୁଦର୍ଶନ ମହାନ୍ତ ସଭା ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଭାଜପା ନେତା ଚକ୍ର ଓ ମୁଖ୍ୟ ବକ୍ତାଭାବେ ବରିଷ୍ଠ ଭାଜପା ନେତା ପଦ୍ମଲୋଚନ ମହାନ୍ତ ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ବିନୟ ପାତ୍ର, ବରିଷ୍ଠ ନେତା ରବୀନ୍ଦ୍ର ନାହାକ, କବିନ୍ଦ୍ର ପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଜଗବନ୍ଧୁ ବାରିକ, ମାନସ ଖିଲାର ପୁରୁଷୋତ୍ତମ ନାଏକ, ସୁରେନ୍ଦ୍ର ନାୟକ, ଚତୁର୍ଭୁଜ ଖଟୁଆ, ପୂର୍ଣ୍ଣଚନ୍ଦ୍ର ପ୍ରମୁଖ ପରିଚାଳନା କରିଥିଲେ। ଯୁବ ନେତା ଇନ୍ଦ୍ରଜିତ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।

ନୂତନ କାର୍ଯ୍ୟାଳୟ ଉଦଘାଟନ ଅବସରରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

### ମହିଳା ଜନ ଆକ୍ରୋଶ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି

ଛେନାପଦୀ/ହାଟଡ଼ିହୀ,୨।୫(ନିରାକାର ପରିଡା/ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଭାଜପା କାର୍ଯ୍ୟାଳୟ ତରଫରୁ ମହିଳା ଏବଂ ପୁରୁଷ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ବୈଠକରେ ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ହରମୋହନ ଶାସିନୀ, ସୁଶାନ୍ତ ଜେନା, ସୁନୀଲ ନାୟକଙ୍କ ସହ ଅନ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ମେ ୫ ରୁ ୧୦ ତାରିଖ ପର୍ଯ୍ୟନ୍ତ ଆନନ୍ଦପୁର ବିଧାନସଭା କ୍ଷେତ୍ର ଅଧୀନ ୮ଟି ମଣ୍ଡଳର ମହିଳା ଜନ ଆକ୍ରୋଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଆଲୋଚନା ହୋଇଥିଲା। ବହୁ ସଂଖ୍ୟାରେ ମହିଳା, ପୁରୁଷ କାର୍ଯ୍ୟକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।

# ୪, ୩୫, ୯୯, ୨୦୦ ଟଙ୍କା ସହାୟତା ପ୍ରଦାନ

ସହାୟତା ପାଇଥିବା ହିତାଧିକାରୀ ଓ ଅଧିକାରୀମାନେ।

କେନ୍ଦୁଝର,୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

**ଜିଲାସ୍ତରୀୟ ଶ୍ରମିକ ଦିବସ ପାଳିତ**

କେନ୍ଦୁଝର ଜିଲା ସଂସ୍କୃତି ଭବନରେ ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗର ମିଳିତ ସହଭାଗିତାରେ ଜିଲାସ୍ତରୀୟ ଆନ୍ତର୍ଜାତୀୟ ଶ୍ରମିକ ଦିବସ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଏମ୍‌ପି ଅନନ୍ତ ନାୟକ, ସମ୍ମାନିତ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମମିତା ନାୟକ ଯୋଗଦେଇଥିଲେ। ବିଭାଗୀୟ ଶ୍ରମ ଆୟୁକ୍ତ ସୂର୍ଯ୍ୟନାରାୟଣ ମାଳି ଉପସ୍ଥିତ ରହି ବିଭିନ୍ନ ଶ୍ରମ ଆଇନର କାର୍ଯ୍ୟକାରିତା ଓ ମଙ୍ଗଳକାରୀ ଯୋଜନା ସମ୍ବନ୍ଧରେ ଶ୍ରମିକଙ୍କୁ ଅବଗତ କରାଇଥିଲେ। ଜିଲା ଶ୍ରମ ଅଧିକାରୀ ଆକାଶ ବିଶୋଇ ସ୍ୱାଗତ ସମ୍ଭାଷଣ ଦେଇ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ୭୧୧ ଜଣ ଯୋଗ୍ୟ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ରାଶି ବାବଦକୁ ୪, ୩୫, ୯୯, ୨୦୦ଟଙ୍କା ଓ ମୋଟ ୧୦ ଜଣ ଅଣ ସଙ୍ଗଠିତ ଶ୍ରମିକଙ୍କ ମନୋନୀତ ବ୍ୟକ୍ତିଙ୍କୁ ମୃତ୍ୟୁ କାଳୀନ ସହାୟତା ରାଶି ୧୯ ଲକ୍ଷ ଏବଂ ନୂତନ ଭାବରେ ପଞ୍ଜୀକୃତ ହୋଇଥିବା ୨୦୦ ଜଣ ନିର୍ମାଣ ଶ୍ରମିକ ଓ ୫୦ ଜଣ ଅଣ ସଙ୍ଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ବିତରଣ କରାଯାଇଥିଲା।

# ବୀମା କ୍ଷେତ୍ରରେ ୧୦୦% ଏଫ୍‌ଡିଆଇ ନିବେଶକୁ ଅନୁମତି

**ନୂଆଦିଲ୍ଲୀ, ୨।୫**

ବୀମା କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶକୁ ଅଧିକ ପ୍ରୋତ୍ସାହନ ଦେବାକୁ କେନ୍ଦ୍ର ସରକାର ନିବେଶ ପ୍ରକ୍ରିୟାକୁ ଆହୁରି ସହଜ କରିବା ସହ ଏଥିପାଇଁ ଉଦାରୀକରଣ ନୀତି ଗ୍ରହଣ କରିଛନ୍ତି। ଏଣିକି ବିଦେଶୀ କମ୍ପାନୀ ଭାରତୀୟ ବୀମା କ୍ଷେତ୍ରରେ ଶତପ୍ରତିଶତ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ କରିବାକୁ ସରକାର ଅନୁମତି ଦେଇଛନ୍ତି। ଏହି ବ୍ୟବସ୍ଥାରେ ଅଟୋମେଟିକ୍ ରୁଟ୍‌ରେ ଯେକୌଣସି ବିଦେଶୀ କମ୍ପାନୀ ବୀମା କ୍ଷେତ୍ରରେ କାର୍ଯ୍ୟକରୁଥିବା ଭାରତୀୟ କମ୍ପାନୀରେ ୧୦୦ ପ୍ରତିଶତ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ କରିପାରିବେ। ଏହାଦ୍ୱାରା ବୀମା କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶ ଲାଗି ରହିଥିବା ପ୍ରତିବନ୍ଧକ ହଟିବା ସହ ପର୍ଯ୍ୟାପ୍ତ ପୁଞ୍ଜି ନିବେଶ ଲାଗି ପଥ ଉନ୍ମୁକ୍ତ ହେବ ବୋଲି ସରକାରଙ୍କ ପକ୍ଷରୁ

କୁହାଯାଇଛି। ଏହି କ୍ରମରେ କେନ୍ଦ୍ର ଶିଳ୍ପ ପ୍ରୋତ୍ସାହନ ଓ ଆଭ୍ୟନ୍ତରୀଣ ବାଣିଜ୍ୟ(ଡିପିଆଇଆଇଟି) ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏଣିକି ପୋର୍ଟଫୋଲିଓ ସହ ପ୍ରତ୍ୟକ୍ଷ ପୁଞ୍ଜି ନିବେଶକୁ ଅଟୋମେଟିକ୍ ରୁଟ୍‌ରେ କରାଯାଇପାରିବ। ତେବେ ଏଥିପାଇଁ ଭାରତୀୟ ବୀମା ନିୟନ୍ତ୍ରକ ଓ ବିକାଶ ପ୍ରାଧିକରଣ(ଆଇଆର୍‌ଡିଏଆଇ) ନିକଟରୁ ଅନୁମୋଦନ ଲାଭ କରିବାକୁ ପଡ଼ିବ। ତେବେ ଭାରତର ସର୍ବବୃହତ ଜୀବନ ବୀମା କମ୍ପାନୀ ଭାରତୀୟ ବୀମା ନିଗମ(ଏଲଆଇସି) ଏକ ସ୍ୱତନ୍ତ୍ର କାର୍ଯ୍ୟଧାରାରେ ପରିଚଳିତ ହେବ ଏବଂ ଏଥିରେ ସର୍ବାଧିକ ୨୦ ପ୍ରତିଶତ ବିଦେଶୀ ପୁଞ୍ଜି ନିବେଶ କରାଯାଇପାରିବ ବୋଲି ଡିପିଆଇଆଇଟି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତୀୟ ବୀମା ନିଗମ ଆଇନ ୧୯୫୬ର ଧାରା ୧୯୫୬(୩୧) ଏବଂ ବୀମା ଆଇନ ୧୯୩୮ର ଧାରା ୪ ଅନୁସାରେ ଏଲ୍‌ଆଇସିରେ ବିଦେଶୀ ପୁଞ୍ଜି ନିବେଶ କରାଯାଇପାରିବ। ଏହାଛଡ଼ା ସରକାରୀ ସର୍ତ୍ତ ଅନୁସାରେ ଯଦି ଭାରତର କୌଣସି ବୀମା କମ୍ପାନୀରେ ବିଦେଶୀ କମ୍ପାନୀ ପୁଞ୍ଜି ନିବେଶ କରନ୍ତି ସମ୍ପୃକ୍ତ କମ୍ପାନୀର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜଣେ ଭାରତୀୟ ନାଗରିକ ହେବେ। ଭାରତୀୟ ବୀମା କମ୍ପାନୀରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ବ୍ୟତୀତ ବୀମା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଇନ୍‌ସ୍ୟୁରାନ୍ସ ବ୍ରୋକର୍, ରିଇନ୍‌ସ୍ୟୁରାନ୍ସ ବ୍ରୋକର, କନ୍‌ସଲଟାଣ୍ଟ, କର୍ପୋରେଟ୍ ଏଜେଣ୍ଟ ଏବଂ ସର୍ଭେୟର ଏଜେନ୍ସିଗୁଡ଼ିକରେ ମଧ୍ୟ ୧୦୦ ପ୍ରତିଶତ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ କରାଯାଇପାରିବ ବୋଲି କୁହାଯାଇଛି।

# ରୋହିତ ଜୈନ ଆର୍‌ବିଆଇର ନୂଆ ଡେପୁଟି ଗଭର୍ନର

**ନୂଆଦିଲ୍ଲୀ, ୨।୫**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୋହିତ ଜୈନଙ୍କୁ ଡେପୁଟି ଗଭର୍ନର ଭାବେ ନିଯୁକ୍ତ କରାଯାଇଛି। ଏଥିପାଇଁ କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟି ଜୈନଙ୍କ ନାମକୁ ଅନୁମୋଦନ ଦେଇଛି। ସେ ଆଗାମୀ ୩ ବର୍ଷ ପାଇଁ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ କରିବେ। ୨୦୨୧ ମେ' ୩ରୁ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ କରୁଥିବା ଟି. ରବିଶଙ୍କରଙ୍କ ସ୍ଥାନରେ ଜୈନ ଯୋଗଦେବେ। ଉଲ୍ଲେଖଯୋଗ୍ୟ,

ରୋହିତ ଜୈନ

ବର୍ତ୍ତମାନ ଟି. ରବିଶଙ୍କରଙ୍କ ବ୍ୟତୀତ ସ୍ୱାମୀନାଥନ୍ ଜେ, ପୁନମ୍ ଗୁପ୍ତା ଏବଂ ଶିରିଶଚନ୍ଦ୍ର ମୁର୍ମୁ ଆରବିଆଇ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ କରୁଛନ୍ତି।

ବିଏସ୍‌ଇ ସେନ୍‌ସେକ୍ସ
୭୭,୪୯୬ (+୬୦୯)

୧ ଡଲାର = ୯୪.୯୧ ଟଙ୍କା

ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୦୮.୨୦ ଡଲାର

# ଯୁଦ୍ଧ ପ୍ରଭାବ ସତ୍ତ୍ୱେ ଷ୍ଟକ୍ ବଜାର ପାଇଁ ଏପ୍ରିଲ ସର୍ବୋତ୍ତମ ସାବ୍ୟସ୍ତ

**ମୁମ୍ବାଇ, ୨।୫**

୨୦୨୬ ଫେବୃଆରୀ ୨୭ରୁ ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବକୁ ନେଇ ଅନ୍ତର୍ଜାତୀୟ ଏବଂ ଘରୋଇ ଷ୍ଟକ୍ ବଜାରରେ ଅସ୍ଥିରତା ସୃଷ୍ଟି ହୋଇଆସିଛି। ଏହାସତ୍ତ୍ୱେ ଏପ୍ରିଲ ମାସ ଭାରତୀୟ ଷ୍ଟକ୍ ବଜାର ପାଇଁ ଉତ୍ତମ ସାବ୍ୟସ୍ତ ହୋଇପାରିଛି। ଏହି ମାସରେ ଉଭୟ ବିଏସ୍‌ଇ ଏବଂ ଏନ୍‌ଏସ୍‌ଇ-୫୦ କାରବାରରେ ହାରାହାରି ଭାବେ ୭.୪ ପ୍ରତିଶତ ବୃଦ୍ଧି ଘଟିଛି; ଯାହାକି ୨୦୨୩ ଡିସେମ୍ବର ପରେ ସର୍ବାଧିକ ରହିଥିବା କୁହାଯାଇଛି। ୨୦୨୩ ଡିସେମ୍ବରରେ ଉଭୟ ସେନସେକ୍ସ କାରବାରରେ ଅନ୍ୟୂନ ୭.୯ ପ୍ରତିଶତ ବୃଦ୍ଧି ଘଟିଥିଲା। ଚଳିତ ସପ୍ତାହରେ ଅଧିକ ଦିନ କାରବାର ବନ୍ଦ ରହିଛି।

# ଯୁଦ୍ଧ ପ୍ରଭାବ: ବନ୍ଦ ହେଲା ସ୍ପିରିଟ୍ ଏୟାରଲାଇନ୍ସ

**ନ୍ୟୁୟର୍କ, ୨।୫**

ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବ ଏବେ ବିଭିନ୍ନ କ୍ଷେତ୍ରକୁ ପ୍ରଭାବିତ କରିଥିଲାବେଳେ ଏକ ଆମେରିକୀୟ ବିମାନ କମ୍ପାନୀ ପ୍ରଥମକରି ଏହାର ସିଧା ସଳଖ ଶିକାର ହୋଇଛି। ଗତ କିଛିବର୍ଷ ଧରି କ୍ଷତି ସହି ଆସୁଥିବା ଆମେରିକାର ସ୍ପିରିଟ୍ ଏୟାରଲାଇନ୍ସକୁ ଶନିବାର ବନ୍ଦ ଘୋଷଣା କରାଯାଇଛି। ଏହାଦ୍ୱାରା ଏହି କମ୍ପାନୀରେ କାର୍ଯ୍ୟ କରୁଥିବା ୧୭୦୦୦ରୁ ଅଧିକ କର୍ମଚାରୀ ନିଯୁକ୍ତି ହରାଇଛନ୍ତି। ୩୪ ବର୍ଷ ଧରି ଆମେରିକାର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ କାର୍ଯ୍ୟକରି ଆସୁଥିବା ଏହି କମ୍ପାନୀ ଅଚାନକ ବନ୍ଦ ହେବା ଘୋଷଣା ଆମେରିକାର ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଦେଇଛି। କିନ୍ତୁ ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ଏବେ ଜେଟ୍ ଫୁଏଲ ବା ବିମାନ ଇନ୍ଧନ ମୂଲ୍ୟ ଦୁଇ ଗୁଣରୁ ଅଧିକ ବଢ଼ିବା ଏବଂ ଏହାକୁ ନେଇ ବିମାନ ପରିଚାଳନା କ୍ଷେତ୍ରରେ ବ୍ୟୟବୃଦ୍ଧି ହେବା ଏହି କମ୍ପାନୀ ପାଇଁ ବଡ଼ ଚ୍ୟାଲେଞ୍ଜ ଆଣିଥିଲା। କମ୍ପାନୀର କ୍ଷତିକୁ ନେଇ ଆମେରିକା ସରକାର ସ୍ପିରିଟ୍ ଏୟାରଲାଇନ୍ସ ପାଇଁ ବେଲ୍‌ଆଉଟ୍ ଯୋଜନା ପ୍ରସ୍ତୁତ କରୁଥିଲେ ହେଁ ଏଥିପାଇଁ କେହି ଋଣ ଦେବାକୁ ପ୍ରସ୍ତୁତ ନ ହେବାରୁ ଶନିବାର କମ୍ପାନୀକୁ ବନ୍ଦ ଘୋଷଣା କରାଯାଇଛି।

# ଅରୁନ୍ଧତୀ ଜୁଏଲର୍ସର ୪ ଶାଖାର ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ୨।୫(ଅନୁରାଧା ମହାରଣା)**

ଅରୁନ୍ଧତୀ ଜୁଏଲର୍ସର ରାଉରକେଲା , ବରଗଡ଼, କଟକ ଓ ଭବାନୀପାଟଣା ଆଦି ୪ ଶାଖାର ବାର୍ଷିକୀ ଉତ୍ସବ ପାଳନ କରାଯାଇଛି। ଅରୁନ୍ଧତୀର ରାଉରକେଲା ଶାଖାର ୪ର୍ଥ ବାର୍ଷିକୀ ଓ ବରଗଡ଼ ଶାଖାର ୭ମ ବାର୍ଷିକୀ ଉତ୍ସବ ପାଳନ କରାଯାଇଥିବାବେଳେ ମେ ୬ରେ କଟକ ଶାଖାର ୨ୟ ବାର୍ଷିକୀ ଉତ୍ସବ ଏବଂ ମେ ୧୨ରେ ଭବାନୀପାଟଣା ଶାଖାର ୧୫ତମ ବାର୍ଷିକୀ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଗ୍ରାହକଙ୍କୁ ପ୍ରତ୍ୟେକ ଏକ୍ସକ୍ଲୁସିଭ୍ ସୁନା, ହୀରା ଏବଂ ରୁପା ଗହଣାର ଗଢ଼ାମଜୁରି ଉପରେ ସିଧାସଳଖ ଫ୍ଲାଟ୍ ୫୦% ଅଫର ବିଶାଳ ରିହାତି ପ୍ରଦାନ କରାଯାଉଛି। ଏନେଇ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଏକ ବ୍ରାଣ୍ଡ ଭାବରେ ଅରୁନ୍ଧତୀର ପରିଚୟ କେବଳ ଗହଣାରେ ସୀମିତ ନୁହେଁ, ଏହା ପ୍ରତ୍ୟେକ ଓଡ଼ିଶାବାସୀଙ୍କ ଅତୁଟ ଭରସାର ପ୍ରତୀକ। ଦୀର୍ଘ ୨୫ ବର୍ଷ ଧରି ଗ୍ରାହକମାନେ ଆମକୁ ଯେଉଁ ନିରନ୍ତର ସ୍ନେହ,ଶ୍ରଦ୍ଧା ଓ ଆଶୀର୍ବାଦ ଦେଇଆସିଛନ୍ତି, ତାହା ହିଁ ଆମର ଅସଲ ପୁଞ୍ଜି। ଗ୍ରାହକଙ୍କ ଏହି ଦୃଢ଼ ବିଶ୍ୱାସ ହିଁ ଆମକୁ ନିରନ୍ତର ସର୍ବଶ୍ରେଷ୍ଠ ସେବା ପ୍ରଦାନ କରିବାକୁ ପ୍ରେରଣା ଯୋଗାଉଛି। ଆଗାମୀ ଦିନରେ ଆହୁରି ଅନେକ ନୂତନ କଳାକୃତି ଭରା ଡିଜାଇନ ଏବଂ ମେଗା ଅଫର ଆମେ ଆପଣମାନଙ୍କ ପାଇଁ ଆଣିବାର ନିରନ୍ତର ପ୍ରୟାସ ଜାରିରଖିବୁ ବୋଲି ବ୍ରହ୍ମାନନ୍ଦ କହିଛନ୍ତି।

# ଲାଲ୍‌ଚନ୍ଦର 'ଏଭ୍ରିଡେ ଫେଷ୍ଟିଭାଲ୍'

**ଭୁବନେଶ୍ୱର, ୨।୫(ଅନୁରାଧା ମହାରଣା)**

ଲାଲଚାନ୍ଦ ଜୁଏଲର୍ସର ଶୋ'ରୁମ୍‌ଗୁଡ଼ିକରେ 'ଏଭ୍ରିଡେ ଫେଷ୍ଟିଭାଲ୍' ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର୍ ଉପଲବ୍ଧ ହେଉଛି। ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ହଲମାର୍କ ସୁନା ଚେନ୍‌ରେ ଫ୍ଲାଟ୍ ୫.୯% ଗଢ଼ା ମଜୁରି ରହିଛି, ଯେଉଁଥିରେ ହ୍ୟାଣ୍ଡମେଡ୍, ହଲୋ, ମେଶିନ୍‌ମେଡ୍, ଇଟାଲିଆନ୍ ଓ ଡିଜାଇନର୍ ଚେନ୍ ରହିଛି। ଅନ୍ୟ ସମସ୍ତ ସୁନା ଗହଣାରେ ଫ୍ଲାଟ୍ ୮.୯% ମେକିଂ ଚାର୍ଜେସ୍ ରହିଛି। ଜିଆଇ ସାର୍ଟିଫାଇଡ୍ ହୀରା ମୂଲ୍ୟରେ ୩୦% ରିହାତି, ରୁପା ଗହଣାର ମେକିଂ ଚାର୍ଜେସରେ ଫ୍ଲାଟ୍ ୬୦% ରିହାତି ଏବଂ ଲାଲଚାନ୍ଦ 'ସୋନେ ପେ ସୁହାଗା' ଇନଷ୍ଟଲମେଣ୍ଟ ସ୍କିମ୍ ଅଧୀନରେ କିଣାଯାଉଥିବା ସମସ୍ତ ସୁନା ଗହଣାରେ ୦% ଗଢ଼ା ମଜୁରି ରହିଛି। ଲାଲଚାନ୍ଦର ଏହି ଅଫରଗୁଡ଼ିକ ଆହୁରି ଆକର୍ଷଣୀୟ ହେଉଛି, କାରଣ ପୂର୍ବ ଭାରତରେ ଲାଲଚାନ୍ଦ ପାଖରେ ସବୁଠାରୁ ବିସ୍ତୃତ ଗହଣା ସଂଗ୍ରହ ଓ ଡିଜାଇନ୍ ରହିଛି। ଲାଇଟ୍‌ୱେଟ୍ ଡେଲିୱେୟାର୍ ଗହଣାଠାରୁ ଆରମ୍ଭ କରି ବ୍ରାଇଡାଲ୍ ମାଷ୍ଟରପିସ୍, ଆଣ୍ଟିକ୍ ଟେମ୍ପଲ୍ ଜୁଏଲେରିଠାରୁ ଆଧୁନିକ ଇଟାଲିଆନ୍ ଡିଜାଇନ୍, ଚେନ୍, ବାଙ୍ଗଲ୍ସ, ନେକ୍ଲେସ୍ ଓ ଭାରତର ବିଭିନ୍ନ ଅଞ୍ଚଳର

ଡିଜାଇନର୍ ଗହଣା ପର୍ଯ୍ୟନ୍ତ–ଲାଲଚାନ୍ଦ ଗ୍ରାହକଙ୍କ ପାଖରେ ବାଛିବା ପାଇଁ ଅସୀମ ବିକଳ୍ପ ରହିଛି। ଗତ ମାସରେ ଗ୍ରାହକଙ୍କୁ ସ୍ମାର୍ଟ ଜୁଏଲେରି କ୍ରୟ ସମ୍ପର୍କରେ ସଚେତନ କରିବା ସହ ଲାଲଚାନ୍ଦ ଜୁଏଲର୍ସର ଶୋ'ରୁମ୍‌ଗୁଡ଼ିକରେ 'ଅକ୍ଷୟତୃତୀୟା ଗ୍ରେଟ୍ ଗୋଲ୍ଡ ରଶ୍' ଉତ୍ସବ ପରେ ଏହି 'ଏଭ୍ରିଡେ ଫେଷ୍ଟିଭାଲ୍' ନାମରେ ଏହି ଅଭିଯାନ ଓଡ଼ିଶାର ଗହଣା ବଜାରରେ ଉତ୍ସାହ ଆଣିଦେଇଛି । ଲାଲଚାନ୍ଦ ଗ୍ରୁପର ଚେୟାରମ୍ୟାନ୍ ଡ. ସଞ୍ଜୟ ହଂସ କହିଛନ୍ତି, ଏହି ଫେଷ୍ଟିଭାଲ୍ କୌଣସି ପ୍ରମୋଶନାଲ୍ ଅଫର୍ କିମ୍ବା କିଛିଦିନ ପାଇଁ ଥିବା ଅସ୍ଥାୟୀ ସ୍କିମ୍ ନୁହେଁ। ଏହା ହେଉଛି ଗ୍ରାହକଙ୍କ ପାଇଁ ଗହଣାର ମୂଲ୍ୟ କିପରି ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ଭାବେ ନିର୍ଦ୍ଧାରିତ ହେବା ଉଚିତ, ତାହା ଦେଖାଇବାର ଏକ ପ୍ରୟାସ। ଆମେ ଏକ ଉଦାହରଣ ସୃଷ୍ଟି କରିବାକୁ ଚାହୁଁଛୁ।

# ଓପିଜିସି ଏମ୍‌ଡିଙ୍କୁ 'ସିଇଓ ୱିଥ୍ ଏଚଆର୍ ଓରିଏଣ୍ଟେଶନ' ସମ୍ମାନ

**ଭୁବନେଶ୍ୱର, ୨।୫**

ଓଡ଼ିଶା ପାୱାର ଜେନେରେସନ କର୍ପୋରେଶନ(ଓପିଜିସି)ର ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁଙ୍କୁ 'ସିଇଓ ୱିଥ୍ ଏଚଆର୍ ଓରିଏଣ୍ଟେସନ୍' ଆୱାର୍ଡରେ ସମ୍ମାନିତ କରାଯାଇଛି । ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଓଡ଼ିଶା ବେଷ୍ଟ ଏମ୍ପ୍ଲୟର ବ୍ରାଣ୍ଡ ଆୱାର୍ଡ–୨୦୨୬ କାର୍ଯ୍ୟକ୍ରମରେ ପାଣ୍ଡୁଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଯେକୌଣସି ଉଦ୍ୟୋଗ ପାଇଁ ମାନବସମ୍ବଳ ବିଭାଗର ବିକାଶ ଓ ସଶକ୍ତୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପାଣ୍ଡୁ କହିଥିଲେ।

# ଭାରତ ମସଲା ଟିଭିସିରେ ବବି ଦେଓଲ

**ଭୁବନେଶ୍ୱର, ୨।୫(ଅନୁରାଧା ମହାରଣା)**

ପୂର୍ବ ଭାରତର ଅଗ୍ରଣୀ ମସଲା ଏବଂ ଖାଦ୍ୟ ବ୍ରାଣ୍ଡ 'ଭାରତ ମସଲା' ପକ୍ଷରୁ ବବି ଦେଓଲଙ୍କୁ ନେଇ ପ୍ରସ୍ତୁତ ନୂଆ ଟିଭି ବିଜ୍ଞାପନ(ଟିଭିସି) ଉନ୍ମୋଚିତ ହୋଇଛି। ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହାର ଉନ୍ମୋଚନ କରାଯାଇଛି। ୧୯୯୯ରେ ଓଡ଼ିଶାର ଏକ ପାରମ୍ପରିକ ମସଲା ଗ୍ରାଇଣ୍ଡିଂ ୟୁନିଟ୍ ଭାବେ ଆରମ୍ଭ 'ଭାରତ ମସଲା' ବର୍ତ୍ତମାନ ଏକ ବିଶ୍ୱସନୀୟ ଏଫ୍‌ଏମ୍‌ସିଜି ବ୍ରାଣ୍ଡ ଭାବେ ପରିଚୟ ଲାଭ କରିଛି। ମସଲା, ଖାଦ୍ୟ ସାମଗ୍ରୀ, କଣ୍ଡିମେଣ୍ଟସ୍, ଚା, ପାସ୍ତା, ସ୍ନାକସ୍ ଓ ବିଶେଷ ଫୁଡ୍ ମିକ୍ସ ସହ ବ୍ରାଣ୍ଡଟି ଅନେକ ଉତ୍ପାଦ ସହ ଦେଶ ବିଦେଶରେ ଆଦୃତି ଲାଭ

କରିଛି। କମ୍ପାନୀ ବର୍ତ୍ତମାନ ଅତ୍ୟାଧୁନିକ ଉତ୍ପାଦନ ୟୁନିଟ୍ ସହିତ କ୍ରାଓଜେନିକ୍ ଗ୍ରାଇଣ୍ଡିଂ ସୁବିଧାକୁ ପରିଚାଳନା କରୁଛି। ଦୀର୍ଘବର୍ଷ ଧରି ବରିଷ୍ଠ ଅଭିନେତା ଧର୍ମେନ୍ଦ୍ର 'ଭାରତ ମସଲା'ର ବ୍ରାଣ୍ଡ ଆମ୍ବାସାଡର ଭାବେ ଜଡ଼ିତ ଥିଲେ। ବର୍ତ୍ତମାନ ବବି ଦେଓଲଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ବିଜ୍ଞାପନ ଟେଲିଭିଜନ, ଡିଜିଟାଲ ଓ ସୋସିଆଲ ମିଡିଆରେ ପ୍ରସାରଣ ହେବ। କାର୍ଯ୍ୟକ୍ରମରେ 'ଭାରତ ମସଲା' ର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶିକା ଏସ୍‌ଏନ୍ ମିଲେନିୟମ୍, ଜିଏମ୍(ଅପରେଶନ) ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳିତ

**ଭୁବନେଶ୍ୱର, ୨।୫(ଅନୁରାଧା ମହାରଣା)**

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ବିଭିନ୍ନ ଶାଖାରେ ଏହାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଟକସ୍ଥିତ ମର୍କତନଗର ଶାଖାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶୁଚିସ୍ମିତା ତ୍ରିପାଠୀ ଏହି ଶିବିରର ଉଦ୍‌ଘାଟନ କରିଥିବାବେଳେ ଶାଖା ପ୍ରବନ୍ଧକ ଦୀପ୍ତିମୟୀ ସାହୁ, କଟକ ଆଞ୍ଚଳିକ କାର୍ଯ୍ୟାଳୟର ବ୍ୟବସାୟିକ ମୁଖ୍ୟ ଅର୍ଜୁନ କୁମାର ସିଂ, କ୍ରେଡିଟ୍ ଅଫିସର ବିକାଶ କୁମାର ସ୍ୱାଇଁ, ସତ୍ତ୍ୱାପ୍ରିୟ ମହାନ୍ତି, ସୌମେନ୍ ମହାନ୍ତି ଏବଂ ୟୁନିଭରସାଲ ସାମ୍ପୋ ଇନ୍‌ସ୍ୟୁରାନ୍ସର କ୍ଲଷ୍ଟର ସେଲ୍ସ ମ୍ୟାନେଜର ବିଶ୍ୱରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସେବା ଓ କ୍ରେଡିଟ୍ ସୁବିଧା ସମ୍ପର୍କରେ ଅବଗତ କରାଯାଇଥିଲା।

ସେହିପରି ଜଗତ୍‌ସିଂହପୁର ଶାଖା ତରଫରୁ ଅନୁଷ୍ଠିତ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅବସରରେ ଶିଶୁ ଅନାଥ ଆଶ୍ରମକୁ ଖାଦ୍ୟ ଓ ଶିଶୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶୁଚିସ୍ମିତା ତ୍ରିପାଠୀ, ଶାଖା ପ୍ରବନ୍ଧକ ତୁଷାରକାନ୍ତ ସାହୁ, ସହାୟକ ଶାଖା ପ୍ରବନ୍ଧକ ପ୍ରକାଶ କୁମାର ସାହୁଙ୍କ ସମେତ ଆଞ୍ଚଳିକ କାର୍ଯ୍ୟାଳୟର କ୍ରେଡିଟ୍ ଅଫିସର ସୌମେନ୍ ମହାନ୍ତି ଏବଂ ଅନାଥ ଆଶ୍ରମର ପରିଚାଳକ ଅଞ୍ଜନେୟ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

ସମ୍ବଲପୁର ଜିଲ୍ଲା ବୁଢ଼ାରାଜାସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୦ଜଣଙ୍କୁ ମାଗଣା ଡାକ୍ତର ପରାମର୍ଶ ସହ ନମୁନା ସଂଗ୍ରହକରି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୀବ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ସହ ହିରଣ୍ମୟ ଦଳାଇ, ସ୍ୱରୂପ ସମ୍ପଦ ପୂଜାରୀ, ସୁଜିତ କୁମାର ପଣ୍ଡା, ପ୍ରଦ୍ୟୁମ୍ନ କୁମାର ପଣ୍ଡା ଏବଂ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଏକରରାଇଜ୍‌ର ସିଏସ୍‌ଆର୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨।୫(ଅନୁରାଧା ମହାରଣା)**

ଏକରରାଇଜ୍ ଡେଭଲପର୍ସ ନିଜର କର୍ପୋରେଟ୍ ସୋସିଆଲ୍ ରେସ୍‌ପନ୍ସିବିଲିଟି (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଖୋର୍ଦ୍ଧା ଜିଲାର ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଖେଳ ଉପକରଣ ପ୍ରଦାନ କରିଛି। କମ୍ପାନୀ ପକ୍ଷରୁ ୨ ଆସନ ବିଶିଷ୍ଟ ଡିସ୍କ ସ୍ୱିଙ୍ଗ୍, ମେରୀ-ଗୋ-ରାଉଣ୍ଡ ଏବଂ ଆର୍ଚ୍ଚ ସ୍ୱିଙ୍ଗ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଏକରରାଇଜ୍ ଡେଭଲପର୍ସର ସହ-ପ୍ରତିଷ୍ଠାତା ଶେଖ୍ ମୈରାଜୁଲ୍ ହକ୍ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଚ୍‌ଆର୍ ହେଡ୍ ସୁଚିତ୍ରା ପଟ୍ଟନାୟକ, ଏଚ୍‌ଆର୍ ବିଭାଗର ଦୀପା ଖଟେଇ, ମାର୍କେଟିଂ ମ୍ୟାନେଜର୍ ଦୀପକ ମିତ୍ର ଏବଂ ଡିଜିଟାଲ୍ ମାର୍କେଟିଂ ଟିମ୍‌ର ଜଗନମୋହନ ପରିଡ଼ା ଉପସ୍ଥିତ ଥିଲେ।

# ୮୧୦୦୦ କୋଟିର ସମ୍ପତ୍ତି ଜବତ କରିଛି ଇଡି

**ନୂଆଦିଲ୍ଲୀ, ୨।୫:** ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଅର୍ଥ ହେରଫେର(ମନି ଲଣ୍ଡରିଂ) ମାମଲାରେ ସର୍ବାଧିକ ଚଢ଼ଉ କରିଥିଲାବେଳେ ମୋଟ ୮୧,୦୦୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି ; ଯାହାକି ଇଡି ଇତିହାସରେ ରେକର୍ଡ ବୋଲି କୁହାଯାଇଛି। 'ପ୍ରିଭେନସନ ଅଫ୍ ମନି ଲଣ୍ଡରିଂ ଆକ୍ଟ(ପିଏମ୍‌ଏଲ୍‌ଏ)' ଅଧୀନରେ ଇଡି ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ଘଟଣାରେ ଯେତିକି ସଂଖ୍ୟକ ଚଢ଼ଉ କରିଥିଲା ସେ ତୁଳନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇ ଗୁଣ ଅଧିକରେ ମୋଟ ୨୮୯୨ଟି ଚଢ଼ଉ କରିଛି ବୋଲି ଇଡି ପକ୍ଷରୁ କଥିତ ଆର୍ଥିକ ବର୍ଷର ବାର୍ଷିକ ରିପୋର୍ଟକୁ ନେଇ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଗତ ୧ବର୍ଷ ତୁଳନାରେ ୨୦୨୫-୨୬ରେ ଗିରଫ ସଂଖ୍ୟା କମିଛି। ୨୦୨୩-୨୪ରେ ଇଡି ପକ୍ଷରୁ ବିଭିନ୍ନ ହେରଫେର୍ ମାମଲାରେ ମୋଟ ୨୭୨ ଜଣଙ୍କୁ ଗିରଫ କରାଯାଇଥିଲାବେଳେ ୨୦୨୪-୨୫ରେ ୨୧୪ ଜଣଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ୨୦୨୫-୨୬ରେ ଏହି ସଂଖ୍ୟା ୨୭ ପ୍ରତିଶତ କମ୍‌ରେ ୨୧୪ ରହିଛି।

# ଝାରସୁଗୁଡ଼ାରେ ବ୍ଲାକ୍‌ବେରିସ୍ ଷ୍ଟୋର୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨।୫(ଅନୁରାଧା ମହାରଣା)**

ଝାରସୁଗୁଡ଼ା ସରବାହାଲ ରୋଡ୍‌ରେ ପୁରୁଷ ପୋଷାକ ବ୍ରାଣ୍ଡ ବ୍ଲାକବେରିସ୍‌ର ନୂତନ ଷ୍ଟୋର୍ ଶନିବାର ଉଦ୍‌ଘାଟିତ ହୋଇଛି। ଶୋ'ରୁମ୍ ମାଲିକ ସୁମନ ମିଶ୍ର ଓ ଶୁଭସ୍ମିତା ପତି ଏହାର ଶୁଭାରମ୍ଭ କରିଥିଲେ। ଏହା ତାଙ୍କର ଦ୍ୱିତୀୟ ବ୍ଲାକବେରିସ୍ ଆଉଟଲେଟ୍। ବ୍ଲାକବେରିସ୍‌ର ଏରିଆ ଅପରେଶନ୍ ମ୍ୟାନେଜର ପ୍ରଣିତ କୁମାର, ଜିଆର୍‌ସି ଗ୍ରୁପ୍ ପ୍ରତିନିଧି ରାକେଶ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ଅବସରରେ ଗ୍ରାହକମାନଙ୍କ ପାଇଁ ୧୦୦୦ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ଅଫର୍ ଘୋଷଣା କରାଯାଇଛି। ଷ୍ଟୋରରେ ପ୍ରିମିୟମ୍ କ୍ୱାଲିଟି, ଆଧୁନିକ ଡିଜାଇନ୍ ଓ ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ସହିତ ବିଭିନ୍ନ ପୁରୁଷ ପୋଷାକ ଉପଲବ୍ଧ ରହିବ। ଶୋ'ରୁମ୍ ମାଲିକ ସୁମନ ମିଶ୍ର କହିଥିଲେ, ଝାରସୁଗୁଡାର ଗ୍ରାହକମାନେ ଏଠାରେ ଏକ ଅନ୍ତର୍ଜାତୀୟ ମାନର ଶପିଂ ଅନୁଭବ ପାଇବେ।

# ୪ କି.ମି. ଭୂତଳ କେବୁଲ ନେଟୱର୍କ କାର୍ଯ୍ୟକ୍ଷମ କଲା ଟିପିସିଓଡିଏଲ୍

**ଭୁବନେଶ୍ୱର, ୨।୫(ଅନୁରାଧା ମହାରଣା)**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଗୋଠପାଟଣା ପିଏସ୍‌ଏସ୍ ଏବଂ ନୂଆଗାଁ ଛକଠାରେ ୨ଟି ଆରଏମ୍‌ୟୁ ସହିତ ୪ କିଲୋମିଟର ଦୀର୍ଘ ଭୂତଳ କେବୁଲ ନେଟୱର୍କ କାର୍ଯ୍ୟକ୍ଷମ କରାଯାଇଛି। ଏହାଦ୍ୱାରା କଣ୍ଟାବାଡ଼, ଗୋଠପାଟଣା, ଭରତପୁର ଏବଂ ଏହାର ଆଖପାଖ ଅଞ୍ଚଳର ପ୍ରାୟ ୧୨,୦୦୦ ଉପଭୋକ୍ତା ଉପକୃତ ହେବେ। ପଳାସପୁରଠାରେ 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା' ଅଧୀନରେ ଏକ ୬୩ କେଭିଏ ବିଦ୍ୟୁତ ବିତରଣ ସବ୍‌ଷ୍ଟେଶନ ସ୍ଥାପନ କରାଯାଇଛି। ଏହାଦ୍ୱାରା ପଳାଶପୁର ଗ୍ରାମ ଏବଂ ଭୁବନେଶ୍ୱରର ଉତ୍ତରା ଅଞ୍ଚଳର ପ୍ରାୟ ୪୦୦ ଉପଭୋକ୍ତା ଉନ୍ନତ ବିଦ୍ୟୁତ ସେବା ପାଇପାରିବେ।

# ଆଇସିଏଆଇର ଗ୍ଲୋବାଲ ଲିଡରସିପ୍ ସେମିନାର

**ଭୁବନେଶ୍ୱର, ୨।୫**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ(ଆଇସିଏଆଇ)ର ଗ୍ଲୋବାଲ ଟ୍ରେଡ୍ ଆଣ୍ଡ ସର୍ଭିସେସ୍ କମିଟି ପକ୍ଷରୁ 'ଆଇସିଏଆଇ ଗ୍ଲୋବାଲ ଅରବିଟ୍ : ଫ୍ରମ୍ ଜିସିସିଏସ୍ ଟୁ ଗ୍ଲୋବାଲ ଲିଡରଶିପ୍' ଶୀର୍ଷକ ଏକ ଦିନିକିଆ ସେମିନାର ମେ ଫେୟାର କନ୍‌ଭେନ୍‌ସନ୍‌ଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆଇସିଏଆଇ ଭୁବନେଶ୍ୱର (ଇଆଇଆର୍‌ସି) ଦ୍ୱାରା ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଅଧିବେଶନ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କରି ଆରମ୍ଭ କରାଯିବା ପରେ ଆଇସିଏଆଇ

ଭୁବନେଶ୍ୱର ଅଧ୍ୟକ୍ଷ ସିଏ ଡ. ଗୌତମ ଲେଙ୍କା ସ୍ୱାଗତ ଭାଷଣ ଦେଇ ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ପାଇଁ ବିଶ୍ୱସ୍ତରୀୟ ସୁଯୋଗ ବୃଦ୍ଧିପାଇବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଗ୍ଲୋବାଲ ଟ୍ରେଡ୍ ଆଣ୍ଡ ସର୍ଭିସେସ୍ କମିଟି ଅଧ୍ୟକ୍ଷ ସିଏ ସଞ୍ଜୀବ ସାଙ୍ଘି ଭାରତୀୟ ବୃତ୍ତିଗତ ସିଏମାନେ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ଥାନ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଭିଡିଓ ବାର୍ତ୍ତା ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ସେମିନାରର ବିଭିନ୍ନ ପ୍ରାସଙ୍ଗିକ ବିଷୟ ଉପରେ ସିଏ ଚେତନ ବେଣୁଗୋପାଳ, ସିଏ ଦେବାୟନ ପାତ୍ର, ଜୋହୋ କର୍ପୋରେଶନର ନାରାୟଣନ୍ କେ.ପି, ସିଏ ଏଏନ୍‌ଜେଡ୍‌ର ବିଧି ଆଶିକୀ ମୋଦୀ ଏବଂ ସିଏ ଅଙ୍କିତ ବୁଘ ପ୍ରମୁଖ ଆଲୋଚନା କରିଥିଲେ। ଆଇସିଏଆଇ ଭୁବନେଶ୍ୱର ସଚିବ ସିଏ ସୌମ୍ୟ ସୁନୀଲ ସାହୁ ଧନ୍ୟବାଦ ଦେଇଥିଲେ।

ଏଲ୍‌ପିଜି ମୂଲ୍ୟ ବୃଦ୍ଧି ପ୍ରତିବାଦରେ ବେଙ୍ଗାଲୁରୁରେ ଶନିବାର ଯୁବକଂଗ୍ରେସ କର୍ମୀ ପ୍ଲାକାର୍ଡ ଧରି ବିକ୍ଷୋଭ କରୁଛନ୍ତି। ୧୯ କେଜି ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ଦାମ୍ ୯୯୩ ଟଙ୍କା ବଢ଼ିଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି।

# ଇସି ଭୋଟଗଣନା କର୍ମଚାରୀ ଚୟନ କରିପାରିବେ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨ା୫

ପଶ୍ଚିମବଙ୍ଗ ଭୋଟଗଣତି ବେଳେ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କୁ ନିର୍ବାଚନ କମିଶନ (ଇସି) ନିଯୁକ୍ତ କରିଥିବାରୁ ଏହାକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସର୍ବୋଚ୍ଚ ଅଦାଲତ ଏହା ଉପରେ କୌଣସି ନିର୍ଦ୍ଦେଶ ଦେବାକୁ ଶନିବାର ମନା କରିଦେଇଛନ୍ତି। ନିର୍ବାଚନ କମିଶନ ଭୋଟଗଣନା କର୍ମଚାରୀଙ୍କୁ ଚୟନ କରିପାରିବେ ବୋଲି ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ଗତ ଏପ୍ରିଲ ୧୩ରେ ନିର୍ବାଚନ କମିଶନଙ୍କ ସର୍କୁଲାରରେ ରାଜ୍ୟ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତ କରାଯିବାର ବ୍ୟବସ୍ଥା ଥିଲା। ତେଣୁ ଏହାକୁ ଭୁଲ୍ କୁହାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

କୌଣସି ଅନିୟମିତତାକୁ ନେଇ ତୃଣମୂଳ କଂଗ୍ରେସ ଆଶଙ୍କା ବ୍ୟକ୍ତ କରିବା ଭୁଲ୍ ବୋଲି ନିର୍ବାଚନ କମିଶନ କହିଛନ୍ତି। କାରଣ ଭୋଟଗଣତି କାର୍ଯ୍ୟରେ ଉଭୟ କେନ୍ଦ୍ରୀୟ ଓ ରାଜ୍ୟ କର୍ମଚାରୀ ରହିବେ ବୋଲି ସର୍କୁଲାରରେ ସ୍ପଷ୍ଟ ଉଲ୍ଲେଖ ରହିଥିଲା। ଉକ୍ତ ସର୍କୁଲାର ଅନୁଯାୟୀ କାର୍ଯ୍ୟ କରାଯିବ ଏବଂ ଆସନ୍ତା ୪ ତାରିଖ ଭୋଟଗଣତି ବେଳେ ରାଜ୍ୟ ସରକାରଙ୍କ କର୍ମଚାରୀ ନିୟୋଜିତ ରହିବେ ବୋଲି ଇସି ଅଦାଲତଙ୍କୁ କହିଛନ୍ତି। ଟିଏମ୍‌ସି ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଉପସ୍ଥିତ ରହି କହିଥିଲେ, ଏପ୍ରିଲ ୧୩ରେ ନିର୍ବାଚନ କମିଶନ ସର୍କୁଲାର ଜାରି କରିଥିଲେ ମଧ୍ୟ ଦଳ ଏପ୍ରିଲ ୨୯ରେ ଏହା ଜାଣିବାକୁ ପାଇଲେ। ମାଇକ୍ରୋ ଅବଜରଭର ନାମରେ ପ୍ରତି କାଉଣ୍ଟିଂ ଟେବୁଲରେ ଜଣେ ଲେଖାଏ କେନ୍ଦ୍ରୀୟ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ସର୍କୁଲାରରେ ବ୍ୟବସ୍ଥା ଥିଲେ ମଧ୍ୟ ରାଜ୍ୟ କର୍ମଚାରୀଙ୍କୁ କମିଶନ ନିଯୁକ୍ତି ଦେଇ ନ ଥିବା ସିବଲ ଅଭିଯୋଗ କରିଥିଲେ।

# ହର୍ମୁଜରେ ଇରାନକୁ ଶୁଳ୍କ ଦେଲେ କଟକଣା ଲାଗିବ

## ଜାହାଜ କମ୍ପାନୀଙ୍କୁ ଟ୍ରମ୍ପଙ୍କ ଚେତାବନୀ

ଦୁବାଇ,୨ା୫

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସୁରକ୍ଷିତ ଭାବେ ଅତିକ୍ରମ କରିବା ପାଇଁ ଇରାନକୁ ଶୁଳ୍କ ଦେଉଥିବା ଜାହାଜ କମ୍ପାନୀଗୁଡ଼ିକ ଉପରେ କଟକଣା ଲଗାଇବାକୁ ଆମେରିକା ଚେତାବନୀ ଦେଇଛି। ଆମେରିକା ବିଦେଶ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ (ଓଏଫ୍‌ଏସି) ପକ୍ଷରୁ ଏହି ଚେତାବନୀ ପୋଷ୍ଟ କରାଯାଇଥିବାବେଳେ ହର୍ମୁଜ୍ ନିୟନ୍ତ୍ରଣକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଲାଗିରହିଥିବା ଅଚଳାବସ୍ଥା ଉପରେ ଏହା ଆଉ ଏକ ଚାପ ବୋଲି କୁହାଯାଉଛି।

ଯୁଦ୍ଧ ପୂର୍ବରୁ ବିଶ୍ୱ ତୈଳ ଓ ପ୍ରାକୃତିକ ଗ୍ୟାସ୍ ବାଣିଜ୍ୟର ଏକ-ପଞ୍ଚମାଂଶ ପାରସ୍ୟ ଉପସାଗରର ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଜଳପଥ ଦେଇ ହେଉଥିଲା। ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍ ମିଳିତ ଆକ୍ରମଣ କରିବା ପରେ ତେହରାନ୍ ଉକ୍ତ ଜଳପଥକୁ ଜାହାଜ ଚଳାଚଳ ପାଇଁ ବନ୍ଦ କରିଦେବାରୁ ତୈଳ ଓ ଗ୍ୟାସ୍ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି।

ଫଳରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇବା ସହ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ପରବର୍ତ୍ତୀ ସମୟରେ ଇରାନ କେତେକ ଜାହାଜକୁ ବିକଳ୍ପ ମାର୍ଗ ଦେଇ ସୁରକ୍ଷିତ ଯାତ୍ରା ନିମନ୍ତେ ସୁଯୋଗ ଦେଲା ଓ ଏହି ସେବା ପାଇଁ ବେଳେବେଳେ ଦେୟ ଆଦାୟ କଲା। ଏହି ଟୋଲ୍ ଆଦାୟକୁ ଆମେରିକା ବିରୋଧ କରିବା ସହ କଟକଣା ଧମକ ଦେଇଛି।

ଓଏଫ୍‌ଏସି କହିଛି ଯେ, ଇରାନକୁ କେବଳ ନଗଦ ଅର୍ଥ ନୁହେଁ, ବରଂ ଡିଜିଟାଲ ଆସେଟ୍ସ, ଅଫ୍‌ସେଟ, ଇନ୍‌ଫର୍ମାଲ ସ୍ୱାପ୍ ବା ଅନ୍ୟାନ୍ୟ ମାଧ୍ୟମରେ ଶୁଳ୍କ ପୈଠ କରିବାକୁ ପଡ଼ିପାରେ। ସେଥିପାଇଁ ଓଏଫ୍‌ଏସି ଆମେରିକା ଏବଂ ଅଣଆମେରିକୀୟ ବ୍ୟକ୍ତିବିଶେଷଙ୍କୁ ସତର୍କ କରାଇବା ପାଇଁ ଉପରୋକ୍ତ ଚେତାବନୀ ଜାରି କରିଛି। ଶୁଳ୍କ ପୈଠ କରିବାର ଯେକୌଣସି ପଦ୍ଧତି ବ୍ୟବହାର କଲେ ମଧ୍ୟ ସେଥିରେ ବିପଦ ରହିଥିବା କୁହାଯାଇଛି।

ଇରାନର ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଅବରୋଧର ଜବାବରେ ଆମେରିକା ନୌସେନା ଗତ ୧୩ ତାରିଖରୁ ଏହାର ବନ୍ଦରଗୁଡ଼ିକୁ ଅବରୋଧ କରି ରଖିଛି। ଫଳରେ ଇରାନର ଜାହାଜଗୁଡ଼ିକ ଏହାର ବନ୍ଦର ମଧ୍ୟକୁ ପ୍ରବେଶ କିମ୍ବା ପ୍ରସ୍ଥାନ କରିପାରୁ ନାହିଁ। ଯୁଦ୍ଧରେ କ୍ଷତିଗ୍ରସ୍ତ ଅର୍ଥନୀତିକୁ ସୁଧାରିବା ପାଇଁ ଇରାନ ଆବଶ୍ୟକ କରୁଥିବା ତୈଳ ରାଜସ୍ୱ ପାଇବାରୁ ବଞ୍ଚିତ ହୋଇଛି। ଅବରୋଧ ଆରମ୍ଭ ହେବା ଦିନରୁ ୪୫ଟି ବାଣିଜ୍ୟିକ ଜାହାଜକୁ ଫେରାଇ ଦିଆଯାଇଥିବା ଆମେରିକା ସେଣ୍ଟ୍ରାଲ କମାଣ୍ଡ କହିଛି।

ସୂଚନାଯୋଗ୍ୟ, ଯୁଦ୍ଧ ବନ୍ଦ ପାଇଁ ଇରାନ ଦେଇଥିବା ସଦ୍ୟତମ ପ୍ରସ୍ତାବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରତ୍ୟାଖ୍ୟାନ କରିଦେବା ପରେ ଉପରୋକ୍ତ ଚେତାବନୀ ଜାରି ହୋଇଛି। ସେମାନେ ଏକ ଡିଲ୍ କରିବାକୁ ଚାହୁଁଥିଲେ, ମୁଁ ସେଥିରେ ସନ୍ତୁଷ୍ଟ ନୁହେଁ, ତେଣୁ କ'ଣ ହେଉଛି ଦେଖିବା ବୋଲି ଟ୍ରମ୍ପ୍ ଶୁକ୍ରବାର ହ୍ୱାଇଟ୍ ହାଉସ୍‌ରେ କହିଥିଲେ। ତେବେ ଟ୍ରମ୍ପ୍ ଇରାନ ପ୍ରସ୍ତାବରେ ଥିବା ତ୍ରୁଟିବିଚ୍ୟୁତି ବିଷୟରେ ବିସ୍ତୃତ ଭାବେ କିଛି କହି ନ ଥିଲେ ମଧ୍ୟ ଏହାର ନେତୃତ୍ୱକୁ ନେଇ ନିରାଶା ବ୍ୟକ୍ତ କରିଥିଲେ।

## ଆମେରିକା ସହ ପୁଣି ଯୁଦ୍ଧ ହୋଇପାରେ: ଇରାନ ସେନା ଅଧିକାରୀ

ତେହରାନ୍,୨ା୫

ଆମେରିକା ଓ ଇରାନ ମଧ୍ୟରେ ପୁନର୍ବାର ଯୁଦ୍ଧ ହୋଇପାରେ ବୋଲି ଇରାନର ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି। ତେହରାନ୍‌ର ନୂଆ ବୁଝାମଣା ପ୍ରସ୍ତାବରେ ସନ୍ତୁଷ୍ଟ ନୁହନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିବା ପରେ ଇରାନ ସେନା ଅଧିକାରୀ ଏଭଳି ସଙ୍କେତ ଦେଇଛନ୍ତି। ଇରାନ ଗୁରୁବାର ସନ୍ଧ୍ୟାରେ ମଧ୍ୟସ୍ଥ ରାଷ୍ଟ୍ର ପାକିସ୍ତାନକୁ ନୂଆ ବୁଝାମଣା ପ୍ରସ୍ତାବ ଦେଇଥିଲା ବୋଲି ଇରାନ ସରକାରୀ ଗଣମାଧ୍ୟମ କହିଛି। ଏପ୍ରିଲ ୮ରୁ ଇରାନ ଓ ଆମେରିକା ମଧ୍ୟରେ ଅସ୍ତ୍ରବିରତି ଜାରି ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଯୁଦ୍ଧ ବନ୍ଦ ପାଇଁ ପାକିସ୍ତାନ ମଧ୍ୟସ୍ଥତାରେ ଗୋଟିଏ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଆମେରିକା ଉଦ୍ୟମ ଚଳାଇଥିଲେ ମଧ୍ୟ ଇରାନର କଡ଼ା ସର୍ତ୍ତ ଯୋଗୁ ତାହା ସମ୍ଭବ ହୋଇପାରି ନାହିଁ। ଆଲୋଚନା ବନ୍ଦ ରହିବା ପାଇଁ ଟ୍ରମ୍ପ୍ ଇରାନ ନେତୃତ୍ୱରେ ପ୍ରବଳ ମତଭେଦକୁ ଦାୟୀ କରିଛନ୍ତି।

# ଲେବାନନ୍‌ରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍:୭ ମୃତ

ବିରୁଟ୍,୨ା୫

ଇସ୍ରାଏଲ୍ ଏବଂ ହେଜବୋଲ୍ଲା ମଧ୍ୟରେ ଅସ୍ତ୍ରବିରତି ସତ୍ତ୍ୱେ ଯୁଦ୍ଧ ଜାରି ରହିଛି। ଇସ୍ରାଏଲ୍ ଶନିବାର ଦକ୍ଷିଣ ଲେବାନନ୍‌ରେ ଏୟାରଷ୍ଟ୍ରାଇକ୍ କରିବାରୁ ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ଘଟିଛି। ଆକ୍ରମଣ ପୂର୍ବରୁ ଇସ୍ରାଏଲୀ ସେନା ଉକ୍ତ ଅଞ୍ଚଳରେ ଥିବା ୯ଟି ଗ୍ରାମକୁ ଖାଲି କରିବାକୁ ଚେତାବନୀ ଦେଇଥିଲା। ସୂଚନାଯୋଗ୍ୟ, ଏପ୍ରିଲ ୧୭ରେ ଇସ୍ରାଏଲୀ ସେନା ଏବଂ ଲେବାନନ୍‌ର ହେଜବୋଲ୍ଲା ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହୋଇଥିଲା। ଏହା ସତ୍ତ୍ୱେ ଆକ୍ରମଣ ଜାରି ରହିଛି। କାଫର ଡାଜଲ ଗ୍ରାମରେ ଏକ କାର୍ ଉପରେ ବୋମାମାଡ଼ ହେବାରୁ ୨ ଜଣ ପ୍ରାଣ ହରାଇଥିବାବେଳେ ଲ୍ବାଇଜେହ ଗ୍ରାମର ଏକ ଘର ଉପରେ ବୋମାପଡ଼ି ୩ ଜଣଙ୍କ ଜୀବନ ଯାଇଛି। ସେହିପରି ଶୌକିନ୍ ଗ୍ରାମରେ ଏୟାରଷ୍ଟ୍ରାଇକ୍ ଯୋଗୁ ୨ ଜଣ ପ୍ରାଣ ହରାଇଛନ୍ତି। ଇସ୍ରାଏଲୀ ବାୟୁସେନା ୨୪ ଘଣ୍ଟା ମଧ୍ୟରେ ୫୦ ଥର ଏୟାରଷ୍ଟ୍ରାଇକ୍ କରିଥିବା ଏହାର ମୁଖପାତ୍ର Xରେ ପୋଷ୍ଟ କରିଛନ୍ତି। ବାୟେଡ ଉପକୂଳ ଗ୍ରାମରେ ଶନିବାର ଇସ୍ରାଏଲୀ ସେନା ଏକାଠି ହୋଇଥିବାବେଳେ ହେଜ୍‌ବୋଲ୍ଲା ପକ୍ଷରୁ ସେମାନଙ୍କ ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିଲା।

# ପ୍ରସାର ଭାରତୀ ଅଧ୍ୟକ୍ଷ ହେଲେ ପ୍ରସୂନ୍ ଜୋଷୀ

ନୂଆଦିଲ୍ଲୀ,୨ା୫

ଯୋଗାଯୋଗ ବିଶେଷଜ୍ଞ ପ୍ରସୂନ୍ ଜୋଷୀଙ୍କୁ ପ୍ରସାର ଭାରତୀର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଜୋଷୀଙ୍କୁ ପ୍ରସାର ଭାରତୀ ଅଧ୍ୟକ୍ଷ ପଦରେ ନିଯୁକ୍ତି ଦେଇଛି। ଜୋଷୀ ପ୍ରଶଂସିତ ଚଳଚ୍ଚିତ୍ର ଗୀତ ସାଙ୍ଗକୁ ବିଜ୍ଞାପନ ଅଭିଯାନ ଏବଂ ସାମାଜିକ ସଚେତନତା ସୃଷ୍ଟିକାରୀ କ୍ଷୁଦ୍ରଗଳ୍ପ ଲେଖିଥାନ୍ତି, ଯାହା ଲୋକଙ୍କ ସହ ଭାବନାତ୍ମକ ଭାବେ ଜଡ଼ିତ ଥାଏ। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଜୋଷୀ ବିଜ୍ଞାପନ, ସାହିତ୍ୟ, କଳା ଓ ସିନେମା ଜଗତରେ ପ୍ରଶଂସିତ ବିରଳ ସୃଜନଶୀଳ ବ୍ୟକ୍ତିତ୍ୱ। ତାଙ୍କ ଭାଷାରେ ମାଟିର ମହକ ଥାଏ ଏବଂ ଦୃଷ୍ଟିକୋଣରେ ଦେଶ ସଂସ୍କୃତିର ଅମର ସାରସତ୍ୱ ପ୍ରତିଫଳିତ ହୋଇଥାଏ। ଜୋଷୀଙ୍କ ନେତୃତ୍ୱରେ ପ୍ରସାର ଭାରତୀ ନୂଆ ଶକ୍ତି ଏବଂ ନୂତନ ସୃଜନଶୀଳ ସ୍ୱର ପାଇବ ବୋଲି ଅଶ୍ୱିନୀ କହିଛନ୍ତି।

# ଜବଲପୁର ବୋଟ୍ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୯

ଜବଲପୁର,୨ା୫

ମଧ୍ୟପ୍ରଦେଶର ଜବଲପୁରରେ ବୋଟ୍ ଦୁର୍ଘଟଣା ମୃତ୍ୟୁସଂଖ୍ୟା ଶନିବାର ୯ରେ ପହଞ୍ଚିଥିବାବେଳେ ୪ ଜଣ ନିଖୋଜ ଅଛନ୍ତି। ରାଜ୍ୟରେ ଏହା ସବୁଠୁ ମରଣାନ୍ତକ ପର୍ଯ୍ୟଟନ ବିପର୍ଯ୍ୟୟ। ବାର୍ଗି ଡ୍ୟାମ୍‌ରେ ଦୁର୍ଘଟଣା ସମୟର କ୍ରୁଜ୍ ବୋଟ୍ ଭିତରର ଭିଡିଓ ପ୍ରକାଶ ପାଇଛି। ଯାତ୍ରୀମାନେ ବୋଟ୍ ଭିତରେ ବସିଥିବାବେଳେ ହଠାତ୍ ପାଣି ପଶିଯାଇଥିବା ଦେଖିବାକୁ ମିଳିଛି। ଯାତ୍ରୀମାନଙ୍କ ଖୁସି ମୁହୂର୍ତ୍ତକ ମଧ୍ୟରେ ଚିତ୍କାରରେ ପରିଣତ ହୋଇଥିଲା। ବୋଟ୍ ଯାତ୍ରା ନିୟମର ଉଲ୍ଲଂଘନ ଏବଂ ପାଣିପାଗ ସତର୍କ ସୂଚନାର ଅଣଦେଖା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି।

ବୋଟ୍ ବୁଡ଼ିବାକୁ ଆରମ୍ଭ କଲାବେଳେ ଏହାର କର୍ମଚାରୀ ଲାଇଫ୍ ଜାକେଟ୍ ବଣ୍ଟଲ ଖୋଲୁଥିବା ଭିଡିଓରୁ ଦେଖାଯାଇଛି। ଅଧିକାଂଶ ଯାତ୍ରୀ ବିନା ଲାଇଫ୍ ଜାକେଟରେ ଥିଲେ ଏବଂ ଜାକେଟ୍ ପାଇବାକୁ ସଂଘର୍ଷ କରୁଥିଲେ।

## ଯାତ୍ରୀଙ୍କୁ ଲାଇଫ୍ ଜାକେଟ ଦିଆଯାଇ ନ ଥିଲା

ଅନ୍ତର୍ଦେଶୀୟ ବୋଟ୍ ଯାତ୍ରା ଆଇନ, ୨୦୨୧ ଅନୁଯାୟୀ, ବୋଟ୍‌ରେ ଯାତ୍ରା ପୂର୍ବରୁ ପ୍ରତ୍ୟେକ ଯାତ୍ରୀଙ୍କୁ ଲାଇଫ୍ ଜାକେଟ ପ୍ରଦାନ କରାଯିବା ଓ ସେମାନେ ଏହାକୁ ଠିକ୍ ଭାବେ ପିନ୍ଧିବା ଅନିବାର୍ଯ୍ୟ। ଉକ୍ତ ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ ହୋଇଥିବା ସ୍ପଷ୍ଟ ହୋଇଛି। ବୋଟ୍‌ର ଯାତ୍ରୀ ନେବା କ୍ଷମତା ୨୯ ହୋଇଥିବାବେଳେ ସେଥିରେ ୪୦ରୁ ଅଧିକ ପର୍ଯ୍ୟଟକ ଥିଲେ। ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୫୦ କି.ମି. ବେଗରେ ପବନ ବହିବା ନେଇ ପାଣିପାଗ ବିଭାଗ ଅରେଞ୍ଜ ଆଲର୍ଟ ଜାରି କରିଥିବା ସତ୍ତ୍ୱେ ଉକ୍ତ ବୋଟ୍‌କୁ ବାର୍ଗି ଡ୍ୟାମ୍ ଜଳରାଶିରେ ପ୍ରବେଶ ଲାଗି ଅନୁମତି ଦିଆଯାଇଥିଲା।

# ପଶ୍ଚିମବଙ୍ଗ: ୧୫ ବୁଥ୍‌ରେ ୮୭% ମତଦାନ

କୋଲକାତା,୨ା୫

ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲା ଅନ୍ତର୍ଗତ ୨ଟି ନିର୍ବାଚନମଣ୍ଡଳୀର ୧୫ଟି ବୁଥ୍‌ରେ ଶନିବାର ସାନି ମତଦାନ ହୋଇଛି। ମତଦାନ ହାର ୮୭% ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଗତ ୨୯ ତାରିଖ ଭୋଟ ବେଳେ ଉକ୍ତ ବୁଥ୍‌ଗୁଡ଼ିକରେ ଅନିୟମିତତା ଦେଖାଦେଇଥିବାରୁ ସେଠାରେ ସାନି ମତଦାନ ପାଇଁ ନିର୍ବାଚନ କମିଶନ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ମାଗ୍ରାହାଟ ପଶ୍ଚିମ ନିର୍ବାଚନମଣ୍ଡଳୀର ୧୧ ଆସନ ଏବଂ ଡାଇମଣ୍ଡ ହାର୍ବର ନିର୍ବାଚନ ମଣ୍ଡଳୀର ୪ ଆସନରେ ସାନି ମତଦାନ ହେଉଥିବାବେଳେ କେତେକ ସ୍ଥାନରେ ଭାଜପା ଏବଂ ତୃଣମୂଳ କଂଗ୍ରେସ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଛି।

## ଭୋଟଗଣତି ପରେ ସୁରକ୍ଷା ଦାବିରେ ବିକ୍ଷୋଭ

ସୋମବାର ଭୋଟଗଣନା ଥିବାବେଳେ ଏହା ପୂର୍ବରୁ ଟିଏମ୍‌ସି କର୍ମୀଙ୍କ ଧମକକୁ ନେଇ ଫାଲ୍‌ଟାର ଲୋକେ ବିକ୍ଷୋଭ କରିଥିଲେ। ଭୋଟଗଣତି ପରେ ସୁରକ୍ଷା ଦାବିକରି ଶତାଧିକ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇଥିଲେ। ଭାଜପା ପତାକା ଧରିଥିବା ଏହି ଲୋକମାନେ ହାସିମନଗର ଗ୍ରାମର ଏକ ରାସ୍ତାକୁ ଅବରୋଧ କରିଥିଲେ। ସିଆର୍‌ପିଏଫ୍ ଡେପୁଟି କମାଣ୍ଡାଣ୍ଟ ବହୁସଂଖ୍ୟାରେ ଯବାନଙ୍କ ସହ ପହଞ୍ଚି ସେମାନଙ୍କୁ ସୁରକ୍ଷା ପ୍ରତିଶ୍ରୁତି ଦେଇଥିଲେ।

# ରାଜସ୍ଥାନ ବିଶ୍ୱବିଦ୍ୟାଳୟରେ ଗୁଣ୍ଡୁଚିମୂଷା ଆତଙ୍କ

ଜୟପୁର,୨ା୫

ରାଜସ୍ଥାନର ଏକ ବିଶ୍ୱବିଦ୍ୟାଳୟକୁ ଗୋଟିଏ ଗୁଣ୍ଡୁଚିମୂଷା ଆତଙ୍କିତ କରି ରଖିଛି। ଉକ୍ତ ଗୁଣ୍ଡୁଚିମୂଷା ଇତିମଧ୍ୟରେ ୨୦ ଜଣଙ୍କୁ କାମୁଡ଼ିଲାଣି। ଏହାକୁ ଧରିବା ପାଇଁ ପ୍ରାଣୀ ସହାୟତା ଉଦ୍ଧାରକାରୀ ଟିମ୍‌କୁ ୨ ଥର ଡକାଗଲାଣି।

ରାଜସ୍ଥାନ ଉଦୟପୁର ଡିଭିଜନରେ ସର୍ବବୃହତ୍ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ମୋହନଲାଲ୍ ସୁଖାଡିଆ ୟୁନିଭର୍ସିଟି (ଏମ୍‌ଏଲ୍‌ଏସ୍‌ୟୁ)କୁ ଭିନ୍ନ ପ୍ରକାର ଆତଙ୍କ କବଳିତ କରି ରଖିଛି। ବିଶ୍ୱବିଦ୍ୟାଳୟର ଆର୍ଟ୍ସ କଲେଜ କ୍ୟାମ୍ପସରେ ଏକ ହିଂସ୍ର ଗୁଣ୍ଡୁଚିମୂଷା ଏଭଳି ଆତଙ୍କର ବାତାବରଣ ସୃଷ୍ଟି କରିଛି। ଗତ ୬ ସପ୍ତାହ ମଧ୍ୟରେ ଗୁଣ୍ଡୁଚିମୂଷା ୨୦ ଜଣ ଛାତ୍ରୀଛାତ୍ର ଓ କଲେଜ କର୍ମଚାରୀଙ୍କୁ କାମୁଡ଼ିଲାଣି। ଏପରିକି ତିନ୍‌ଙ୍କୁ ମଧ୍ୟ ଗୁଣ୍ଡୁଚିମୂଷା ଛାଡ଼ିନାହିଁ। ସ୍ଥିତି ଏଭଳି ହୋଇଛି ଯେ, ଛାତ୍ରୀଛାତ୍ର ଓ ଅଧ୍ୟାପକ ମନସ୍ତତ୍ତ୍ୱ ବିଭାଗ ଯିବାକୁ ଥିବା ରାସ୍ତାକୁ ବ୍ୟବହାର କରିବାକୁ ଚାହୁଁ ନାହାନ୍ତି।

## ୨୦ ଜଣଙ୍କୁ କାମୁଡ଼ିଲାଣି

ଗୁଣ୍ଡୁଚିମୂଷାର ହିଂସ୍ର ଆଚରଣ ତା'ର ନିଜ ସୀମାକୁ ସୁରକ୍ଷା ଦେବାରେ ଭୁଲ୍ ପ୍ରଦର୍ଶନ। କୌଣସି ବିପଦ ନ ଥାଇ ମଧ୍ୟ ଏହା ହଠାତ୍ ଆକ୍ରମଣ କରୁଛି। ସାଇକୋଲୋଜି ଡିପାର୍ଟମେଣ୍ଟ ନିକଟରେ ଗୁଣ୍ଡୁଚିମୂଷାଟି ବସା କରିଥିବାବେଳେ ସେହି ବାଟ ଦେଇ ଯାଉଥିବା ଲୋକଙ୍କୁ ଆକ୍ରମଣକାରୀ ସନ୍ଦେହ କରି ନିଜ ସୀମାକୁ ସୁରକ୍ଷା ଦେଉଛି। କ୍ୟାମ୍ପସ୍‌ରେ ଯାହା ଏକ କୌତୂହଳର ବିଷୟ ଥିଲା, ତାହା ଏବେ ସୁରକ୍ଷା ଚିନ୍ତାର କାରଣ ହୋଇଛି। ଏହାକୁ ନେଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି।

# ବିଚାରପତିଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୨ା୫

ଦକ୍ଷିଣ ଦିଲ୍ଲୀର ସଫଦରଜଙ୍ଗ ଅଞ୍ଚଳରେ ଜଣେ ୩୦ ବର୍ଷୀୟ ବିଚାରପତି ତାଙ୍କ ବାସଭବନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଅମନ କୁମାର ଶର୍ମା ନାମକ ଉକ୍ତ ବିଚାରପତିଙ୍କ ମୃତଦେହ ସିଲିଂ ଫ୍ୟାନ୍‌ରୁ ଝୁଲୁଥିବା ଦେଖି ତାଙ୍କ ଭିଣୋଇ ପୋଲିସକୁ ଜଣାଇଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ଆତ୍ମହତ୍ୟା ସନ୍ଦେହ କରାଯାଉଛି। ପୋଲିସ ସମସ୍ତ ଦିଗ ଉପରେ ତଦନ୍ତ ଚଳାଇଥିବା କହିଛି। ଶର୍ମା ୨୦୨୧ ଜୁନ୍ ୧୯ରେ ଦିଲ୍ଲୀ ନ୍ୟାୟିକ ସେବାରେ ଯୋଗ ଦେଇଥିଲେ। ଜଣେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଏବଂ ସିଭିଲ୍ ଜଜ୍ ଭାବେ ସେ ଅନେକ ଫୌଜଦାରୀ ଓ ଦେୱାନୀ ମାମଲାର ଫଇସଲା କରିଛନ୍ତି।

# ହିଲ୍ସ ପିନ୍ଧି ନାଚିଲେ ଅକ୍ଷୟ

ମୁମ୍ବାଇ

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ବର୍ତ୍ତମାନ ତାଙ୍କ ଗେମ ଶୋ 'ହୁଇଲ ଅଫ୍ ଫର୍ଚ୍ୟୁନ'ରେ ୬ ଇଞ୍ଚ ହାଇ ହିଲ୍ ପିନ୍ଧି ନୃତ୍ୟ କରୁଥିବା ଦୃଶ୍ୟ ସୋସିଆଲ ମିଡିଆରେ ଚର୍ଚ୍ଚା ଚାଲିଛି। ଏହି ଶୋ'ରେ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ, ଭୂମି ପେଡନେକର ଏବଂ ଫାର୍‌ହା ଖାନ୍ ଅତିଥି ଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଅକ୍ଷୟ ସେଟ୍‌ରେ ସେମାନଙ୍କ ଉପରେ ଭୟଙ୍କର ପ୍ରାଙ୍କ୍ କରିଥିଲେ। ପ୍ରତିଶୋଧ ନେବା ପାଇଁ ଜ୍ୟାକ୍‌ଲିନ୍ ଅକ୍ଷୟଙ୍କୁ ହିଲ୍ ପିନ୍ଧି ଗୋଟିଏ ମିନିଟ୍ ନାଚିବାକୁ ଏକ ଟାସ୍କ ଦେଇଥିଲେ। ଯଦି ଅକ୍ଷୟ ଅଟକିଯାଆନ୍ତି, ତେବେ ତାଙ୍କୁ ତାଙ୍କ ଆକାଉଣ୍ଟକୁ ୧ଲକ୍ଷ ଟଙ୍କା ଟ୍ରାନ୍ସଫର କରିବାକୁ ପଡ଼ିବ। ଏଥିରେ ଅକ୍ଷୟ ହଡ଼ବଡ଼େଇଯାଇ କହିଥିଲେ, ତୁମେ ପାଗଳ କି? ମୋ ଗୋଡ଼ ମୋଡ଼ି ହୋଇଯିବ। ମୁଁ କେବେ ଏଭଳି ନାଚିନାହିଁ। ଫାର୍‌ହାଙ୍କ ଜିଦ୍‌ରେ ଅକ୍ଷୟ ଶେଷରେ ହିଲ୍ସ ପିନ୍ଧିବାକୁ ରାଜି ହେଲେ। ସେ ତାଙ୍କ ଫିଲ୍ମ 'ହାଉସ୍‌ଫୁଲ୍ ୪'ର 'ଲାଲ ପରୀ' ଗୀତରେ ହିଲ୍ସ ପିନ୍ଧି ଜୋର୍‌ଦାର ନାଚିଥିଲେ। ଅକ୍ଷୟଙ୍କୁ ହିଲ୍ସ ପିନ୍ଧି ନାଚୁଥିବା ଦେଖି ଫାର୍‌ହା ଏବଂ ଭୂମି ତାଙ୍କ ସହ ଯୋଗଦେଇଲେ। କିନ୍ତୁ ନାଚୁଥିବା ସମୟରେ ଅକ୍ଷୟଙ୍କ ହିଲ୍ସ ଫାଟିଗଲା ଏବଂ ସେ ଖସିପଡ଼ିବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ।

## ବିକ୍ରି ପାଇଁ ଯାଉଥିଲା ମଧ୍ୟାହ୍ନ ଭୋଜନ ଚାଉଳ, ଧରିନେଲେ ଗ୍ରାମବାସୀ

ଭୋଗରାଇ, ୨।୫(ପ୍ରଦୀପ ଦାସ): ସ୍କୁଲ ଛୁଟି ମଉକାରେ ମଧ୍ୟାହ୍ନଭୋଜନ ଚାଉଳକୁ ସ୍କୁଲ ଶିକ୍ଷକମାନେ ଜଣେ ଚାଉଳ ବ୍ୟବସାୟୀଙ୍କୁ ବଜାରରେ ବିକ୍ରି କରିବା ଲାଗି ଏକ ରିକ୍ସାରେ ଚାଲାଣ କରୁଥିବାବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡି ହଟହଟା ହୋଇଛନ୍ତି। ଘଟଣା ଘଟିଛି ଶନିବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚୌକି ଗ୍ରାମରେ। ଏକ ପ୍ରାଥମିକ ବିଦ୍ୟାଳୟରୁ ଜଣେ ଚାଉଳ ବିକ୍ରେତା ବ୍ୟବସାୟୀ ଏକ ରିକ୍ସାରେ ୬ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଚୌକି ବଜାରକୁ ଆଣୁଥିଲେ। ଚୌକି ଗ୍ରାମର ଯୁବଗୋଷ୍ଠୀ ମଧ୍ୟାହ୍ନଭୋଜନ ଚାଉଳ କେଉଁଠାକୁ ଯାଉଥିବା ଗାଡ଼ି ଚାଳକଙ୍କୁ ପଚାରିବାରୁ ସେ ଉତ୍ତର ଦେଇ ନ ପାରିବାରୁ ଯୁବକମାନେ ରିକ୍ସାକୁ ଅଟକ ରଖି ଭୋଗରାଇ ଯୋଗାଣଅଧିକାରୀଙ୍କୁ ଖବର ଦେଇଥିଲେ। ଯୋଗାଣ ଅଧିକାରୀ ଅମ୍ବିକେଶ୍ୱର ରଥ ତଦନ୍ତ କରିବା ସହିତ ରିକ୍ସାରେ ଥିବା ୬ ବସ୍ତା ଚାଉଳକୁ ଜବତ କରିଛନ୍ତି। ଭୋଗରାଇ ବିଇଓ ସିଆରସିସି ଓ ଜଣେ ପ୍ରଧାନ ଶିକ୍ଷକଙ୍କୁ ତଦନ୍ତ ଭାର ଦେଇଛନ୍ତି।

# ମାଟ୍ରିକ ଏ-୧ରେ ବାଲେଶ୍ୱର ଆଗରେ

## ମାଟ୍ରିକ୍ ପରୀକ୍ଷାଫଳ, ପାସ୍ ହାର ୯୭.୭୧%

ବାଲେଶ୍ୱର, ୨।୫(ବାଞ୍ଛାନିଧି ଦେ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶନିବାର ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବାଲେଶ୍ୱର ଜିଲାର ପାସ୍ ହାର ୯୭.୭୧% ହୋଇଥିବା ବେଳେ ପୂର୍ବବର୍ଷ ଠାରୁ ଏହା ଅଧିକ ବୋଲି ଜଣାପଡ଼ିଛି। ଜିଲାର ୨୩୦ଟି ସ୍କୁଲରେ ଶତ ପ୍ରତିଶତ ପାସ୍ ହାର ରହିଛି। ଗତବର୍ଷ ଜିଲାରେ ପାସ୍ ହାର ଥିଲା ୯୭.୬୫%। ଚଳିତ ବର୍ଷ ମଧ ଜିଲାରେ ପାଶ୍ କରିଥିବା ଛାତ୍ରୀଛାତ୍ରଙ୍କ ମଧରେ ଛାତ୍ରଙ୍କଠାରୁ ଆଗରେ ରହିଛନ୍ତି ଛାତ୍ରୀ। ଅପରପକ୍ଷରେ ଚଳିତବର୍ଷ ମଧ ଜିଲାରେ ସବୁଠୁ ଅଧିକ ଛାତ୍ରୀଛାତ୍ର ଏ-୧ ଗ୍ରେଡରେ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୧୮ଜଣ ଛାତ୍ରୀଛାତ୍ର ଟପ୍-୧୦ ତାଲିକାରେ ରହିଛନ୍ତି।

ଚଳିତବର୍ଷ ଜିଲାର ୫୨୪ଟି ହାଇସ୍କୁଲରେ ମୋଟ ୩୧ହଜାର ୪୧ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୯ହଜାର ୭ଶହ୧୬ ଜଣ ପାସ୍ କରିଛନ୍ତି। ସେଥିରୁ ୧୪ହଜାର ୯ଶହ ୪୦ ଜଣ ଛାତ୍ରୀ ରହିଥିବା ବେଳେ ୧୪ହଜାର ୭ଶହ ୭୪ ଜଣ ଛାତ୍ର ରହିଛନ୍ତି। ତେବେ ଛାତ୍ରଙ୍କଠାରୁ ଅଧିକ ୧୬୪ଜଣ ଛାତ୍ରୀ ପାସ୍ କରିଛନ୍ତି। ସୋର କେସି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଆଶୁତୋଷ ନାୟକ ୫୮୮ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଅନିକେତ ପାତ୍ର ୫୮୬ ନମ୍ବର ରଖି ଦ୍ୱିତୀୟ, ବିମ୍ବୁରିଆ ଶୈଳେନ କୁମାର ଶିକ୍ଷା ନିକେତନ ଛାତ୍ର ଆୟୁଷ୍ମାନ ଦାସ ୫୮୨ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଫତେପୁର ହାଇସ୍କୁଲ ଛାତ୍ର ରଶ୍ମିରଞ୍ଜନ ବାରିକ, ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଜୟପ୍ରକାଶ ପାତ୍ର ଓ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଶ୍ରେୟାଂସ ସାହୁ ୫୮୦ ନମ୍ବର ଲେଖାଏଁ ରଖି ଚତୁର୍ଥ, ବିମ୍ବୁରିଆ ଶୈଳେନ୍ଦ କୁମାର ଶିକ୍ଷା ନିକେତନର ଛାତ୍ର ସୂର୍ଯ୍ୟପ୍ରକାଶ ଚକ୍ରବର୍ତ୍ତୀ ୫୭୬ ନମ୍ବର ରଖି ପଞ୍ଚମ, ବାଲେଶ୍ୱର ଜିଲା ସ୍କୁଲର ଛାତ୍ର ଚିରଞ୍ଜିବ ବିଶ୍ୱାଳ ଓ ବାଟୀ ପଞ୍ଚାୟତ ସ୍କୁଲ ଛାତ୍ରୀ ଅଙ୍କିତା ପାଣିଗ୍ରାହୀ ୫୭୫ ନମ୍ବର ଲେଖାଏଁ ରଖି ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଅନ୍ୟ ୯ଜଣ ଛାତ୍ରୀ ଛାତ୍ର ଟପ୍-୧୦ ତାଲିକାରେ ସାମିଲ ହୋଇଛନ୍ତି।

ଚଳିତବର୍ଷ ଜିଲାରେ ଏ-୧ ଗ୍ରେଡରେ ୩୦୫ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେହିପରି ଏ-୨ରେ ୧୬୯୪, ବି-୧ରେ ୪୦୫୩, ବି-୨ରେ ୬୨୨୩, ସି ରେ ୭୫୦୪, ଡି ରେ ୬୩୬୫, ଇ ରେ ୩୫୭୨ ଜଣ ପାସ୍ କରିଛନ୍ତି। ତେବେ ଜିଲାରେ ମୋଟ ୬୯୮ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ସେହିପରି ବିଭିନ୍ନ କାରଣ ପାଇଁ ୬୨୭ ଜଣ ଛାତ୍ରୀଛାତ୍ର ପରୀକ୍ଷାକେନ୍ଦ୍ରରେ ଅନୁପସ୍ଥିତି ଥିଲେ ବୋଲି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି।

ବାଲେଶ୍ୱରରେ ଏକ ବିଦ୍ୟାଳୟରେ ଖୁସି ମନାଉଛନ୍ତି ଛାତ୍ରୀ।

## ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି

୫୮୮ ନମ୍ବର ରଖି ଜିଲା ବାଲେଶ୍ୱର ଜିଲାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛି। ଦିନକୁ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିଲି। ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛି। ବିଦ୍ୟାଳୟ ଗୁରୁଜୀ, ଗୁରୁମା ଓ ମାତା ନିର୍ମଳା ମହାନ୍ତି, ପିତା ରତ୍ନାକର ନାୟକଙ୍କ ଆଶୀର୍ବାଦରୁ ମୋତେ ଏହି ସଫଳତା ମିଳିଛି।

**-ଆଶୁତୋଷ ନାୟକ,**
**କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁମନ୍ଦିର, ସୋର**

## ଆଜି ଭାଜପାର ମହାମିଶ୍ରଣ ପର୍ବ

### ବରିଷ୍ଠ ନେତୃବୃନ୍ଦଙ୍କ ଗହଣରେ ଯୋଗଦେବେ ବହୁ ବିଜେଡି କର୍ମୀ

ଖବରଦାତା ସମ୍ମିଳନୀରେ ବିଜେଡି ଛାଡ଼ିଥିବା ଲୋକପ୍ରତିନିଧି ଓ ଦଳୀୟ କାର୍ଯ୍ୟକର୍ତ୍ତା।

ଖଇରା, ୨।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀରେ ୨୦୧୪ର ଭାଜପା ବିଧାୟକ ପ୍ରାର୍ଥୀ ତଥା ୨୦୨୪ର ବିଜେଡି ବିଧାୟକ ପ୍ରାର୍ଥିନୀ ସୁବାସିନୀ ସାହୁଙ୍କ ସ୍ୱାମୀ ଶଶିକୁମାର ସାହୁ ସ୍ତ୍ରୀଙ୍କ ସହ ବିଜେଡିରୁ ଇସ୍ତଫା ଦେବା ଏବଂ ଭାଜପାରେ ମିଶିବା ନେଇ ସୂଚନା ଦେବା ପରେ ଭାଜପାରେ ହଇଚଇ ସୃଷ୍ଟି ହୋଇଛି। ଶଶିଙ୍କ ମିଶ୍ରଣକୁ ନେଇ ବର୍ତ୍ତମାନର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଶିବିରରେ କମ୍ପନ ସୃଷ୍ଟି ହେବା ପରେ ଏବେ ପଦ୍ମଲୋଚନଙ୍କ ସମର୍ଥକଙ୍କ ତରଫରୁ ଏକ ମିଶ୍ରଣ ପର୍ବ ରବିବାର ଖଇରା ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ବିଜେଡିରେ ଶଶିଙ୍କ ସହ ଯୋଡ଼ି ହୋଇଥିବା ଲୋକପ୍ରତିନିଧି ଓ ଦଳୀୟ ନେତୃବୃନ୍ଦମାନଙ୍କୁ ଯଥାଶୀଘ୍ର ପଦ୍ମଲୋଚନ ଓ ଅନ୍ୟାନ୍ୟ ଜିଲା, ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଭାଜପାରେ ମିଶାଇବାକୁ ଘନ ଘନ ବୈଠକ ଚାଲିଛି। ଯାହାକୁ ନେଇ ପଦ୍ମଲୋଚନ ଗୋଷ୍ଠୀ ଆଗକୁ ନୂଆ କିଛି ସମୀକରଣ ଏଡାଇବାକୁ ଶଶିଙ୍କ ମିଶ୍ରଣ ପୂର୍ବରୁ ଏଭଳି ମିଶ୍ରଣ କରୁଥିବା ଭଳି ସମାଲୋଚନା ମୂଳକ ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହା ପ୍ରତିବାଦରେ ପଦ୍ମଲୋଚନଙ୍କ ସମର୍ଥକ ତଥା ବିଜେଡିରୁ ଇସ୍ତଫା ଦେଇଥିବା ବ୍ୟକ୍ତିମାନଙ୍କ ପକ୍ଷରୁ ଶୁକ୍ରବାର ଖଇରାର ଏକ ହୋଟେଲ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଜିଲାପରିଷଦ ସଭ୍ୟ ରାଧାକାନ୍ତ ପାତ୍ର ଉପସ୍ଥିତ ହୋଇ ଏହି ଭାଇରାଲ ମେସେଜ ତଥା ସମାଲୋଚନାକୁ ସିଧାସଳଖ ଖଣ୍ଡନ କରିବା ସହ ଏଥିନେଇ ସ୍ପଷ୍ଟୀକରଣ ରଖିଛନ୍ତି। ଖଇରା ବ୍ଲକର ୩୭ ପଞ୍ଚାୟତ ମଧ୍ୟରୁ ୨୨ପଞ୍ଚାୟତର ଲୋକପ୍ରତିନିଧି, ଦଳୀୟ ସଙ୍ଗଠକମାନେ ବିଜେଡି ନେତୃବୃନ୍ଦଙ୍କ ଉପରୁ ଆସ୍ଥା ହରାଇ ବହୁ ପୂର୍ବରୁ ଭାଜପାରେ ଯୋଗଦାନ ପାଇଁ ନିଷ୍ପତ୍ତି ନେଇଥିଲେ। ଏବେ ସିମୁଳିଆରେ ସାମୂହିକ ଇସ୍ତଫା ପ୍ରଦାନ କରିଛନ୍ତି। ପୂର୍ବ ମନ୍ତ୍ରୀ, ଏମ୍‌ପି, ବିଧାୟକ, ଜିଲା ଓ ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ ସହ ଆଲୋଚନା ପରେ ଏଥିଲାଗି ଚୂଡ଼ାନ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଶଶି ସାହୁ, ମୁକ୍ତିକାନ୍ତ ମଣ୍ଡଳ ଏବଂ ମଞ୍ଜୁଲତା ମଣ୍ଡଳଙ୍କ ଇସ୍ତଫା ସହ ୩ତାରିଖ ମିଶ୍ରଣର କୌଣସି ସମ୍ପର୍କ ନାହିଁ ବୋଲି କହିଛନ୍ତି।

## ଗରା, ବାଲ୍‌ଟି ଧରି ରାସ୍ତାରେ ମହିଳା

ଗରା, ବାଲ୍‌ଟି ରଖି ରାଜରାସ୍ତାରେ ପ୍ରତିବାଦ କରୁଛନ୍ତି ମହିଳା।

ନୀଳଗିରି, ୨।୫(ପ୍ରଶାନ୍ତ କୁମାର ବିଶ୍ୱାଳ)

ପାଣି ପାଇଁ ଡହଳବିକଳ ହେଉଥିବା ଗ୍ରାମବାସୀ ଶେଷରେ ଗରା, ବାଲ୍‌ଟି ଧରି ରାସ୍ତାରେ ବସିଲେ। ନୀଳଗିରି ମିତ୍ରପୁର ରାସ୍ତା ଧୋବଶିଳା ଛକରେ ଶହଶହ ମହିଳା ରାସ୍ତାରୋକୋ କରିଥିଲେ। ଗାଁକୁ ପାଣି ଠିକ୍ ସମୟରେ ଆସୁ ନ ଥିବା ଓ ନଳକୂପ ଅଚଳ କାରଣରୁ ଧୋବଶିଳା ପଞ୍ଚାୟତ ଅନ୍ଧାରୀ ସାହିର ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ଦୀର୍ଘ ଦିନରୁ ଗାଁ ରେ ପାଣି ସମସ୍ୟା ରହିଛି। ଏନେଇ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଦିଲୀପ ସିଂଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଥିଲା। ନୀଳଗିରି ପୋଲିସ, ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ପ୍ରୀତିପ୍ରଭା ବାରିକ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହିତ ସ୍ଥାନୀୟ ମେଗା ପାଣି ପମ୍ପ ଡ୍ରାଇଭରଙ୍କୁ ଲଗାଇ ପାଣି ବ୍ୟବସ୍ଥା ହେଲାପରେ ମଧ୍ୟାହ୍ନରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଅଟୋ ଡ୍ରାଇଭରଙ୍କ ଆକ୍ରମଣକୁ ବିରୋଧ

### ପ୍ରତିବାଦରେ ଭକ୍ତାଙ୍କ ରାସ୍ତା ଅବରୋଧ

ବସ୍ତା, ୨।୫(ହରି ଶଙ୍କର ପାଢ଼ୀ)

ବାଲେଶ୍ୱର ଜିଲା ବସ୍ତା ଥାନା ରାମଚନ୍ଦ୍ରପୁରଠାରେ ଶୁକ୍ରବାର ଭକ୍ତାମାନଙ୍କ ସହ ସାମାନ୍ୟ ବଚସାରୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଅଟୋ ଡ୍ରାଇଭର ସେମାନଙ୍କୁ ଆକ୍ରମଣ କରିଥିଲେ। ପ୍ରତିବାଦରେ ଭକ୍ତାମାନେ କାଦରାୟାଁ-ଭେଲୋରା ରାସ୍ତା ଅବରୋଧ କରିଥିଲେ। ଖବରପାଇ ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ, ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା, ବସ୍ତା ଆଇଆଇସି ରଣଜିତ ସାହୁ, ସିଂଲା ଆଇଆଇସି ସୁଚନ୍ଦ୍ର ମହାଳିକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ବୁଝାଶୁଝା କରିଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁସାରେ ଚଣ୍ଡୀପୁର ଗ୍ରାମର ବାବା ତାଡ଼କେଶ୍ୱର ମନ୍ଦିରରେ ଚଡ଼କ ମେଳା ଉପଲକ୍ଷେ ମନ୍ଦିରର ଭକ୍ତାମାନେ ରାସ୍ତାରେ ମାଗଣ କରୁଥିଲେ। ଏହାକୁ ନେଇ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଅଟୋ ଡ୍ରାଇଭରଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଡ୍ରାଇଭରଜଣକ ଭକ୍ତାମାନଙ୍କ ବେତ ବାଡ଼ି ଛଡାଇ ଭକ୍ତାମାନଙ୍କୁ ବାଡେଇଥିଲେ। ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। କାର୍ଯ୍ୟାନୁଷ୍ଠାନ ଦାବିରେ ଭକ୍ତା ଓ ଗ୍ରାମବାସୀ କାଦରାୟାଁ - ଭେଲୋରା ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ।

## ହଜିଥିବା ୩୫ ମୋବାଇଲ ଜବତ

ବାଲେଶ୍ୱର, ୨।୫(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ହଜିଯାଇଥିବା ମୋବାଇଲ ଖୋଜି ଆଣିଦେଲେ ବାଲେଶ୍ୱର ସାଇବର ଥାନା ପୋଲିସ। ଶନିବାର ବାଲେଶ୍ୱର ଜିଲା ପୋଲିସ କାର୍ଯ୍ୟାଳୟକୁ ମୋବାଇଲ ହଜାଇଥିବା ୩୫ ଜଣ ବ୍ୟକ୍ତିଙ୍କୁ ପୋଲିସ ଡାକି ସେମାନଙ୍କୁ ୩୫ଟି ମୋବାଇଲ ପ୍ରଦାନ କରିଛନ୍ତି। ମୋବାଇଲ ହଜାଇଥିବା ବ୍ୟକ୍ତିମାନେ ନିଜର ପୁରୁଣା ମୋବାଇଲ ପାଇଲା ପରେ ଆନନ୍ଦିତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାଶ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ କହିଥିଲେ, ବାଲେଶ୍ୱର ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ମୋବାଇଲଗୁଡିକ ହଜିଥିଲା। ହଜିବାପରେ ମୋବାଇଲ ମାଲିକମାନେ ସିଇଆଇଆର ପୋର୍ଟାଲରେ ପଞ୍ଜିକରଣ କରିଥିଲେ। ବାଲେଶ୍ୱର ସାଇବର ଥାନା ପୋଲିସ ସିଇଆଇଆର ପୋର୍ଟାଲ ଜରିଆରେ ଖୋଜିବା ଜାରି ରଖିଥିଲେ। ୩୫ଟି ମୋବାଇଲ ଖୋଜିପାଇବା ପରେ ପୋଲିସ ପକ୍ଷରୁ ଶନିବାର ହଜାଇଥିବା ବ୍ୟକ୍ତିମାନଙ୍କୁ ଜିଲା ପୋଲିସ କାର୍ଯ୍ୟାଳୟକୁ ଡାକି ତାଙ୍କ ମୋବାଇଲ ପ୍ରଦାନ କରାଯାଇଛି। କୌଣସି ବ୍ୟକ୍ତିର ମୋବାଇଲ୍ ହଜିଥିଲେ, ଏହି ସିଇଆଇଆର ପୋର୍ଟାଲରେ ପଞ୍ଜିକରଣ କରିପାରିବେ ବୋଲି ଅତିରିକ୍ତ ଏସ୍‌ପି ଦାଶ କହିଥିଲେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପିଙ୍କ ସହିତ ସାଇବର ଥାନା ଅଧିକାରିଣୀ ମୀନା ବିନ୍ଧାଣୀ ଉପସ୍ଥିତ ଥିଲେ।

## ୬ରେ ଏସ୍‌ପି ଅଫିସ ଆଗରେ ଧାରଣା ଦେବେ ପୀଡ଼ିତଙ୍କ ସ୍ତ୍ରୀ

### ରେଞ୍ଜରଙ୍କ ମାଡ଼ ଘଟଣା

ନୀଳଗିରି, ୨।୫(ପ୍ରଶାନ୍ତ କୁମାର ବିଶ୍ୱାଳ)

ମାର୍ଚ୍ଚ ୨୫ତାରିଖ ରାତିରେ ଜଣେ ନିଲମ୍ବିତ ଫରେଷ୍ଟଗାର୍ଡ ଏବଂ ତାଙ୍କର ବନ୍ଧୁଙ୍କୁ କୁଲଡିହା ଏସିଏଫ ସୁବ୍ରତ କୁମାର ବେହେରା ଏବଂ ତାଙ୍କ ଅଧସ୍ତନ କର୍ମଚାରୀ ମାଡ଼ମାରି ହାତଭାଙ୍ଗିବା ଘଟଣାରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି ସମ୍ପୃକ୍ତ ପୀଡ଼ିତ ଏବଂ ତାଙ୍କ ପରିବାର। ପରିବାର ସମେତ ନିକଟ ସମ୍ପର୍କୀୟ ନୀଳଗିରି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଉଚିତ ନ୍ୟାୟ ମିଳିବାର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ମାସେରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ପ୍ରଶାସନ ଉପରୁ ଭରସା ତୁଟିଯାଇଥିବାରୁ ଆସନ୍ତା ୬ରେ ବାଲେଶ୍ୱର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଲମ୍ବିତ ଫରେଷ୍ଟଗାର୍ଡ ପଦ୍ମଲୋଚନ ପାତ୍ରଙ୍କ ସ୍ତ୍ରୀ ଦୀପ୍ତିମୟୀ ଧାରଣାଦେବାକୁ ଚେତାବନୀ ଦେଇଛନ୍ତି। ଏହି ଧାରଣାକୁ ସମର୍ଥନ ଜଣାଇଛନ୍ତି ନୀଳଗିରିର ପ୍ରମୁଖ ବିରୋଧୀଦଳ। ଏନେଇ ଏକ ଏକ ସ୍ୱଷ୍ଟୋକ୍ତି ପତ୍ର ଦେଇଛନ୍ତି ସିପିଏମ୍ ଜିଲା ସମ୍ପାଦକ ମଣ୍ଡଳୀସଭ୍ୟ ବିଜୟ କୁମାର ପାତ୍ର, ବିଜେଡ଼ିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, କଂଗ୍ରେସ ଦଳର ଜିଲା ସାଧାରଣ ସମ୍ପାଦକ ଯଶୋଦାନନ୍ଦନ ସିଂହ, ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ପ୍ରସାଦ ବାରିକ।

## ଅଜଣା ନାବାଳିକାଙ୍କୁ ଉଦ୍ଧାର କଲା ଚାଇଲ୍ଡଲାଇନ ଟିମ୍

ଲଙ୍ଗଳେଶ୍ୱର, ୨।୫(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ବାଇଟିଙ୍ଗିରୀ ଗ୍ରାମରୁ ଜଣେ ଅଜଣା ନାବାଳିକାଙ୍କୁ ଉଦ୍ଧାର କରିଛି ବାଲେଶ୍ୱର ଚାଇଲ୍ଡଲାଇନ ଟିମ୍। ଉକ୍ତ ନାବାଳିକା ଜଣକ ବଙ୍ଗଳାରେ କଥାବାର୍ତ୍ତା କରୁଥିବା ବେଳେ ସେ ପଶ୍ଚିମବଙ୍ଗରୁ ଏଠାକୁ କେମିତି ଆସିଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ ଗତ ଏପ୍ରିଲ ୨୯ ତାରିଖ ବୁଧବାର ଅପରାହ୍ନରେ ବାଇଟିଙ୍ଗିରୀ ଗ୍ରାମର ସଞ୍ଜିତା ସାହୁଙ୍କ ଘର ନିକଟକୁ ଜଣେ ଅଜଣା ନାବାଳିକା ଆସି ଭୋକ ଲାଗିଥିବା କହି ଖାଇବାକୁ ମାଗିଥିଲେ। ଝିଅଟି ନିଜ ମା', ବାପାଙ୍କ ନାମ କିମ୍ବା ଠିକ୍ ଠିକଣା କହି ପାରୁ ନ ଥିବାରୁ ସଞ୍ଜିତା ସାହୁ ଓ ତାଙ୍କ ପରିବାର ମାନବିକତା ଦେଖାଇ ତାକୁ ନିଜ ଘରେ ଆଶ୍ରୟ ଦେଇଥିଲେ। ତେବେ ଝିଅଟି ତାର ଠିକଣା ଏବଂ ସେ ଏଠାକୁ କେମିତି ଆସିଲା ସେନେଇ କୌଣସି ସ୍ପଷ୍ଟ ସୂଚନା ଦେଇ ନ ପାରିବାରୁ ସଞ୍ଜିତା ବାଲିକୁଟୀ ପଞ୍ଚାୟତର ସରପଞ୍ଚ ଯଶୋଦାମଣି ଧଳ ଓ ପାରାଳିଗାଲ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ରଙ୍କୁ ସୂଚନା ଦେଇଥିଲେ। ସ୍ୱେଚ୍ଛାସେବୀ ପାତ୍ର ଚାଇଲ୍ଡଲାଇନ ନମ୍ବରରେ ଯୋଗାଯୋଗ କରି ନାବାଳିକାଙ୍କୁ ଉଦ୍ଧାର ପାଇଁ ଅନୁରୋଧ କରିଥିଲେ। ଅଭିଯୋଗ ପାଇବା ପରେ ଶୁକ୍ରବାର ବାଲେଶ୍ୱର ଚାଇଲ୍ଡଲାଇନର ୩ଜଣିଆ ଟିମ୍ ସଞ୍ଜିତା ସାହୁଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ଝିଅଟି ପଶ୍ଚିମବଙ୍ଗ ରାଜ୍ୟ ଗଡ଼ବେତା ଅଞ୍ଚଳର ଆଜାଦ ବେଟଙ୍କ ଝିଅ ବୋଲି ଜଣାପଡ଼ିଥିଲା। ଚାଇଲ୍ଡ ଲାଇନ ସଦସ୍ୟ ପ୍ରଶାନ୍ତ ରାଉତ ଓ ଅନ୍ୟ ଦୁଇ ଅଧିକାରୀ ଗ୍ରାମବାସୀଙ୍କ ଉପସ୍ଥିତିରେ ନାବାଳିକାଙ୍କୁ ଉଦ୍ଧାର କରି ବର୍ତ୍ତମାନ ବାଲେଶ୍ୱର ସଖୀ ସେଣ୍ଟରରେ ଛାଡିଛନ୍ତି।

## ମନୋବାଞ୍ଛା ବୃଦ୍ଧାଶ୍ରମ ଉଦ୍‌ଘାଟନ କଲେ ଜିଲାପାଳ

ବାହାନଗା, ୨।୫(ଅରୂପ କୁମାର ଦାସ): ଚନ୍ଦନପୂର୍ଣ୍ଣିମା ଅବସରରେ ବାହାନଗା ବ୍ଲକ ଗୋପାଳପୁର ପାଞ୍ଚୟତ ପାଇକାସ୍ତା ଗ୍ରାମରେ ନୂତନ କରି ଗଢି ଉଠିଥିବା ମନୋବାଞ୍ଛା ବୃଦ୍ଧାଶ୍ରମକୁ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉଦ୍‌ଘାଟନ କରିଥିଲେ। ଏହି ବୃଦ୍ଧାଶ୍ରମକୁ ପ୍ରତିଷ୍ଠା କରିଛନ୍ତି ଚିତ୍ରଶିଳ୍ପୀ ଗଜେନ୍ଦ୍ର ସାହୁ। ଏଥିରେ ପୁରୁଷ, ମହିଳା ଉଭୟ ରହିବା ପାଇଁ ୪୦ଟି ବେଡ୍ ରହିଛି। ଅଲଗା ଅଲଗା ଶୌଚାଳୟ, ଗାଧୁଆ ଘର ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩ରୁ ୪ଜଣ ଆସି ରହିଛନ୍ତି। ଏଥିରେ ପ୍ରତିଷ୍ଠାତା ତଥା ଆଶ୍ରାମର ଉପଦେଷ୍ଟା ଚିତ୍ରଶିଳ୍ପୀ ଗଜେନ୍ଦ୍ର ସାହୁ, ଗୋପାଳପୁର ସରପଞ୍ଚ ତୁଷାରକାନ୍ତି ମହାପାତ୍ର, ଗିରିଶ ଚନ୍ଦ୍ର ଦାଶ, ଅଶ୍ୱନୀ ମହାପାତ୍ର, ଅନୁଷ୍ଠାନ ସଭାପତି ଅନ୍ତର୍ଯ୍ୟାମୀ ପଣ୍ଡା, ଗୋପାଳପୁର ସ୍ୱଚ୍ଛଭାରତ ଅଭିଯାନର ଆବାହକ ସୁଦର୍ଶନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ରାଷ୍ଟ୍ର ନିର୍ମାଣରେ ଶ୍ରମିକଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ

■ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ

■ଯୋଗ୍ୟ ହିତାଧିକାରୀଙ୍କୁ ପରିଚୟପତ୍ର ପ୍ରଦାନ

ବାଲେଶ୍ୱର, ୨।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଗାନ୍ଧୀ ସ୍ମୃତିଭବନଠାରେ ଶୁକ୍ରବାର ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ-୨୦୨୬ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶ୍ରମିକଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଭାଗୀୟ ଶ୍ରମ ଆୟୁକ୍ତ ସନ୍ତୋଷ କୁମାର ମହାନ୍ତି ଉତ୍ସବରେ ଅଧ୍ୟକ୍ଷତା କରି ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ କଲ୍ୟାଣ ବୋର୍ଡ ଦ୍ୱାରା ପ୍ରଦତ୍ତ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୌରାଧ୍ୟକ୍ଷା ସବିତା ସାହୁ ପ୍ରମୁଖ ୧୮ବର୍ଷରୁ ଉର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ୍ ଶ୍ରମିକମାନେ ପଞ୍ଜୀକରଣ ପୋର୍ଟାଲରେ ଆବଶ୍ୟକ ସମସ୍ତ ତଥ୍ୟ ସଂଲଗ୍ନ କରିବା ସହ ସରକାରଙ୍କ ସମସ୍ତ ଯୋଜନାର ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଶ୍ରମିକ ଦିସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜିଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ ବିଭିନ୍ନ ଶ୍ରମ ଆଇନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ଶୈଳସୂତା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶ୍ରମ ଅଧିକାରୀ କୁମାର ବାସୁଦେବ ପଣ୍ଡା ଧନ୍ୟବାଦ ଦେଇଥିଲେ। ୮୧୯୪ ଯୋଗ୍ୟ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ରାଶି ବାବଦକୁ ୩୩କୋଟି ୮୪ ଲକ୍ଷ ୪୬ହଜାର ୬ଶହ ଟଙ୍କା, ଯୋଗ୍ୟ ୨ ଅଣସଂଗଠିତ ଶ୍ରମିକଙ୍କୁ ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ ସହ ନୂତନ ପଞ୍ଜୀକୃତ ୨ଶହ ନିର୍ମାଣ ଶ୍ରମିକ ଓ ୫୦ ଜଣ ଅଣସଙ୍ଗଠିତ ଶ୍ରମିକଙ୍କୁ ପରିଚୟପତ୍ର ବିତରଣ କରାଯାଇଥିଲା।

ଜଣେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରଯାଉଛି।

## ମଣିଙ୍କ ହାତ ଧରିବେ ବାଇମୁଣ୍ଡି

### ସରିଲା ଜଉକଣ୍ଢେଇ ଲଗ୍ନଧରା ଉତ୍ସବ

### ୧୧ରେ ମଙ୍ଗନ, ୧୨ରେ ବାହାଘର

ବାଲେଶ୍ୱର, ୨।୫(ବାଞ୍ଛାନିଧି ଦେ)



ଲଗ୍ନଧରା ଉତ୍ସବରେ ବର ଓ କନ୍ୟାପକ୍ଷଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି।

ବାଲେଶ୍ୱର ଜଉକଣ୍ଢେଇ ବାହାଘର ଉତ୍ସବର ଲଗ୍ନଧରା ପର୍ବ ପବିତ୍ର ଚନ୍ଦନ ପୂର୍ଣ୍ଣିମା ତିଥିରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ କଲେଜ ରୋଡସ୍ଥିତ ସିଦ୍ଧି ବିନାୟକ ମନ୍ଦିରରେ ବର ପିତା ଡ଼. ବିନୟ କୁମାର ଦାସ ଓ ବର ମାତା ଊର୍ମିଳା ଦାସ ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର ସଦସ୍ୟାସଦସ୍ୟଙ୍କ ସହ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ଏହାପରେ ଏକ ବିରାଟ ପଟୁଆରରେ ପୋଲିସ ଲାଇନ ଛକ ନିକଟସ୍ଥ ରୋମ ସମ୍ମିଳନୀ କକ୍ଷରେ ପହଞ୍ଚିଥିଲେ। ସେଠାରେ କନ୍ୟାପିତା ଆଇଟିଆର୍‌ର ସହ ନିର୍ଦ୍ଦେଶକ ନିଳାଦ୍ରୀ ରାୟ, କନ୍ୟାମାତା ମୌସୁମୀ ଦାସ ପଟ୍ଟନାୟକଙ୍କ ସହ ଅନ୍ୟ ସଦସ୍ୟା ସଦସ୍ୟ ବରପକ୍ଷ ଲୋକଙ୍କୁ ପରମ୍ପରା ଅନୁଯାୟୀ ଫୁଲ ଚନ୍ଦନ, ଶଙ୍ଖ ହୁଳହୁଳି ଦେଇ ସ୍ୱାଗତ କରିଥିଲେ। ଜଉ କଣ୍ଢେଇ ବାହାଘର ସମିତିର ପୁରୋହିତ ପଣ୍ଡିତ ବିମଳ ପଣ୍ଡା, ପଣ୍ଡିତ ଦନାର୍ଦ୍ଦନ ମିଶ୍ର ତଥା ବାରିକ ସଂଘ ସମ୍ପାଦକ ବିମଳ ବାରିକ ଲଗ୍ନଧରା ବିଧି ଯଥାରୀତି ସମ୍ପନ୍ନ କରିଥିଲେ। ପ୍ରତିବର୍ଷ ଭଳି ଏହି ଲଗ୍ନଧରା ଉତ୍ସବରେ ଯୌତୁକ ବାବଦରେ ମଧ କଥା ସ୍ଥିର ହୋଇଥିଲା। କନ୍ୟାପକ୍ଷ ବାଇମୁଣ୍ଡି ନାମରେ କିଛି କୀର୍ତ୍ତି ରଖିବାକୁ ପ୍ରସ୍ତାବ ଦେଇଥିଲେ। ସେମିତି ବରପକ୍ଷ ବାଇମୁଣ୍ଡିର ଏକ ପ୍ରତିମୂର୍ତ୍ତି କାଠଯୋଡ଼ି କୂଳରେ ରଖିବାକୁ କଟକ ମେୟରଙ୍କୁ ଅବଗତ କରିବାକୁ କଥା ଦେଇଥିଲେ। ଆସନ୍ତା ୧୧ ତାରିଖ ମଙ୍ଗଳନ ଓ ୧୨ ତାରିଖରେ ବାହାଘର ହେବ। ୧୧ରୁ ୧୫ତାରିଖ ପର୍ଯ୍ୟନ୍ତ ସହରର ମିଶନ ସ୍କୁଲ ପଡ଼ିଆରେ ମୀନା ବଜାର, ହସ୍ତଶିଳ୍ପ ଓ ଜଉକଣ୍ଢେଇ ବଜାର, ସନ୍ଧ୍ୟାରେ ବିଭିନ୍ନ ଲୋକ ନୃତ୍ୟଗୀତର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଭାକାର୍ଯ୍ୟ, ମୁଖପତ୍ର ଉନ୍ମୋଚନ ଆଦି ସମ୍ପାଦିତ ହେବ। ଏହି ସମାରୋହରେ ବାଲେଶ୍ୱରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ଶ୍ରମିକ ଦିବସ

ଗୋପବନ୍ଧୁ ନଗର,୨।୫(ଶାନ୍ତନୁ କୁମାର ମଢୁଆଳ): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତର ଦାଉଁଡିଆରେ ଶୁକ୍ରବାର ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଇଥିଲା। ଖବରଦାତା ଯୋଗେଶ୍ୱର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ, ଶିକ୍ଷାବିତ୍ ଭଗବାନ ନାୟକ, ସମ୍ମାନନୀୟ ଅତିଥି ଭାବେ କୁଆମରା ବନପାଳ ଅବନୀ କୁମାର ଜେନା ଓ ଖବରଦାତା ଚିତ୍ତରଞ୍ଜନ ଦଳେଇ ଯୋଗ ଦେଇଥିଲେ। ଶ୍ରମିକଙ୍କ ଅଧିକାର, ସମ୍ମାନ ପାଇଁ ଜାଗ୍ରତ ରହିବାକୁ ପଡ଼ିବ। ଏଥିସହ ଶ୍ରମିକଙ୍କ ସାମୂହିକ ବିକାଶ ଉପରେ ଦେଶର ପ୍ରକୃତ ଅର୍ଥନୀତିର ଉନ୍ନତି ନିର୍ଭର କରୁଛି ବୋଲି ଅତିଥିମାନେ କହିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ୬ଜଣଙ୍କୁ ଶ୍ରମିକ କାର୍ଡ ବଣ୍ଟନ କରାଯାଇଥିଲା।

## କାଳବୈଶାଖୀ ତାଣ୍ଡବ

# ରାସ୍ତାରେ ଗଛ ପଡ଼ି ଯାତାୟାତ ଠପ୍

ମୋରଡା,୨।୫(ସ୍ମାରକ ମାଜୀ):

ମୟୂରଭଞ୍ଜ ଜିଲା ମୋରଡାଠାରୁ ଆରମ୍ଭ କରି ବାରିପଦା ପର୍ଯ୍ୟନ୍ତ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ବର୍ଷା, ବିଜୁଳି ସହିତ ବହୁ ଜୋରରେ ପବନ ବୋହିବା ଫଳରେ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ୬୧ ନମ୍ବର ରାଜ୍ୟ ରାଜପଥରେ ଅନେକ ବଡ଼ ଗଛ ଉପୁଡ଼ି ପଡ଼ିଛି। ଫଳରେ ରାସ୍ତାରେ ଅନେକ ଗାଡ଼ି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ସେହିପରି ଏକ ଆମ୍ବୁଲାନ୍ସ ରୋଗୀକୁ ନେଇ ବାରିପଦା ମେଡିକାଲ ଯିବାରେ ଅସୁବିଧା ସୃଷ୍ଟି ହେବାରୁ ଗାଁ ଭିତର ରାସ୍ତାରେ ଯାଉଥିବା ଦେଖିବାକୁ ମିଳିଛି। ୧୧ କେଭି ବିଦ୍ୟୁତ୍ ତାର ଛିଡ଼ିବା ସହିତ ଅନେକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି। ସେହିପରି କିଛି ଲୋକଙ୍କ

ରାସ୍ତାରେ ପଡ଼ିଥିବା ଗଛ।

ଆଜବେଷ୍ଟସ ମଧ ଭାଙ୍ଗିଛି। ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ରହିଥିଲା। ତେବେ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ରାସ୍ତାରେ ପଡ଼ିଥିବା ଗଛକୁ କାଟି ସଫା କରିବା ସହ ଜେସିବି ସାହାଯ୍ୟରେ ରାସ୍ତାରେ ପଡିଥିବା ଗଛ, ବିଦ୍ୟୁତ୍ ଖୁଣ୍ଟକୁ ଉଠାଇଥିଲେ। ଫଳରେ ଏକ ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ ହୋଇଛି।

# ଜିଲାରେ ୯୭ ପ୍ରତିଶତ ପାସ୍
# ଛାତ୍ରଙ୍କୁ ପଛରେ ପକାଇଲେ ଛାତ୍ରୀ

ବାରିପଦା, ୨।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଚଳିତ ବର୍ଷ ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳାଫଳ ଅନୁସାରେ ମୟୂରଭଞ୍ଜ ଜିଲାରେ ପାସହାର ୯୭.୫୨ ପ୍ରତିଶତ ରହିଛି । ଜିଲାର ୬୨୦ଟି ହାଇସ୍କୁଲର ୩୧୭୩୨ଜଣ ନିୟମିତ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ଜଣ ୭୫୦ଅନୁପସ୍ଥିତ ଥିଲେ। ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୦୨୧୩ଜଣ ତଥା ୯୭.୫୨ପ୍ରତିଶତ ହାରରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣ ୧୬ହଜାର ବାଳିକା ଥିବା ବେଳେ ୧୪୨୧୩ଜଣ ବାଳକ ରହିଛନ୍ତି। ଏ-୧ରେ ୧୪୬ଜଣ ସ୍ଥାନ ପାଇଥିବା ବେଳେ ମୟୂରଭଞ୍ଜ ଜିଲା ପାଇଁ ସର୍ବକାଳୀନ ରେକର୍ଡ ବୋଲି ଜିଲାଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି। ସେହିପରି ଏ-୨ରେ ୬୭୫ଜଣ, ବି-୧ରେ ୧୬୩୧, ବି-୨ରେ ୩୬୦୯ , ସି ରେ ୭୦୮୩ , ଡି ୧୦୪୮୭ରେ, ଇ -ଗ୍ରେଡରେ ୬୫୮୨ ପାସ କରିଥିବା ବେଳେ ୭୬୯ଜଣ ଫେଲ ହୋଇଛନ୍ତି। ୨୮୪ଟି ହାଇସ୍କୁଲରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ତେବେ ସେଠୀଙ୍କ କହିବାନୁଯାୟୀ ଜିଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶକ୍ରମେ ଚଳିତ ଥର ଶୃଙ୍ଖଳିତ ଭାବେ ପରୀକ୍ଷା ପରିଚାଳନା ହୋଇଥିଲା। କେହି ପରୀକ୍ଷାର୍ଥୀ କପି କରି ନ ଥିଲେ। ସେହିପରି ହାଇସ୍କୁଲମାନଙ୍କରେ ଉନ୍ନତ ଶିକ୍ଷାଦାନ ପଦ୍ଧତି ଓ ଶୃଙ୍ଖଳିତ କାର୍ଯ୍ୟକ୍ରମ ପାଇଁ ଚଳିତ ଥର ପାସହାର ମଧ ସର୍ବକାଳୀନ ରେକର୍ଡ ବୋଲି ସେ କହିଛନ୍ତି। ଜିଲାର ବାରିପଦା ବିଦ୍ୟାବିହାର ହାଇସ୍କୁଲର ସର୍ବାଧିକ ୨୬ଜଣ ଛାତ୍ରୀଛାତ୍ର ଏ-୧ ପାଇଥିବା ବେଳେ ଟିକରପଡା ହାଇସ୍କୁଲର ୨୧ଜଣ, ଶଙ୍ଖାଭଙ୍ଗା ହାଇସ୍କୁଲର ୧୨ଜଣ, କେନ୍ଦୁଜୁଆଣୀ ଆବାସିକ ସରସ୍ୱତୀ ଶିଶୁ ମନ୍ଦିର ୧୦ଜଣ, ବାରିପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୮ଜଣ, କରିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ଜଣ, ରାଇରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଏମକେସି ହାଇସ୍କୁଲର ୪ଜଣ ଲେଖାଏଁ, ପୋଡାଅସ୍ତିଆ ହାଇସ୍କୁଲ, ଆମ୍ବସିକଡା ହାଇସ୍କୁଲ, ବାଳକା ହାଇସ୍କୁଲ, ନୀଳମଣି ହାଇସ୍କୁଲ, ଉଦଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ହାଇସ୍କୁଲର ତିନିଜଣ ଲେଖାଏଁ ଛାତ୍ରୀଛାତ୍ର ଏ-୧ରେ ଉତୀର୍ଣ୍ଣ ହୋଇଛନ୍ତି।

# ଆମ ପୋଲିସ ସମିତି ବୈଠକ

ଗୋପବନ୍ଧୁ ନଗର, ୨।୫(ଶାନ୍ତନୁ କୁମାର ମଢୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନାରେ ଗୁରୁବାର ସନ୍ଧ୍ୟାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି, ଏସ୍ଆଇ ସନ୍ତୋଷ କୁମାର ପ୍ରଧାନ, ରତିକାନ୍ତ ଦାସ ଓ ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ୍ର ସଭାପତି ନିମାଇଁ ପ୍ରସାଦ ଦାଶ ଯୋଗଦେଇ ପୋଲିସ, ଜନସାଧାରଣଙ୍କ ମଧ୍ୟରେ କିପରି ସମନ୍ୱୟ ରକ୍ଷା ହୋଇପାରିବ ସେନେଇ ଆଲୋଚନା କରିଥିଲେ। ଟ୍ରାଫିକ ସମସ୍ୟା ଦୂର କରିବା, ବାଇକ୍ ଦୁର୍ଘଟଣା ବୃଦ୍ଧି ପାଉଥିବା ବେଳେ ସଚେତନ କରାଇବା, ବେଆଇନ ନିଶା କାରବାର ରୋକିବା, ପଞ୍ଚାୟତ ସ୍ତରରେ ମାସିକ ପୋଲିସ ସମିତି ବୈଠକ ସହ ସଚେତନତା, ଛୋଟ ପିଲାମାନେ ବାଇକ୍ ଚଲାଇବା ଉପରେ କଟକଣା ଲାଗୁ କରିବା, ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ସଚେତନତା କରାଇବା ଆଦି ନେଇ ଜନସାଧାରଣ ଦାବି ଉପସ୍ଥାପନ କରିଥିଲେ। ତେବେ ବିଭିନ୍ନ କ୍ଷେତ୍ରରେ ପୋଲିସକୁ ସହଯୋଗ କରିବା ପାଇଁ ଥାନା ଅଧିକାରୀ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହାଦ୍ୱାରା ଅପରାଧ ନିୟନ୍ତ୍ରଣ ହୋଇପାରିବ ବୋଲି କୁହାଯାଇଛି। ସ୍ଥାନୀୟ ବଣିକ ସଂଘ, ଗଣମାଧ୍ୟମ ପ୍ରତିନିଧି, ଲୋକ ପ୍ରତିନିଧି, ବିଭିନ୍ନ ସଂଘ ଓ ଅନୁଷ୍ଠାନର କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ।

# 'ରାଜ୍ୟର ଉନ୍ନତିର ମୂଳ ଶକ୍ତି ବିଦ୍ୟୁତ୍ କର୍ମଚାରୀ'

ବାରିପଦା,୨।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ):

**ଉତ୍ତର ଓଡିଶାରେ ସବୁଠାରୁ ବଡ଼ ସଙ୍ଗଠନର ମାନ୍ୟତା ପାଇଲା ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ**

ଆନ୍ତର୍ଜାତୀୟ ମଇ ଦିବସ ଅବସରରେ ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଶ୍ରମିକ ଉତ୍ସବ ଏକତାର ସହ ସମ୍ପନ୍ନ ହୋଇଛି। ଏହି ଅବସରରେ ଟିପି ଉତ୍ତରଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡରେ କାର୍ଯ୍ୟରତ ୨୫୦୦ରୁ ଅଧିକ ବିଦ୍ୟୁତ କର୍ମଚାରୀଙ୍କୁ ନେଇ ଜ୍ୟୋତିକୃଷ୍ଣ ବେହେରାଙ୍କ ନେତୃତ୍ୱରେ ଏବଂ ଜୋନାଲ ସେକ୍ରେଟାରୀ ହରିଶ ଚନ୍ଦ୍ର ଦାଶଙ୍କ ମାର୍ଗଦର୍ଶନରେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସଦସ୍ୟ ତଥା ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଚେୟାରମ୍ୟାନ ଦିଲୀପ ରାୟଙ୍କ ସାନିଧ୍ୟ ଓ ମହାସଂଘର କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତିଙ୍କ ବଳିଷ୍ଠ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଶ୍ରମିକ ଏକତା, ଅଧିକାର ସୁରକ୍ଷା ଏବଂ ସଙ୍ଗଠିତ ଆନ୍ଦୋଳନର ଆବଶ୍ୟକତା ଉପରେ ରାୟ ମୂଲ୍ୟବାନ ମତ ଦେଇ ବିଦ୍ୟୁତ କର୍ମଚାରୀମାନେ ରାଜ୍ୟର ଉନ୍ନତିର ମୂଳ ଶକ୍ତି ଏବଂ ସେମାନଙ୍କର ସମ୍ମାନ, ସୁରକ୍ଷା ଓ ନ୍ୟାୟସଙ୍ଗତ ଅଧିକାର ସୁନିଶ୍ଚିତ କରିବା ସମାଜର ପ୍ରଥମ କର୍ତ୍ତବ୍ୟ ବୋଲି କହିଥିଲେ। ଏହି ଅବସରରେ ବାରିପଦା ମାଟିରେ ବିଦ୍ୟୁତ ଶ୍ରମିକ ମାନଙ୍କର ହୋଇଥିବା ମହାମିଶ୍ରଣ ଫଳରେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘ ଏକକ ବୃହତ ସଙ୍ଗଠନ ଭାବେ ନିଜକୁ ପ୍ରତିପାଦିତ କରିପାରିଛି। ମହାସଂଘର ସାଧାରଣ ସମ୍ପାଦକ ଅମର ଯୁମର ପ୍ରତାପ ସିଂହଙ୍କ ପ୍ରସ୍ତାବ ଓ ସହଯୋଗୀ କେନ୍ଦ୍ରୀୟ ଯୁଗ୍ମ ସମ୍ପାଦକ ଦେବାଶିଷ ପ୍ରଧାନଙ୍କ ସହମତିକ୍ରମେ ରାଜ୍ୟ ମହାସଂଘର ସହ ସଧାରଣ ସମ୍ପାଦକ ଭାବେ ଜ୍ୟୋତିକୃଷ୍ଣ ବେହେରାଙ୍କୁ ଚୟନ କରାଯାଇଥିଲା। ଏଥିସହ ଜ୍ଞାନରଞ୍ଜନ ପରିଡାଙ୍କୁ ବାରିପଦା ଡିଭିଜନ ସମ୍ପାଦକ, ସତ୍ୟରଞ୍ଜନ ପାଣିଗ୍ରାହୀଙ୍କୁ ଉଦଳା ଡିଭିଜନ ସମ୍ପାଦକ, ଦୀପକ କୁମାର ମହାନ୍ତଙ୍କୁ ରାଇରଙ୍ଗପୁର ଡିଭିଜନ ସମ୍ପାଦକ ଓ ଦେବାଶିଷ ବେହେରାଙ୍କୁ ବାରିପଦା ସର୍କଲ ସମ୍ପାଦକ ଭାବେ ସର୍ବସମ୍ମତିରେ ଚୟନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ସଭାକୁ ଯୁବ ସାଥୀ ଜ୍ୟୋତି ବିଶ୍ୱାଳ ପରିଚାଳନା କରିଥିଲେ। ମହାସଂଘର ସହ ସାଧାରଣ ସମ୍ପାଦକ ପ୍ରିୟବ୍ରତ ନାୟକ ଓ ତାପସ ରଞ୍ଜନ ନାଥ ଉପସ୍ଥିତ ସମସ୍ତ ବିଦ୍ୟୁତ ଶ୍ରମିକ, ଯୁବ ପ୍ରତିନିଧି ଓ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ମଞ୍ଚରେ ଉପସ୍ଥିତ ଅତିଥି।

# 'କଠିନ ପରିଶ୍ରମ ଯୋଗୁ ଶୀର୍ଷରେ ପହଞ୍ଚିପାରିଛି'

ବାରିପଦା,୨।୫(ନୀଳାଦ୍ରୀ ବିହାରୀ ଦଣ୍ଡପାଟ): ୫୮୮ ନମ୍ବର ରଖି ମୟୂରଭଞ୍ଜ ଜିଲାରେ ଟପ୍ପର ହୋଇଛି। ସମସ୍ତ ବିଷୟକୁ ସମାନ ସମୟ ଦେଇ ପାଠପଢୁଥିଲି। କଠିନ ପରିଶ୍ରମ ଯୋଗ ସଫଳତା ପାଇପାରିଛି। ଭବିଷ୍ୟତରେ ପ୍ରଶାସନିକ ସେବାରେ ଯୋଗଦେବାକୁ ପରିଶ୍ରମ ଜାରି ରଖିବି।

-ପାର୍ଥସାରଥି ମହାନ୍ତ, ବାରିପଦା ତୁଳସୀଚଉରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର।

# ପାଇଖାନା ଟାଙ୍କିରେ ନିଖୋଜ ନାବାଳକ ଗଳିତ ମୃତଦେହ ଜବତ

ରାଇରଙ୍ଗପୁର, ୨।୫ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ତଥା ସ୍ଥାନୀୟ ସହରାଞ୍ଚଳ ଅନ୍ତର୍ଗତ ସାକଲାଡି ୱାର୍ଡ ନଂ. ୩ ବସ୍ତି ଅଞ୍ଚଳରୁ ରାସ୍ତାପାର୍ଶ୍ୱ ଜଣେ ବ୍ୟକ୍ତିଙ୍କ ପାଇଖାନା ଟାଙ୍କିରେ ଜଳରେ ଭାସୁଥିବା ଜଣେ ନିଖୋଜ ନାବାଳକଙ୍କ ଗଳିତ ମୃତଦେହକୁ ଶୁକ୍ରବାର ଜବତ କରିଛି। ନିଖୋଜ ନାବାଳକ ହେଲେ ବିହାର ରାଜ୍ୟ ଭେଜପୁରା ଜିଲା ସନ୍ଦେଶ ଥାନା ଅଧୀନ ଆଖଗାମ ଅଞ୍ଚଳ କ୍ରୀଷ୍ଣ କୁମାରଙ୍କ ନାବାଳକ ପୁତ୍ର ରିଭେଇ କୁମାର ( ୯ ) ବୋଲି ଜଣାଯାଇଛି । ମୃତ ନାବାଳକଙ୍କ ପରିବାର ଲୋକେ ପହଞ୍ଚି ଗଳିତ ମୃତଦେହକୁ ଚିହ୍ନଟ କରିଥିବା ଜଣାଯାଇଛି। ପୋଲିସ ନିଖୋଜ ନାବାଳକଙ୍କ ମୃତଦେହକୁ ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ରିଭେଇ ତାଙ୍କ ପରିବାରଙ୍କ ସହ ତାଙ୍କ ସମ୍ପର୍କୀୟ ଲୋକଙ୍କ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ସହରାଞ୍ଚଳ ସାକାଲଡିହି ବସ୍ତି କଲ୍ୟାଣୀ ମଣ୍ଡପରେ ଗତ ସୋମବାର ରାତ୍ରୀରେ ଯୋଗଦେବା ବେଳେ ସେ ନିଖୋଜ ହୋଇଥିବା ପୋଲିସ ପକ୍ଷରୁ ଏକ କେସ୍ (ନଂ. ୧୩୨/୨୦୨୬ ) ରୁଜୁ କରାଯାଇଥିଲା।

# ଦିବ୍ୟପ୍ରଜ୍ଞା ନାଥ ବେତନଟୀ ବ୍ଲକ୍ ଟପ୍ପର

ବୈଶିଙ୍ଗା/ ବେତନଟୀ,୨।୫
(ରତନ ଦାଶ/ ଧରଣୀଧର ମହାନ୍ତି):

ଦିବ୍ୟପ୍ରଜ୍ଞା ନାଥ।

ପ୍ରକାଶିତ ହାଇସ୍କୁଲ ପରୀକ୍ଷା ଫଳ ଅନୁସାରେ ମୟୂରଭଞ୍ଜ ଜିଲାର ଏ-୧ରେ ୧୪୬ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବେତନଟୀ ବ୍ଲକ୍ର ୪ଟି ହାଇସ୍କୁଲରୁ ୬ ଜଣ ଏ-୧ ଗ୍ରେଡ୍ ପାଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ବାଳିକା ହାଇସ୍କୁଲ ଛାତ୍ରୀ ଦିବ୍ୟପ୍ରଜ୍ଞା ନାଥ ୫୬୩ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ବିଦ୍ୟାଳୟରୁ ଆଦ୍ୟାଶା ସାହୁ ୫୫୮ ଓ କ୍ରିଷ୍ଣା ପାଣିଗ୍ରାହୀ ୫୪୪ ନମ୍ବର ରଖି କ୍ରମାନ୍ୱୟରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ରାଇକମାସ୍ଥିତ ରଘୁନାଥ ହାଇସ୍କୁଲର ରୋଜାଲିନ ମିଶ୍ର ୫୪୦, ମଛପଦାସ୍ଥିତ ଗୋପବନ୍ଧୁ ଶିକ୍ଷା ନିକେତନର ଜୟସ୍ମିତା ପୃଷ୍ଟି ୫୪୦ ଓ ଭାଲିଆସ୍ଥିତ ମା' ଚକ୍ରଶିଳା ହାଇସ୍କୁଲର ଛାତ୍ରୀ ଜ୍ୟୋସ୍ନା ଧଳ ୫୪୦ ନମ୍ବର ରଖି ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି। ବେତନଟୀ ଓଷ୍ଟା ସଂଘ ପକ୍ଷରୁ ବୋର୍ଡ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି।

# ଦଳୀୟ ବିଶୃଙ୍ଖଳା: କଂଗ୍ରେସରୁ ନିଲମ୍ବନ ହେଲେ ଅରବିନ୍ଦ ଦାସ

ବାରିପଦା,୨।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ):

ଦଳୀୟ ବିଶୃଙ୍ଖଳା କାର୍ଯ୍ୟ ପାଇଁ କଂଗ୍ରେସ ଦଳରୁ ପୂର୍ବତନ ମୟୂରଭଞ୍ଜ (ପୂର୍ବ) ଜିଲା ସଂଯୋଜକ ଅରବିନ୍ଦ ଦାସଙ୍କୁ ନିଲମ୍ବିତ କରାଯାଇଛି। କାକବନ୍ଦ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁକୁ ନେଇ ଗତ ୧୮ ତାରିଖ କଂଗ୍ରେସ ଓ ବିଜେଡି ମିଳିତ ଭାବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବନ୍ଦ ପାଳନ କରୁଥିବା ବେଳେ ପୂର୍ବତନ ଜିଲା ସଂଯୋଜକ ଅରବିନ୍ଦ ଦାସ ଉତ୍କ୍ଷିପ୍ତ ହୋଇ ବର୍ତ୍ତମାନର ମୟୂରଭଞ୍ଜ (ପୂର୍ବ) ଜିଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହିତ ମାରିବାକୁ ଧମକ ଦେଇଥିଲେ। ଯାହାକି ଉପସ୍ଥିତ ଥିବା କଂଗ୍ରେସ ନେତା ଓ କର୍ମୀଙ୍କୁ ଗଭୀର ଆଘାତ ଦେଇଥିଲା। ଏହାକୁ ନେଇ ପ୍ରଦେଶ କଂଗ୍ରେସ ଶୃଙ୍ଖଳା କମିଟି ଅଧକ୍ଷ ସୁଜିତ ପାଢ଼ୀ ଅନୁଧ୍ୟାନ କରି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଜଣାଇଥିଲେ। ପିସିସି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଶୃଙ୍ଖଳା କମିଟି ସଦସ୍ୟ ପାଢ଼ୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ଚନ୍ଦନ ଯାତ୍ରା, ରାଧାକୃଷ୍ଣଙ୍କ ନାବକେଳି

କପ୍ତିପଦା,୨।୫(ବିଷ୍ଣୁଚରଣ ପୁଥାଳ):

କପ୍ତିପଦା ବ୍ଲକର ବଡ଼ଖଳାଡ଼ି ଗ୍ରାମରେ ଚନ୍ଦନ ଯାତ୍ରା ଓ ରାଧାକୃଷ୍ଣଙ୍କ ନାବକେଳି ପାଳିତ ହୋଇଯାଇଛି। କପ୍ତିପଦାର ରାଜାସାହେବ ସୌରଭ ଚନ୍ଦ୍ର ପରାକ୍ରମବାହୁ ଅଭିନବ ଭୁଜଙ୍ଗ ମାନ୍ଧତା ଏକ ବର୍ଣ୍ଣାଢ୍ୟ ପରିବେଶରେ ରାଜବାଟୀରୁ ଗାଁକୁ ଆସିବା ପରେ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଗ୍ରାମର ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଚନ୍ଦନଯାତ୍ରା ଆରମ୍ଭ କରିଥିବା ଗ୍ରାମର ମୁକୁନ୍ଦ ଶଙ୍ଖୁଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜା ସାହେବ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗୋଲକ ବିହାରୀ ଶଙ୍ଖୁଆ, ସତୀଶ ଚନ୍ଦ୍ର ବେହେରା, ଭାଗବତ ସାହୁ, ସନ୍ତୋଷ ଶତପଥୀ, ପ୍ରଭାକର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ସନ୍ତୋଷ କୁମାର ସାହୁ ସଂଯୋଜନା କରିଥିବା ବେଳେ ଚନ୍ଦନ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିକ୍ଷାବିତ୍ ଚିନ୍ତାମଣି ବେହେରା କାର୍ଯ୍ୟକ୍ରମର ଧାରା ବିବରଣୀ ପ୍ରଦାନ କରିଥିଲେ। ଆଶିଷ କୁମାର ମଳିକ ଧନ୍ୟବାଦ ଦେଇଥିଲେ। ଗ୍ରାମର ପୁଷ୍କରିଣୀକୁ ନୀଳସାଗର ନାମ ରଖିବାକୁ ରାଜା ଘୋଷଣା କରିଥିଲେ ଏବଂ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ସ୍ୱତନ୍ତ୍ର ନୌକା ଦ୍ୱାରା ପୋଖରୀ ଭିତରେ ବୁଲାଇଥିଲେ। ହେମଲତା ଶଙ୍ଖୁଆଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳା, ସମ୍ପାଦକ ରାଜେନ୍ଦ୍ର ବେହେରା, ଗୋବିନ୍ଦ ବେହେରା, ସଞ୍ଜୟ କୁମାର ବେହେରା, ରଣଜିତ ନାୟକ, ଅବିନାଶ ସେଠୀ, ବିଜୟ କୁମାର ଗାଆଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ

ବାରିପଦା,୨।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ):

ଓଲଚିକି ଲିପିର ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଜନ୍ମ ଜୟନ୍ତୀ ଉପଲକ୍ଷେ ପାଲବଣିସ୍ଥିତ ପ୍ରତିମୂର୍ତ୍ତିରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାଣ୍ଡିଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ବିଜେଡି ଜିଲା ସଭାପତି ମୟୂରଭଞ୍ଜ ସଦର ଦେବାଶିଷ ମାଣ୍ଡି, ବାରିପଦା ପୌରପାଳିକା ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଜିଲା ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ଉପନଗରପାଳ ସୀମା ଦାସ, ସହର ସଭାପତି ପ୍ରଭାତ ମହାନ୍ତି, ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ କୁମାର ନାୟକ, ରାଜ୍ୟ ଯୁବ ସମ୍ପାଦକ ରାଜୀବ ଜେନା, ବରିଷ୍ଠ ନେତା ପ୍ରଭାତ ନାୟକ, ସରୋଜ ମହାପାତ୍ର, ଖଦି ବୋର୍ଡ ନିର୍ଦ୍ଦେଶକ ସରୋଜ ବୋଷ, କାଉନସିଲର ସୁକେସିନୀ ସେଠୀ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ ।

ପ୍ରତିମୂର୍ତ୍ତି ତଳେ ଉପସ୍ଥିତ ଅତିଥି।

# ଇତିହାସ ରଚିଲେ ସନ୍ଧ୍ୟାରାଣୀ, ପାର୍ବତୀ, ସୁନୀତା

**ମୟୂରଭଞ୍ଜ 'ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀ'ର ୩ ଝିଅଙ୍କ କମାଲ**

ବାରିପଦା,୨।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ):

ମୟୂରଭଞ୍ଜର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ 'ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀ'ର ୩ ଜଣ ପ୍ରତିଭାବାନ ମହିଳା ରଗ୍ବୀ ଖେଳାଳି ଜାତୀୟ ସ୍ତରୀୟ 'ରଗବୀ ପ୍ରିମିୟର ଲିଗ୍- ୨୦୨୬' ନିଲାମୀ ପ୍ରକ୍ରିୟାରେ ଦେଶର ବିଭିନ୍ନ ଫ୍ରାଞ୍ଚାଇଜ ଦଳ ଦ୍ୱାରା ମନୋନୀତ ହୋଇ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସାନ୍ତାଳ ଜନଜାତିର ଏହି ଝିଅମାନେ ନିଜର କଠିନ ପରିଶ୍ରମ ଓ ଦକ୍ଷତା ବଳରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ସଫଳତା ପାଇବା ପରେ ଏବେ ବ୍ୟବସାୟିକ ଲିଗ୍ରେ ସ୍ଥାନ ପାଇ ଇତିହାସ ରଚିଛନ୍ତି। ବେତନଟୀ ବ୍ଲକ ରାଧିକାଶୋଳ ଗ୍ରାମର ଅନ୍ତର୍ଜାତୀୟ ରଗ୍ବୀ ଖେଳାଳି ସନ୍ଧ୍ୟାରାଣୀଙ୍କୁ ଚେନ୍ନାଇ ବୁଲ୍ସ ଦଳ ସର୍ବାଧିକ ୧.୪ ଲକ୍ଷ ଟଙ୍କାରେ କିଣିଛି। ନିକଟରେ ସେ ବିହାରର ରାଜଗିରଠାରେ ଅନୁଷ୍ଠିତ ସିନିୟର ନ୍ୟାଶନାଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବାରିପଦା ସଦର ବ୍ଲକ ଭୁରୁଡୁବଣୀ ଗ୍ରାମର ଅନ୍ତର୍ଜାତୀୟ ରଗ୍ବୀ ଖେଳାଳି ପାର୍ବତୀ ହାଁସଦାଙ୍କୁ କୋଲକାତା ବାଙ୍ଗା ଟାଇଗର୍ସ ଦଳ ୭୦ ହଜାର ଟଙ୍କାରେ କିଣି ଦଳଭୁକ୍ତ କରିଛି। ପାର୍ବତୀ ଏସିଆନ ରଗ୍ବୀ ୧୮ବର୍ଷରୁ କମ୍ ଚାମ୍ପିୟନଶିପ ଭଳି ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରି ସଫଳତା ପାଇଛନ୍ତି। ବାରିପଦା ବ୍ଲକ ରଙ୍ଗାମାଟିଆ ଗ୍ରାମର ସୁନୀତା ହାଁସଦାଙ୍କୁ ମୁମ୍ବାଇ ଡ୍ରିମର୍ସ ଦଳ ୫୦ହଜାର ଟଙ୍କାରେ କିଣି ନିଜ ଦଳରେ ସାମିଲ କରିଛି। ସୁନୀତା ଜାତୀୟ ସ୍ତରରେ ଅନେକ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ଜଣେ ପ୍ରତିଷ୍ଠିତ ଖେଳାଳି ଭାବେ ଉଭା ହୋଇଛନ୍ତି। ମୟୂରଭଞ୍ଜ ଜିଲାରେ କ୍ରୀଡ଼ା ପ୍ରତିଭା ଚୟନ ଏବଂ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରି 'ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀ' ବହୁ ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିପାରିଛି। ଖବର ପାଇ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲା କ୍ରୀଡା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ, କୋଚ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ତିନି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଲିଗ୍ରେ ସଫଳତା କାମନା କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶା ହେବ...

ବରଂ ଏହା ଦକ୍ଷତା ବୃଦ୍ଧିର ମାଧ୍ୟମ ପାଲଟିଛି। ଓଡ଼ିଶାର ବର୍ତ୍ତମାନର ଗ୍ରସ୍ ଏନ୍‌ରୋଲମେଣ୍ଟ ରେସିଓ ୨୩ % ଥିବାବେଳେ ୨୦୩୬ ସୁଦ୍ଧା ଏହାକୁ ଜାତୀୟ ହାର (୨୯%)ଠାରୁ ଅଧିକ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ନେଇ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିବା ସହ ଏହି କର୍ମଶାଳା ବିକଶିତ ଓଡ଼ିଶା ଗଠନ ପାଇଁ ଏକ 'ଚିନ୍ତନ ଶିବିର' ବୋଲି କହିଛନ୍ତି। ରାଜ୍ୟ ସରକାର 'ପିଏମ୍ ଉସା' ଯୋଜନା ମାଧ୍ୟମରେ ୭୦୦ କୋଟିରୁ ଅଧିକ ଅନୁଦାନ ପାଇବାରେ ସଫଳ ହୋଇଛନ୍ତି। ଶିକ୍ଷାର ମାନକୁ ସୁଧାରିବା ପାଇଁ ରାଜ୍ୟ ସରକାର ୧୪ଟି ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ନିଯୁକ୍ତ କରିଛନ୍ତି। କଲେଜ ଓ ବିଶ୍ୱବିଦ୍ୟାଳୟରେ ଖୁବ୍‌ଶୀଘ୍ର ଆସିଷ୍ଟାଣ୍ଟ ପ୍ରଫେସର ଓ ଆସୋସିଏଟ ପ୍ରଫେସର ନିଯୁକ୍ତ ହେବେ ବୋଲି ସେ ସୂଚନା ଦେଇଛନ୍ତି।

ଏହି ଅବସରରେ ଯୁବପିଢ଼ି ଓ ଛାତ୍ରୀଙ୍କ ସଶକ୍ତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଇଣ୍ଟର୍ନଶିପ ନିର୍ଦ୍ଦେଶିକା ପୁସ୍ତକ ଉନ୍ମୋଚନ କରିବା ସହ 'ଶକ୍ତିଶ୍ରୀ' ମୋବାଇଲ ଆପ୍‌ର ଉଦ୍‌ଘାଟନ କରିଥିଲେ। ଉଚ୍ଚଶିକ୍ଷା ବିଭାଗ କମିଶନର ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ଓ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅତିରିକ୍ତ ତହସିଲଦାରଙ୍କୁ...

ଆରମ୍ଭ କରିଛି। ଏହି ଘଟଣା ପୂର୍ବରୁ ଗତ ୧୮ତାରିଖରେ ଯାଜପୁର ଜିଲା କୋରେଇ ଥାନାଠାରୁ ପ୍ରାୟ ୧ କିଲୋମିଟର ଦୂର ମୀନାବଜାର ଛକ ନିକଟରେ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା ବେଆଇନ ମାଟି ଓ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ଟିମ୍ ସହ ଚଢ଼ାଉ କରିଥିଲେ। ଏହି ସମୟରେ ମାଟି ଲୋଡ୍ କରୁଥିବା ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ। ସେହିପରି ମାଟି ବୋଝେଇ ଟ୍ରାକ୍ଟର ଓ ଜେସିବି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ସମୟରେ ତହସିଲଦାର ପଣ୍ଡା ମୀନାବଜାର ଛକ ନିକଟରେ ଉକ୍ତ ଟ୍ରାକ୍ଟରକୁ ଅଟକାଇଥିଲେ। ଏହି ଅତର୍କିତ ଚଢ଼ାଉର ଜବାବ ଦେବାକୁ ଯାଇ ସମ୍ପୃକ୍ତ ଡ୍ରାଇଭର ତହସିଲଦାରଙ୍କ ଉପରେ ଟ୍ରାକ୍ଟର ଚଢ଼ାଇ ଦେଇଥିଲେ। ତହସିଲଦାର ତଳେ ପଡିଯିବାରୁ ତାଙ୍କ ଗୋଡ଼ ଉପରେ ଟ୍ରାକ୍ଟର ପଛ ଚକା ଚଢ଼ିଯାଇଥିଲା। ଏହାପରେ ଟ୍ରାକ୍ଟରଟି ସେଠାରୁ ଫେରାର ହୋଇଯାଇଥିଲା। ତହସିଲଦାର ପଣ୍ଡାଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ପୋଲିସ ୧୦ଜଣଙ୍କୁ ଗିରଫ କରିଥିଲା।

## ପ୍ଲୁଟୋ ବାମନ ନୁହେଁ...

ଗୁଫି ପ୍ରକାଶ କରିଛି। ତଦନୁଯାୟୀ ପ୍ଲୁଟୋରେ ପର୍ବତମାଳା, ବରଫର ଗ୍ଲାସିୟର ଏବଂ ଏକ ଜଟିଳ ବାୟୁମଣ୍ଡଳ ରହିଛି। ଜେରେଡ୍ ଆଇଜାକମ୍ୟାନ୍ କହିଛନ୍ତି, 'ଆମେ ପ୍ଲୁଟୋକୁ ପୁଣି ଗ୍ରହ ମାନ୍ୟତା ଦେବା ସପକ୍ଷରେ ଅଛୁ ଏବଂ ଏହି ଆଲୋଚନାକୁ ବିଶ୍ୱ ମହାକାଶ ବୈଜ୍ଞାନିକମାନଙ୍କ ନିକଟକୁ ନେବାକୁ ଚାହୁଁଛୁ।' ବୈଜ୍ଞାନିକମାନେ ଯୁକ୍ତି କରୁଛନ୍ତି, ଯଦି 'କକ୍ଷପଥ ସଫା ରହିବା' ନିୟମକୁ କଡ଼ାକଡ଼ି ଭାବେ ଦେଖାଯାଏ, ତେବେ ପୃଥିବୀ ଏବଂ ବୃହସ୍ପତି ପାଖରେ ମଧ୍ୟ ଅନେକ ଗ୍ରହାଣୁ (ଆଷ୍ଟେରଏଡ୍ସ) ଅଛନ୍ତି। ତେଣୁ ଏହି ଆଧାରରେ ପ୍ଲୁଟୋକୁ ବାଦ୍‌ଦେବା ଉଚିତ ନୁହେଁ। ଅନ୍ୟପକ୍ଷରେ ଯଦି ପ୍ଲୁଟୋକୁ ପୁଣି ଗ୍ରହ ମାନ୍ୟତା ଦିଆଯାଏ, ତେବେ ସୌରମଣ୍ଡଳରେ ଗ୍ରହମାନଙ୍କ ସଂଖ୍ୟା ବହୁତ ବଢ଼ିଯାଇପାରେ। କାରଣ ମହାକାଶରେ ପ୍ଲୁଟୋ ଭଳି ପ୍ରାୟ ୧୦୦ରୁ ଅଧିକ ମହାଜାଗତିକ ବସ୍ତୁ ରହିଛନ୍ତି। ସେମାନଙ୍କୁ ମଧ୍ୟ ଗ୍ରହ ମାନ୍ୟତା ଦେବାକୁ ପଡ଼ିବ, ଯାହା ବିଜ୍ଞାନ ପୁସ୍ତକ ଓ ଶିକ୍ଷା ପଦ୍ଧତିରେ ଏକ ବଡ଼ ପରିବର୍ତ୍ତନ ଆଣିବ। ନାସାର ନୂତନ ଗବେଷଣା ରିପୋର୍ଟ ଆଇଏୟୁରେ ଦାଖଲ ହେବା ପରେ ପ୍ଲୁଟୋ ତା'ର ପୁରୁଣା ପରିଚୟ ଫେରିପାଇବ କି ନାହିଁ, ତାହା ଦେଖିବାକୁ ବାକି ରହିଲା।

# ସରକାରଙ୍କୁ କ୍ଲିନ୍‌ଚିଟ୍ ଦେବାକୁ ଆର୍‌ଡିସି ଉଦ୍ୟମ କରୁଛନ୍ତି: ଯୁବ କଂଗ୍ରେସ

**ପାଟଣା/କେନ୍ଦୁଝର,୨୫ (ବୀର କିଶୋର ଦାଶ/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ଡିଆନାଳୀ ଗ୍ରାମ ଚତୁରୀ ସାହିର ଜିତୁ ମୁଣ୍ଡା ଜମା ଟଙ୍କା ପାଇବା ପାଇଁ ତାଙ୍କ ଭଉଣୀ କାଲାରା ମୁଣ୍ଡାଙ୍କ କଙ୍କାଳ ଧରି ମଲ୍ଲିପୋଷି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କକୁ ନେବା ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାର ଅନୁସନ୍ଧାନ କରିବାକୁ ଶନିବାର ଅଖିଳ ଭାରତୀୟ ଯୁବ କଂଗ୍ରେସ ଜିତୁ ମୁଣ୍ଡାଙ୍କ ଘରକୁ ଯାଇ ଆଲୋଚନା କରିଛି। ସରକାର ଓ ରାଜସ୍ୱ ବିଭାଗକୁ ଆର୍‌ଡିସି କ୍ଲିନ୍‌ଚିଟ୍ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗକରି କଂଗ୍ରେସ ପକ୍ଷରୁ ନ୍ୟାୟିକ ତଦନ୍ତ ଦାବିକୁ ଦୋହରାଯାଇଛି। ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିଭ, ଜାତୀୟ କଂଗ୍ରେସ ସମ୍ପାଦକ ମନୀଷ ଶର୍ମା ଓ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନିର୍ଦ୍ଦେଶରେ ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରେଙ୍କ ନେତୃତ୍ୱରେ ରାଜ୍ୟ ଆଦିବାସୀ ସେଲ୍ ସଭାପତି ଯଶୋବନ୍ତ ନାରାୟଣ ଲାଗୁରି ପହଞ୍ଚି ଜିତୁ ମୁଣ୍ଡାଙ୍କ ସହ ଆଲୋଚନା କରିଥିଲେ। ପ୍ରତିକ୍ରିୟାରେ ସେ କହିଛନ୍ତି, ଦ୍ୱିତୀୟ ଥର କଂଗ୍ରେସ ଦଳ ତରଫରୁ ଜିତୁ ମୁଣ୍ଡାଙ୍କ ପ୍ରତି ଘଟିଥିବା ଅନ୍ୟାୟ ସମ୍ପର୍କରେ ବୁଝିବାକୁ ଆସିଥିଲୁ। ଆର୍‌ଡିସି ସରକାର ଓ ରାଜସ୍ୱ ବିଭାଗକୁ କ୍ଲିନ୍‌ଚିଟ୍ ଦେବାକୁ ଉଦ୍ୟମ ଚଳାଇଛନ୍ତି। ଆର୍‌ଡିସି କେବଳ ବ୍ୟାଙ୍କ କର୍ମଚାରୀଙ୍କୁ ଦୋଷ ଦେଇ ସରକାର ଓ ପ୍ରଶାସନର ବିଫଳତାକୁ ଘଣ୍ଟ ଘୋଡ଼ାଉଛି। ଜଣେ କୋଟିଂ ସେଣ୍ଟରର ମାଲିକ ପିଜିକ୍ସୱାଲା ଜିତୁଙ୍କୁ ୧୦ଲକ୍ଷ ଟଙ୍କା ଦେଇଥିବ ବେଳେ ଜିଲାର ଖଣି ମାଲିକ, ଶିଳ୍ପପତି ଓ ଏନ୍‌ଜିଓମାନେ କ'ଣ କରୁଛନ୍ତି ବୋଲି ଲାଗୁରି ପ୍ରକାଶ କରିଛନ୍ତି। କଂଗ୍ରେସ ବରିଷ୍ଠ ନେତା ଇଂ. ବିନୋଦ ବିହାରୀ ନାଏକ କହିଛନ୍ତି, ଜିଲାର ଆଦିବାସୀଙ୍କ ଜୀବନରେ ଏତେବଡ଼ ବିପତ୍ତି ପଡ଼ିଲା, ହେଲେ ଜିତୁ ମୁଣ୍ଡାଙ୍କ ଘରେ ମୁଖ୍ୟମନ୍ତ୍ରୀ ନ ପହଞ୍ଚିବା ଦୁର୍ଭାଗ୍ୟଜନକ। ଜିତୁଙ୍କ ଜମି କେତେଜଣ ସମ୍ଭ୍ରାନ୍ତ ଓ ପ୍ରତିପତିଶାଳୀ ଲୋକ ମାଡ଼ି ବସିଛନ୍ତି। ରାଜସ୍ୱ ବିଭାଗ କରୁଛି କ'ଣ ବୋଲି ସେ କହିଛନ୍ତି। ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଅଭିଜିତ ଜେନା, ପୂର୍ବତନ ରାଜ୍ୟ କଂଗ୍ରେସ ସମ୍ପାଦକ ସଂଗ୍ରାମ ଦାସ, ଜିଲା ସେବାଦଳ ଅଧ୍ୟକ୍ଷ ବୀରଭଦ୍ର ମହାନ୍ତ, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜିଲା କଂଗ୍ରେସ ଉପସଭାପତି ଲକ୍ଷ୍ମଣ ଦାଶ, ବିଧାନସଭା ଯୁବ କଂଗ୍ରେସ ସଭାପତି ପରମେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଯୁବକଂଗ୍ରେସ ପକ୍ଷରୁ ଜିତୁ ମୁଣ୍ଡାଙ୍କୁ ୫୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ଯୁବ କଂଗ୍ରେସର ପ୍ରତିନିଧି ଦଳ ଜିତୁ ମୁଣ୍ଡାଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

## ଏଏପି ନେତା ସଞ୍ଜୟ ସିଂ ଦେଲେ ୫୦ ହଜାର

ଅନ୍ୟପକ୍ଷେ ଗୁରୁବାର ରାଜ୍ୟ ସଭା ସଦସ୍ୟ ଓ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତା ସଞ୍ଜୟ ସିଂଙ୍କ ନିର୍ଦ୍ଦେଶରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ସଂଗଠନ ସମ୍ପାଦକ ସନ୍ଦୀପ୍ତ ଦାଶ, ଏଏପି ମୁଖପାତ୍ର ଲଳିତ ମୋହନ ଦାଶ ଅଧିକାରୀ, ଭୁବନେଶ୍ୱର ସଭାପତି ଜୟସୂର୍ଯ୍ୟ କାନୁନ୍‌ଗୋ, ଜିଲା ସଭାପତି ପ୍ରେମାନନ୍ଦ ସିଂ, ସରୋଜ ନାୟକ, ପାଟଣା ବ୍ଲକ୍ ସଭାପତି ଖଗେଶ୍ୱର ମହାନ୍ତ ପ୍ରମୁଖ ପ୍ରତିନିଧି ଦଳ ଜିତୁ ମୁଣ୍ଡାଙ୍କୁ ଭେଟିଥିଲା। ରାଜ୍ୟ ସଭାପତି ମହାପାତ୍ର ଜିତୁ ମୁଣ୍ଡାଙ୍କୁ ସଞ୍ଜୟ ସିଂଙ୍କ ପକ୍ଷରୁ ୫୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ଏହାସହ ଡିଆନାଳୀ ଗ୍ରାମରେ ପାନୀୟ ଜଳ ସମସ୍ୟା ଦୂରୀକରଣ ପାଇଁ ସଞ୍ଜୟ ସିଂ ତାଙ୍କ ଏମ୍‌ପି ପାଣ୍ଠିରୁ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିବା ଏଏପି ନେତା ସୂଚନା ଦେଇଛନ୍ତି।

# ମ୍ୟାନେଜରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲେ ଆନ୍ଦୋଳନ ଚେତାବନୀ

**କେନ୍ଦୁଝର,୨୫(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)**

ଟଙ୍କା ଉଠାଣ ପାଇଁ ଜିତୁ ମୁଣ୍ଡା ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କକୁ ଯାଇଥିବା ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଉତ୍ତରାଞ୍ଚଳ ଆର୍‌ଡିସି ତଦନ୍ତ କରିଛନ୍ତି। ତେବେ ଆର୍‌ଡିସି ଦେଇଥିବା ବ୍ୟାଙ୍କ ବିରୋଧରେ ମତାମତକୁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏସ୍‌ସି, ଏସ୍‌ଟି ଏମ୍ପ୍ଲୋଇଜ ୱେଲ୍‌ଫେଆର କାଉନ୍‌ସିଲ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଯୁକ୍ତ ଖବରଦାତା ସମ୍ମିଳନୀ ଶୁକ୍ରବାର କେନ୍ଦୁଝରର ଏକ ହୋଟେଲରେ

### ଜିତୁ ମୁଣ୍ଡା ଘଟଣାରେ ବ୍ୟାଙ୍କ ଅଫିସର୍ସ ସଂଘର ଖବରଦାତା ସମ୍ମିଳନୀ

ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସମ୍ମିଳନୀରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅଫିସର୍ସ ଆସୋସିଏଶନର ସଭାପତି ମାନଭଞ୍ଜନ ମିଶ୍ର କହିଛନ୍ତି, ଆର୍‌ଡିସି ତଦନ୍ତ ଶେଷ ନ କରି ବ୍ୟାଙ୍କ ଓ କର୍ମଚାରୀଙ୍କୁ ଦୋଷୀ ବୋଲି କହିଲେ। ତଦନ୍ତକରି ସେ ସରକାରଙ୍କୁ ରିପୋର୍ଟ ଦେବା ପରେ ସରକାର ନିଷ୍ପତ୍ତି ନେଇଥାନ୍ତେ। ଘଟଣାରେ ବ୍ୟାଙ୍କ ନୀତିନିୟମ ଅନୁସାରେ କାମ ସମ୍ପନ୍ନ ହୋଇଛି। ଏଣୁ ମଲ୍ଲିପୋଷି ଗ୍ରାମ୍ୟ ବ୍ୟାଙ୍କର ମ୍ୟାନେଜର ସୁଶାନ୍ତ କୁମାର ସେଠୀଙ୍କର କୌଣସି ଭୁଲ୍ ନାହିଁ। ଏଣୁ ତାଙ୍କ ବିରୋଧରେ ବିନା ତଦନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଉଭୟ ସଂଘର କାର୍ଯ୍ୟକର୍ତ୍ତାଙ୍କ ସମେତ ଏସ୍‌ସି, ଏସ୍‌ଟି କାଉନ୍‌ସିଲର ସଭାପତି ଦୀପକ ନାଏକ, ସେକ୍ରେଟାରି ପ୍ରଦ୍ୟୁମ୍ନ ବେହେରା, ଅଲ୍ ଏଓଜିବିଓର ସଭାପତି ମାନଭଞ୍ଜନ ମିଶ୍ର ଓ ଜିବିଓଓର ସାଧାରଣ ସମ୍ପାଦକ ସଇଲେଶ୍ୱର ପଣ୍ଡା ସାମିଲ ଥିଲେ। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଉତ୍ତରାଞ୍ଚଳ ଆର୍‌ଡିସି ଏହାର ତଦନ୍ତ କରିଥିଲେ। ତଦନ୍ତ ବେଳେ ଆର୍‌ଡିସି ଏଭଳି ଲଜ୍ଜାଜନକ ଘଟଣା ପାଇଁ ମିଡିଆ ଆଗରେ ବ୍ୟାଙ୍କ ଅଧିକାରୀଙ୍କୁ ଦାୟୀ କରିଥିଲେ।

# ଅତିଥି ଅଧ୍ୟାପିକାଙ୍କ ଆତ୍ମହତ୍ୟା

ଫୁଲବାଣୀ,୨୫ (ରାକେଶ କୁମାର ରାଉତ)

ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଅତିଥି ଅଧ୍ୟାପିକା ଆତ୍ମହତ୍ୟା କରିଛନ୍ତି। ସ୍ଥାନୀୟ ମାଦିକୁନ୍ଦାସ୍ଥିତ ଭଡ଼ାଘରୁ ତାଙ୍କ ମୃତଦେହକୁ ପରିବାର ଲୋକଙ୍କ ଉପସ୍ଥିତିରେ ପୋଲିସ ଶନିବାର ଜବତ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ଅତିଥି ଅଧ୍ୟାପିକା ହେଲେ ଗଞ୍ଜାମ ଜିଲା ଶ୍ରୀରାମନଗର ଅଞ୍ଚଳର ତେଜସ୍ୱିନୀ ପାଢ଼ୀ(୨୬)।

